

ଅଗଷ୍ଟ ୧ରେ 'ଛିରେ ନନୀ'

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-30 THURSDAY 24 JULY 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୩୦ ଗୁରୁବାର ୨୪ ଜୁଲାଇ ୨୦୨୫ ପୃଷ୍ଠା-୧୨ ଟ.୬.୦୦


# ଗାଜିଆବାଦ୍‌ରେ ନକଲି ଦୂତାବାସ



■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଦୁଇ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ କୋଠା। ଉଡୁଛି ବିଦେଶୀ ପତାକା। ଘର ଆଗରେ ୪ଟି ଦମୀ କାର। ପୁଣି ଏଥିରେ କୂଟନୈତିକ ନମ୍ବର। ଗୋଟିଏ କାରର ନେମ୍ ପ୍ଲେଟରେ ଲେଖା ହୋଇଛି - ଗ୍ରାଣ୍ଡ ଡଚି ଅଫ୍ ୱେଷ୍ଟାରଟିକା। ହିଜ୍ ଏକ୍ସେଲେନ୍ସି ଏଚଭି ଜୈନ। ଅନରାରୀ କନସେଲ। କିନ୍ତୁ ଏହା ଯେ ନକଲି ଏହାର ଟେର୍ କେହି ପାଇ ପାରିନଥିଲେ। ପାଖରେ ପୁଲିସ କମିସନର ଅଫିସ ଥିଲେ ମଧ୍ୟ କେହି ଏହାକୁ ସନ୍ଦେହ ଘେରକୁ ଆଣିପାରି ନଥିଲେ।

ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଦୀର୍ଘ ଦିନ ଧରି ଚାଲିଥିଲା ଏହି ନକଲି ଦୂତାବାସ। ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ଠକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଏହାର ପର୍ଦ୍ଦାଫାସ ହୋଇଛି। ତା ପାଖରେ ଭିଆଇପି ନଂ ବିଶିଷ୍ଟ ୪ଟି

## ରାଷ୍ଟ୍ରଦୂତ ନକଲି, ଗାଡ଼ି ନମ୍ବର ବି ନକଲି

ବିଳାସପୂର୍ଣ୍ଣ କାର୍ ଜବତ କରାଯାଇଛି। ଏଥିସହ ଭିନ୍ନ ଭିନ୍ନ ଦେଶ ଓ କମ୍ପାନୀଗୁଡ଼ିକର ୩୪ଟି ଷ୍ଟାମ୍ପକୁ ମଧ୍ୟ ଜବତ କରାଯାଇଛି। ଏହା ବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟର ମୋହର ଲାଗିଥିବା ନକଲି କାଗଜ ଓ ନଗଦ ୪୪.୭୦ ଲକ୍ଷ ଟଙ୍କା ମଧ୍ୟ ଏସ୍‌ଟିଏଫ୍ ଜବତ କରିଛି। ହର୍ଷବର୍ଦ୍ଧନ କେଭି ୩୫ କବିନଗରରେ ଏକ ବିଳାସପୂର୍ଣ୍ଣ ଘରା ଭଡା ନେଇ ଅବୈଧ ଭାବେ 'ୱେଷ୍ଟ ଆର୍କଟିକ ଦୂତାବାସ' ଚଳାଉଥିଲା। ଏହି ଅଞ୍ଚଳରେ ପୁଲିସ କମିସନ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମେତ ଏକାଧିକ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ନକଲି ଦୂତାବାସ ବାହାରେ ଅନୁପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ନେମ୍ ପ୍ଲେଟ ରହିଛି। ଏହଠାରୁ ୧୦୦ମିଟର ଦୂରରେ ଥିବା ଦ୍ୱିତୀୟ ଘରେ ହର୍ଷବର୍ଦ୍ଧନ ଯିବା ଆସିବା କରୁଥିଲା ଓ ଏହା ତାଙ୍କ ବାପାଙ୍କ ଥିଲା। ୪୭ ବର୍ଷୀୟ ହର୍ଷବର୍ଦ୍ଧନ ଗାଜିଆବାଦ୍‌ରୁ ବିବିଏ କରିବା ପରେ ଲଣ୍ଡନରେ ଏମ୍‌ବିଏ କରିଥିଲା। ତା ପିତା ଜଣେ ଉଦ୍ୟୋଗପତି ଥିଲେ ଓ ରୋଲିଂ ମିଲର ମାଲିକ ଥିଲେ।

ସେ ନିଜକୁ ୱେଷ୍ଟ ଆର୍କଟିକ, ସାବୋର୍ଘା, ପୁଲାୱିଆ ଓ ଲୋଡୋନିଆ ଦେଶର କନସୁଲ ଆମ୍ବାସାଡାର ବା ରାଜଦୂତର ପରିଚୟ ଦେଉଥିଲା। କିନ୍ତୁ ବିଶ୍ୱରେ ଏହି ନାମରେ କୌଣସି ଦେଶ ନାହିଁ। ସେ ଡିପ୍ଲୋମାଟିକ ନମ୍ବର ପ୍ଲେଟ ଲଗାଇ ଗାଡି ଚାଳାଉଥିଲା। ଲୋକଙ୍କୁ ପ୍ରଭାବିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ନିଜର ନକଲି ଫଟୋ ପ୍ରସ୍ତୁତି କରି ତା'ର ଅବୈଧ ବ୍ୟବହାର କରୁଥିଲା। ବିଦେଶରେ ଚାକିରି କରାଇଦେବା ଲୋଭ ଦେଖାଇ ସେ ଦଲାଲି କରୁଥିଲା ଏବଂ ବିଭିନ୍ନ ଶେଲ କମ୍ପାନୀ ଜରିଆରେ ହାୱାଲା ର୍ୟାକେଟ୍ ଚଳାଉଥିଲା। ତାଠାରୁ ଦୁଇଟି ନକଲି ପ୍ରେସ୍ କାର୍ଡ, ପ୍ୟାନ କାର୍ଡ, ୧୨ଟି ଡିପ୍ଲୋମାଟିକ୍ ପାସ୍‌ପୋର୍ଟ, ଏକାଧିକ ଦେଶରେ ବିଦେଶୀ ମୁଦ୍ରା, ବଭିନ୍ନ କମ୍ପାନୀ କାଗଜପତ୍ର, ୧୮ଟି ଡିପ୍ଲୋମାଟିକ ନମ୍ବର ଜବତ କରାଯାଇଛି। ଚଢାଉ ପୂର୍ବରୁ ଏସ୍‌ଟିଏଫ୍ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମାଧ୍ୟମରେ ବୈଦେଶିକ ମନ୍ତ୍ରଣାଳୟକୁ ନକଲି ଦୂତାବାସ ଚାଲୁଥିବା ନେଇ ସୂଚନା ଦେଇଥିଲା।

# ସଂସଦ ଅଚଳାବସ୍ଥା ଜାରି

## ଆସନ୍ତା ସପ୍ତାହରେ 'ପହଲଗାମ', 'ଅପରେସନ ସିନ୍ଦୂର' ଆଲୋଚନା

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବିରେ ସଂସଦ ଆଜି ବି ଅଚଳ ରହିଛି। ଆଲୋଚନା ପାଇଁ ବିରୋଧୀ ଦଳ ଏହାର ଜିଦରେ ଅଟଳ ରହିଥିବା ବେଳେ ସରକାର ରାଜି ହେଉ ନାହାନ୍ତି। ଅନ୍ୟପକ୍ଷରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ଆସନ୍ତା ସପ୍ତାହ ସଂସଦରେ ଆଲୋଚନ ପାଇଁ ସ୍ଥିର ହୋଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ତେବେ ପ୍ରଧାନମନ୍ତ୍ରୀ ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।




ବିହାର ଭୋଟର ତାଲିକା ସଂଶୋଧନ ନେଇ ଉତ୍କ୍ଷିପ୍ତ ଥିବା ସମସ୍ତ ବିରୋଧୀ ଦଳ ଏହା ଉପରେ ଆଲୋଚନା ପାଇଁ ସଂସଦରେ ଆଜି ଅଡ଼ିବସିଥିଲେ। ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଭ୍ୟମାନେ ସେମାନଙ୍କ ଦାବିରେ ସ୍ଲୋଗାନବାଜି କରିବା ସହିତ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇଟା ପରେ ପୁଣି ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ▶ପୃଷ୍ଠା-୭

## ଅଗଷ୍ଟ ଶେଷ ସୁଦ୍ଧା ଉପରାଷ୍ଟ୍ରପତି ନିର୍ବାଚନ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଅଗଷ୍ଟ ମାସ ଶେଷ ଆଡକୁ ନୂଆ ଉପରାଷ୍ଟ୍ରପତି ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ କମିସନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସଂପର୍କରେ ସ୍ୱରାଷ୍ଟ୍ର ବିଭାଗ କମିସନଙ୍କୁ ଜଣାଇଦେବା ପରେ କମିସନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦୁଇରୁ ଚାରି ଦିନ ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ-୧୯୫୨ ଅନୁଯାୟୀ ବିଜ୍ଞପ୍ତି ଜାରି ହେବାର ୩୨ ଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବା ଜରୁରୀ। ବିଜ୍ଞପ୍ତି ଜାରି ହେବାର ୧୪ ଦିନ ମଧ୍ୟରେ ମନୋନୟନପତ୍ର ଦାଖଲ କରିବେ ପ୍ରାର୍ଥୀ। ଏହାପରେ ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବାପରେ ଭୋଟଗ୍ରହଣ କରାଯିବ। ▶ପୃଷ୍ଠା-୭

**ପ୍ରକ୍ରିୟା ଆରମ୍ଭ କଲେ ନିର୍ବାଚନ କମିସନ**

**ଭେଟିବାକୁ ବିରୋଧୀଙ୍କ ଲମ୍ବାଧାଡ଼ି**



## ଧରାଛୁଆଁ ଦେଉନାହାନ୍ତି ଧନଖଡ଼

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଉପରାଷ୍ଟ୍ରପତି ପଦରୁ ଯେଉଁଦିନ ଇସ୍ତଫା ଦେଲେ, ସେହିଦିନ ଠାରୁ ଘର ଖାଲି କରିବା ଆରମ୍ଭ କରିଦେଇଛନ୍ତି ଜଗଦୀପ ଧନଖଡ଼। ମିଳିଥିବା ସୂଚନା ଅନୁଯାୟୀ ଗତ ୨୧ ତାରିଖ ରାତି ୯ଟାରେ ଧନଖଡ଼ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବା ପରେ ୯ଟା୨୫ରେ ଏହି ଇସ୍ତଫାପତ୍ରର ନକଲକୁ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଥିଲେ। ସେହି ରାତିରୁ ହିଁ ସେ ଉପରାଷ୍ଟ୍ରପତି ଭବନରୁ ନିଜର ଜିନିଷପତ୍ର ପ୍ୟାକିଂ କରିବା ଆରମ୍ଭ କରିଦେଇଥିଲେ। ପାର୍ଲାମେଣ୍ଟ ହାଉସ ନିକଟବର୍ତ୍ତୀ ଚର୍ଚ୍ଚ ରୋଡ୍‌ରେ ନବନିର୍ମିତ ଭାଇସ୍ ପ୍ରେସିଡେଣ୍ଟ ଏନ୍‌କ୍ଲେଭରେ ରହୁଛନ୍ତି ଧନଖଡ଼। ଗତବର୍ଷ ଏପ୍ରିଲ ମାସରେ ସେ ଏହି ନୂଆ ଘରକୁ ଆସିଥିଲେ। ଏଠି ୧୫ ମାସ ରହିବା ପରେ ୭୪ ବର୍ଷୀୟ ଧନଖଡ଼ ଘର ଖାଲି କରିବା ଆରମ୍ଭ କରିଛନ୍ତି। ଜଣେ ସରକାରୀ ଅଧିକାରୀ ▶ପୃଷ୍ଠା-୭

# ୨୦୨୬ରୁ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ୨୦୨୬ ଜାନୁଆରୀ ପହିଲାରୁ ଦେଶରେ ଲାଗୁ ହେବ ୮ମ ବେତନ ଆୟୋଗଙ୍କ ସୁପାରିସ। ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ୨୦୨୫ ଜାନୁଆରୀ ୧୬ରେ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଥିଲେ। ଆୟୋଗ ଦେଶର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ସମୀକ୍ଷା କରିବେ।

୮ମ ବେତନ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ ପ୍ରତିରକ୍ଷା କର୍ମଚାରୀଙ୍କ ସମେତ ଦେଶର୫୦ ଲକ୍ଷରୁ ଅଧିକ କେନ୍ଦ୍ରୀୟ କର୍ମଚାରୀ ଏବଂ ପ୍ରାୟ ୬୫ ଲକ୍ଷ ପେନସନଭୋଗୀ ଦରମା, ପେନସନ ଏବଂ ଭତ୍ତା ସଂଶୋଧନରୁ ଉପକୃତ ହେବେ। ଆଶା କରାଯାଉଛି ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ପରେ ଲେବଲ-୧ କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ଟଙ୍କାରୁ ୫୧,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଆୟୋଗ ୨.୮୬ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରିବେ। ଏହା ଦରମା ବୃଦ୍ଧିର କାରଣ। ସେହିପରି, ଅନ୍ୟ ସ୍ତରର କର୍ମଚାରୀଙ୍କ ଦରମା ମଧ୍ୟ ଫିଟମେଣ୍ଟ ଫ୍ୟାକ୍ଟର ଆଧାରରେ ବୃଦ୍ଧି ପାଇବ। କର୍ମଚାରୀଙ୍କ ସ୍ତର ମିଶ୍ରଣ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା।

## ପୁରୁଣା ପେନ୍‌ସନ୍ ସ୍କିମ୍ କାର୍ଯ୍ୟକାରୀ କରିବାକୁ କର୍ମଚାରୀଙ୍କ ଦାବି

ହେଲେ ୮ମ ବେତନ ଆୟୋଗଙ୍କ ସୁପାରିସକୁ ନେଇ ସରକାରୀ କର୍ମଚାରୀମାନେ ଏହାକୁ ନେଇ ସେତେଟା ଖୁସିନାହାନ୍ତି। ସେମାନେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏଥିରେ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃସଂସ୍ଥାପିତ କରିବା ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସୁବିଧା ବୃଦ୍ଧି କରିବା ଭଳି ଦାବି ଅନ୍ତର୍ଭୁକ୍ତ। କର୍ମଚାରୀଙ୍କ ପ୍ରତିନିଧିମାନେ ୨୦୦୪ ପରେ ଚାକିରି ଆରମ୍ଭ କରିଥିବା ସରକାରୀ କର୍ମଚାରୀଙ୍କ ▶ପୃଷ୍ଠା-୭

### ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

# ପାଖରେ ଥିବା ଦୁଇ ଛାତ୍ରୀଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ

■ ଘଟଣା ପରଠାରୁ କଲେଜ ଆସୁନାହାନ୍ତି
■ ହ୍ୱାଟସ୍‌ଆପ୍‌ରେ ସେୟାର ହେଲା ଫଟୋ
■ ଅନ୍ୟ ଦୁଇ ଛାତ୍ରୀଙ୍କ ବୟାନ ରେକର୍ଡ

■ ବାଲେଶ୍ୱର, ୨୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ଗତ ୧୨ ତାରିଖ ଶନିବାର ଦିନ ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ନିକଟରେ ଦୁଇଜଣ ଛାତ୍ରୀ ଉପସ୍ଥିତ ଥିଲେ। ତେବେ ଉକ୍ତ ଘଟଣା ପରଠାରୁ ଉଭୟଙ୍କ ଖୋଜଖବର ମିଳୁନି। ବୁଧବାର କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଦୁଇ ଛାତ୍ରୀଙ୍କ ଫଟୋକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କୁ ଦେଇ ଚିହ୍ନଟ କରିବା ପାଇଁ କହିଥିଲେ। ହେଲେ ଏଯାବତ୍ ସମ୍ପୃକ୍ତ ଦୁଇ ଛାତ୍ରୀଙ୍କ ପରିଚୟ ଜଣାପଡ଼ିନି।

କଲେଜ ଅଧ୍ୟକ୍ଷ ଶ୍ରୀ ପାଢ଼ୀ କହିଛନ୍ତି ଯେ ଘଟଣା ଦିନ ସୌମ୍ୟାଶ୍ରୀଙ୍କ ନିକଟରେ ଉପସ୍ଥିତ ଥିବା ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ରୀ ଭଳି ଲାଗୁଥିବା ବେଳେ ଅନ୍ୟଜଣଙ୍କ ସଂପର୍କରେ ସଠିକ୍ ଭାବେ ଜଣାପଡ଼ିନାହିଁ। ଏପରିକି, ଭାଇରାଲ ଭିଡିଓରେ ସେମାନଙ୍କ ଫଟୋ ସଠିକ୍ ଭାବେ ଆସୁନଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ସେମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅପରପେକ୍ଷ, କିଛି ମୋବାଇଲ ନମ୍ବର ମଧ୍ୟ କ୍ରାଇମବ୍ରାଞ୍ଚକୁ କଲେଜ ପକ୍ଷରୁ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନଙ୍କର ସନ୍ଧାନ ମିଳିପାରିବ। ଏହାଛଡ଼ା ସେମାନଙ୍କର ଫଟୋକୁ କଲେଜର ସମସ୍ତ ହ୍ୱାଟ୍ସଆପ୍ ଗ୍ରୁପ ଏବଂ ଛାତ୍ରଛାତ୍ରୀଙ୍କ ଗ୍ରୁପରେ ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଆଉ ଦୁଇଜଣ ଛାତ୍ରୀଙ୍କର ବୟାନ ରେକର୍ଡ ହୋଇଛି। ବିଏନ୍‌ଏସ୍ ଧାରା ୧୮୩ ଅନୁସାରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଡିଏସପି ଇମାମ କଲ୍ୟାଣ ନାୟକ କହିଛନ୍ତି ଯେ ଆଜି ଦୁଇଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ଘଟଣା

**ଚାରି ଦିନ ପରେ ବି ହାତ ଖାଲି**

# ଗାଏବ ହୋଇଗଲେ କି ଅଭିଯୁକ୍ତ ?

■ ପୁରୀ, ୨୩।୭ (ସମିସ): ରସାତଳକୁ ଗଲାଣି ରାଜ୍ୟରେ ଆଇନଶୃଙ୍ଖଳା। ବାଲେଶ୍ୱରରୁ ବଳଙ୍ଗା, ଯାଜପୁରରୁ ଜଗତ୍‌ସିଂହପୁର ଜାତୀୟସ୍ତରରେ ରାଜ୍ୟକୁ ବଦ୍‌ନାମ କଲାଣି। ଏଠି ମହିଳା ହିଂସା, ନାରୀ ନିର୍ଯାତନା ଆଉ ସରକାରଙ୍କ କାବୁରେ ନାହିଁ। ଅପରାଧୀ ବେଫିକର, ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ମାଳ ମାଳ ଅଭିଯୋଗ ଆସୁଛି। ଏସବୁ ଭିତରେ ସବୁଠୁ ଅଧିକ ଲୋମହର୍ଷଣକାରୀ ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ। ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜୀଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୭୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବା ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଜୀବନ ସହ ଜୁଝି ହେଉଥିବା ବେଳେ ଏପଟେ କିଏ ସେ ଅଭିଯୁକ୍ତ ତାହା ଉପରୁ ପରଦା ହଟିପାରୁ ନାହିଁ। ଏହି ସମ୍ବେଦନଶୀଳ ଘଟଣାକୁ ଇତିମଧ୍ୟରେ ପାଞ୍ଚଦିନ ବିତିଲାଣି। ହେଲେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଥଳକୂଳ ପାଉ ନ ଥିବାବେଳେ ତଦନ୍ତ ନାଁରେ ଖାଲି ଅଣ୍ଡାଳି ହେଉଛନ୍ତି।


## ଅଣ୍ଡାଳି ହେଉଛନ୍ତି ପୁଲିସ, କ୍ରାଇମ୍‌ବ୍ରାଞ୍ଚ

## ଘଟଣାସ୍ଥଳରୁ ମିଳିଥିବା ମୁଦି, ଚୁଡ଼ି କାହାର?

ଗତ ଶନିବାର ସକାଳେ ଏହୀ ଲୋମହର୍ଷଣକାରୀ ଘଟଣା ଘଟିବା ପରଠାରୁ ବଳଙ୍ଗା ଚର୍ଚ୍ଚାରେ ରହିଛି। ଏହି ପ୍ରସଙ୍ଗ ଏବେ କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରରେ ବି ଆଲୋଡନ ଖେଳାଇଛି। ଏପରି କି ସୁପ୍ରିମ୍‌କୋର୍ଟ ମଧ୍ୟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛି ପୁଲିସ। ଏହି ଘଟଣା ଜଣାପଡିବା ପରେ ବଳଙ୍ଗାକୁ ଧାଇଁଛନ୍ତି ନେତା, ମନ୍ତ୍ରୀଙ୍କ ସମେତ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ। ବିଭିନ୍ନ ରାଜନୈତିକ ନେତୃତ୍ୱ ଘନ ଘନ ଗସ୍ତ କରୁଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟିବା ▶ପୃଷ୍ଠା-୭

### ବାହାସ୍ଫୋଟ ମାରି ପଛଘୁଞ୍ଚା ଦେଲେ ଯୋଗାଣ ମନ୍ତ୍ରୀ

# ଆଳୁ ପାଇଁ ପୁଣି ପଶ୍ଚିମବଙ୍ଗକୁ ହାତ ପତାଇବେ



## ଉତ୍ପାଦନରେ ଆତ୍ମନିର୍ଭର ଧୂଆଁବାଣ

## ତୀବ୍ର ସମାଲୋଚନା କଲେ ବିରୋଧୀ

■ ଭୁବନେଶ୍ୱର, ୨୩।୭ (ସମିସ): ଗତବର୍ଷ ଅଗଷ୍ଟ ମାସରେ ଘୋର ଆଳୁ ସଂକଟର ସାମ୍ନା କରିଥିଲା ଓଡ଼ିଶା। ଆଳୁ ପାଇଁ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବର୍ଷ ବି ସେଭଳି ସ୍ଥିତି ହେବା ନେଇ ଆଶଙ୍କା ସୃଷ୍ଟି ହେଲାଣି। କାରଣ ଗତବର୍ଷ ଆଳୁର ତିରୋଟ ସମୟରେ ପଶ୍ଚିମବଙ୍ଗ ଓଡ଼ିଶାକୁ ରପ୍ତାନୀ ବନ୍ଦ କରି ଦେଇଥିଲା। ସେତେବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାହାସ୍ଫୋଟ ମାରି କହିଲେ, ଆମେ ଏଥର ଆଳୁ ନିଜେ ଚାଷ କରିବୁ। ପଶ୍ଚିମବଙ୍ଗ ଉପରେ ଆଉ ନିର୍ଭରଶୀଳ ହେବୁନି। ଆମ ରାଜ୍ୟ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ। ଏଥିପାଇଁ ସରକାର କୃଷି ବିଭାଗ ସହ ମିଶି ସମସ୍ତ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ଫଳାଫଳ ଦେଖିବେ ରାଜ୍ୟବାସୀ। ମାତ୍ର ବର୍ଷକ ପରେ ଯୋଗାଣ ମନ୍ତ୍ରୀ ନିଜ ମତ ବଦଳାଇଛନ୍ତି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମ ରାଜ୍ୟର ଆବଶ୍ୟକତାନୁସାରେ ଆମେ ଆଳୁ ଉତ୍ପାଦନ କରିପାରିନୁ। ଆମକୁ ପଶ୍ଚିମବଙ୍ଗରୁ ଆଣିବାକୁ ପଡ଼ିବ। ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଏ ବାବଦରେ ଆଲୋଚନା କରିବି। ମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପରେ ବିରୋଧୀ ଉଭୟେ ବିଜେଡି ଓ କଂଗ୍ରେସ ତୀବ୍ର ସମାଲୋଚନା କରିଛନ୍ତି।

ସୂଚନାନୁସାରେ, ଆମ ରାଜ୍ୟରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ରହିଛି। ଏଥିରୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଓଡ଼ିଶା ଚାଷୀ ଉତ୍ପାଦନ କରିଥାନ୍ତି। ବାକି ପଶ୍ଚିମବଙ୍ଗଠାରୁ ଆମଦାନୀ କରିବାକୁ ପଡ଼ିଥାଏ। ମାତ୍ର ଚଳିତବର୍ଷ ଆମ ରାଜ୍ୟରେ ଆଉ ୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ବୃଦ୍ଧି ପାଇଛି। ଏବେ ବି ରାଜ୍ୟବାସୀଙ୍କ ଭରଣା ପାଇଁ ଆହୁରି ୯ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ରହିଛି। ▶ପୃଷ୍ଠା-୭

**ଆଜି ସୃଷ୍ଟିହେବ ଲଘୁଚାପ**

# ୨୭ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୨୩।୭ (ସମିସ): ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ ଗୁରୁବାର ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଲଘୁଚାପ ସୃଷ୍ଟି ପରେ ଏହା ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ଅବପାତର ରୂପ ନେବାକୁ ଥିବାରୁ ଆଗକୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହ ଲଘୁଚାପ ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବାକୁ ଥିବା ବେଳେ ୨୪ ଓ ୨୫ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଗୁରୁବାର ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ଚାରି ଜିଲ୍ଲାରେ ୭ରୁ ୨୦ ସେମି ବର୍ଷା ନେଇ ଅରେଞ୍ଜ ଆର୍ଲଟ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଜପତିକୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ଆସନ୍ତା ▶ପୃଷ୍ଠା-୭






# ବିହାରର ପ୍ରତି ନିର୍ବାଚନମଣ୍ଡଳୀରୁ ବାଦ୍‌ହେବେ ୨୩ ହଜାର ଭୋଟର

ପାଟନା, ୨୩।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରୁ ୫୬ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯିବ। ଯାଞ୍ଚ କରି ନ ଥିବା ଭୋଟରଙ୍କ ମଧ୍ୟରେ ୨୦ ଲକ୍ଷ ମୃତ୍ୟୁବରଣ କରିଥିବାବେଳେ ୨୮ ଲକ୍ଷ ଅନ୍ୟ ରାଜ୍ୟର ବାସିନ୍ଦା ହୋଇ ଯାଇଛନ୍ତି। ୭ ଲକ୍ଷ ଲୋକ ଦୁଇଟି ସ୍ଥାନରେ ପଞ୍ଜିକରଣ କରିଥିବାବେଳେ ଲକ୍ଷେ ଲୋକଙ୍କୁ ଠାବ କରାଯାଇପାରି ନାହିଁ। ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୧୫ ଲକ୍ଷ ଭୋଟର ଯାଞ୍ଚ ଫର୍ମ ଫେରାଇ ନାହାନ୍ତି ବୋଲି କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ୫୨ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଛି ବୋଲି ଇସି କହିଥିଲେ। ବିହାରରେ ମୋଟ ୨୪୩ ବିଧାନସଭା ଆସନ ରହିଛି। ୫୬ ଲକ୍ଷ ଲୋକଙ୍କୁ ତାଲିକାରୁ ବାଦ ଦେଲେ ପ୍ରତି ନିର୍ବାଚନମଣ୍ଡଳୀରୁ ୨୩, ୦୪୫ ଭୋଟରଙ୍କୁ ଭୋଟ ଦେବାକୁ ଅଧିକାର ମିଳିବ ନାହିଁ। ତେବେ ବିରୋଧୀ ଏହାକୁ ବିରୋଧ କରିଛନ୍ତି। ଯଦି ପୂର୍ବରୁ ଥିବା ଭୋଟର ତାଲିକାରୁ ଏକ ପ୍ରତିଶତ ଭୋଟରଙ୍କୁ ବି ବାଦ ଦିଆଯାଏ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ ବୋଲି ବିରୋଧୀ କହିଛନ୍ତି। ଇସି ବିଜେପି ଇଙ୍ଗିତରେ ଚାଲିଛନ୍ତି ବୋଲି ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ଏଭଳି ସ୍ଥିତିରେ ନିର୍ବାଚନ କରାଇବା ନିରର୍ଥକ। ଏହାକୁ ନେଇ ଇଣ୍ଡିଆ ମେଣ୍ଟ ନିର୍ବାଚନ ବର୍ଜନ କରିବ କି ବୋଲି ତେଜସ୍ୱୀଙ୍କୁ ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏହା ଉପରେ ବିଚାର କରାଯିବ ବୋଲି ସେ କହିଥିଲେ।

ଅହମଦାବାଦ ବିମାନ ଦୁର୍ଘଟଣା

## ୨ ବ୍ରିଟିଶ ପରିବାରକୁ ଯାଇଛି ଭୁଲ ମୃତଦେହ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ବ୍ରିଟେନର ଦୁଇ ପରିବାରକୁ ଭୁଲ ମୃତଦେହ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ମୃତଦେହଗୁଡିକର ଡିଏନ୍‌ଏ ମେଳ ଖାଉନି ବୋଲି ଏହି ଦୁଇ ପରିବାରର ଓକିଲ ଜେମ୍ସ ହିଲି କହିଛନ୍ତି। ଅନ୍ତିମ ସଂସ୍କାର କରିବା ପୂର୍ବରୁ ଏହା ଜଣାପଡ଼ିଥିଲା। ଫଳରେ ଅନ୍ତିମ ସଂସ୍କାର କର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏନେଇ ଏୟାର ଇଣ୍ଡିଆ ଯାଞ୍ଚ ଆରମ୍ଭ କରିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇନାହିଁ। ଏବେ ବ୍ରିଟିଶ ଅଧିକାରୀମାନଙ୍କ ସହ ସାଥି ହୋଇ କାର୍ଯ୍ୟ କରିବୁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ତେବେ ଭାରତରେ ଅଧିକାରୀମାନେ ନିୟମ ଅନୁସାରେ ମୃତଦେହଗୁଡିକର ପରିଚୟ ନିର୍ଦ୍ଧାରଣ କରିଥିଲେ। ୧୩ଟି ମୃତଦେହକୁ ବ୍ରିଟେନ ପଠାଯାଇଥିଲା।

## କେଦାରନାଥକୁ ୭ କିମିର ଟନେଲ ନିର୍ମାଣ ହେବ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): କେନ୍ଦ୍ରୀୟ ସଡକ ପରିବହନ ମନ୍ତ୍ରଣାଳୟ କେଦାରନାଥ ପର୍ଯ୍ୟନ୍ତ ୭ କିମି ଲମ୍ବର ସୁଡ଼ଙ୍ଗ ବା ଟନେଲ ନିର୍ମାଣ କରିବାକୁ ଯୋଜନା କରୁଛି। ଯଦି ଏହା ସମ୍ଭବ ହୁଏ, ତେବେ ଆଗାମୀ ୪-୫ ବର୍ଷରେ କେଦାରନାଥ ମନ୍ଦିରକୁ ଯିବା ପାଇଁ ଦୁଇଟି ରାସ୍ତା ଶ୍ରାଦ୍ଧାଳୁଙ୍କ ପାଇଁ ଉପଲବ୍ଧ ହେବ। ଗୋଟିଏ ରାସ୍ତା ସବୁ ଋତୁରେ ମନ୍ଦିର ପର୍ଯ୍ୟନ୍ତ ସିଧା ଯାଇ ପହଞ୍ଚିବ। ଏବେ ଗୌରୀକୁଣ୍ଡରୁ ରାମବାଡା- ଲିଚୋଲି ବାଟ ଦେଇ କେଦାର ଧାମ ପର୍ଯ୍ୟନ୍ତ ପାଦରେ ଚାଲିବାକୁ ହେଉଛି ଓ ଏହି ରାସ୍ତା ୧୬ କିମି ଲମ୍ବା। ଟନେଲ ହେବା ପରେ ଆଉ ମାତ୍ର ୫ କିମି ବାକି ରହିବ। ଅର୍ଥାତ ମୋଟ ଉପରେ ୧୬ କିମି ରାସ୍ତା କମ ହେବ। ୨୦୧୩ରୁ ୨୦୨୪ ପର୍ଯ୍ୟନ୍ତ ହୋଇଥିବା ଏକାଧିକ ପ୍ରାକୃ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନୂଆ ନିରାପଦ ରାସ୍ତା ନିର୍ମାଣ କରିବାକୁ ଯୋଜାନ ଆରମ୍ଭ କରିଛନ୍ତି। ଏଥିପାଇଁ ସର୍ଭେକ୍ଷଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନୂଆ ରାସ୍ତ ଲ୍ୟାଣ୍ଡ ସ୍ଲାଇଡ୍ ଜୋନରେ ନାହିଁ। ପୁରୁଣା ରାସ୍ତାରୁ ଏହା ଅଧିକ ସୁରକ୍ଷିତ ବୋଲି କୁହାଯାଇଛି।

## ୪ ଅଲ୍‌କାଏଦା ଆତଙ୍କବାଦୀ ଗିରଫ

ଅହମଦାବାଦ୍, ୨୩।୭ (ଏଜେନ୍ସି): ୪ ଜଣ ଅଲ-କାଏଦା ଆତଙ୍କବାଦୀଙ୍କୁ ଗରିଫ୍ କରିଛି ବୋଲି ଗୁଜରାଟ ଆଣ୍ଟି ଟେରରିଷ୍ଟ ସ୍କାଡ (ଏଟିଏସ୍) ସୂଚନା ଦେଇଛି। ଗୁଜରାଟରୁ ଦୁଇ, ଦିଲ୍ଲୀ ଓ ନୋଇଡାରୁ ଜଣେ ଲେଖାଏ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରାଯାଇଛି। ଏହି ୪ ଜଣ ନକଲି ନୋଟ୍ ର୍‌ୟାକେଟ୍ ଓ ଆତଙ୍କବାଦୀ ସଂଗଠନର ଲୋକଙ୍କ ସହିତ ଜଡିତ ରହି କାର୍ଯ୍ୟ କରୁଥିଲେ। ଏମାନେ ଏକ ବିଶେଷଧରଣର ଆପ୍ (ଅଟୋ ଡିଲିଟ୍ ଆପ୍) ବ୍ୟବହାର କରୁଥିଲେ। ଯେଉଁଥିରେ କେଣ୍ଟେଣ୍ଟଗୁଡିକ ଆପେ ଆପେ ଡିଲିଟ୍ ହୋଉଥିଲା। ଏହି ୪ ଜଣ ଆଲ-କାଏଦା ଇନ୍ ଇଣ୍ଡିଆନ ସବକଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) ସହିତ ଜଡିତ ଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଓ ଆଉ କିଛି ସନ୍ଧିଗ୍ଧ ଆପ୍ ଜରିଆରେ ଲୋକଙ୍କୁ ସହ ସମ୍ପର୍କରେ ଆସୁଥିଲେ ଓ ଏମାନେ ବହୁଦିନ ହେବ ନଜରରେ ରହୁଥିଲେ ବୋଲି ଏଟିଏସ୍ କହିଛି।

## ଭାରତ ନ ଥିଲେ ଆମ ଅର୍ଥନୀତି ବର୍‌ବାଦ ହୋଇଥାନ୍ତା: ମାଳଦୀପ ପୂର୍ବତନ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ ଲାଗି ଆମ ଅର୍ଥନୀତି ବର୍ବାଦ ହେବାରୁ ବଞ୍ଚିଯାଇଛି ବୋଲି ମାଳଦୀପ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ କହିଛନ୍ତି। ମାଳଦୀପର ଆର୍ଥିକ ସ୍ଥିତି ବହୁତ ଖରାପ ହୋଇଯାଇଥିଲା। ଯଦି ଭାରତ ଠିକ୍ ସମୟରେ ସହାଯ୍ୟ କରି ନଥାନ୍ତା, ତେବେ ମାଳଦୀପ ଦେବାଳିଆ ହୋଇଯାଇଥାନ୍ତା ବୋଲି ସେ କହିଛନ୍ତି। ୨୦୨୨-୨୩ରେ ମାଳଦୀପର ପର୍ଯ୍ୟଟନ ଶିଳ୍ପ ଠପ୍ ହେବା କାରଣରୁ ମାଳଦୀପ ଆର୍ଥିକ ବିପର୍ଯ୍ୟୟକୁ ଚାଲିଯାଇଥିଲା। ବିଦେଶୀ ଋଣ ମଧ୍ୟ ବଢ଼ିଯାଇଥିଲା। ଦେଶରେ ଗଚ୍ଛିତ ଡଲାର ପରିମାଣ ଯଥେଷ୍ଟ କମିଯାଇଥିଲା। ଏଭଳି ସ୍ଥିତିରେ ଭାରତ ଶସ୍ୟ, ଇନ୍ଧନ ଯୋଗାଣ ଓ କ୍ରେଡିଡ୍ ଲାଇନ ପ୍ରଦାନ କରି ମାଳଦୀପକୁ ଦେବାଳିଆ ହେବାରୁ ବଞ୍ଚାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ୨୫ ଓ ୨୬ରେ ମାଳଦୀପ ଗସ୍ତରେ ଯିବା ପୂର୍ବରୁ ନସିଦ ଏହି ମନ୍ତବ୍ୟ ଦେଇଛନ୍ତି।

# ପୁଲିସ ପ୍ରଶିକ୍ଷଣ ଶିବିରରେ ବି ମହିଳା ଅସୁରକ୍ଷିତ

## ଗାଧୁଆଘରେ ଲାଗିଛି କ୍ୟାମେରା



ଗୋରଖପୁର, ୨୩।୭ (ଏଜେନ୍ସି): ସାରା ଦେଶରେ ମହିଳା ସୁରକ୍ଷା ପ୍ରସଙ୍ଗ ଚିନ୍ତାର ବିଷୟ ପାଲଟିଛି। ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହୁଲସ୍ଥୁଲ୍ ହେଉଛି। ବିରୋଧୀ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ଦାବି କରୁଛନ୍ତି। ଏପରି ସମୟରେ ଡବଲ ଇଞ୍ଜିନ୍ ସରକାର ଥିବା ଉତ୍ତର ପ୍ରଦେଶରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ସୁରକ୍ଷା ଦେଉଥିବା ପୁଲିସ ବାହିନୀରେ ବି ମହିଳା ଅସୁରକ୍ଷିତ ଅଛନ୍ତି। ମହିଳା କର୍ମୀଙ୍କ ଉପରେ ଗୁପ୍ତରେ ନଜର ରଖାଯାଉଛି। ଏଥିପାଇଁ ଗାଧୁଆଘରେ (ବାଥରୁମ୍) କ୍ୟାମେରା ଖଞ୍ଜା ଯାଇଛି। ସବୁ କିଛି ରେକର୍ଡିଂ କରି ମହିଳା କନଷ୍ଟେବଲଙ୍କ ସମ୍ମାନ ସହ ଖେଳା ଯାଉଛି। ଗୋରଖପୁରର ବିଛିଆରେ ଥିବା ପ୍ରୋଭିନସିଆଲ ଆର୍ମ୍ଡ କନଷ୍ଟାବୁଲାରୀ (ପିଏସି) ଟ୍ରେନିଂ ସେଣ୍ଟରରେ ଏଭଳି ଘଟଣା ଘଟିଛି। ଏହାକୁ ନେଇ ବୁଧବାର ସକାଳ ୮ଟାରେ ଟ୍ରେନି ମହିଳା କନଷ୍ଟେବଲମାନେ ବିକ୍ଷୋଭ କରିଛନ୍ତି। ୬୦୦ ମହିଳା କନଷ୍ଟେବଲ କାନ୍ଦି କାନ୍ଦି ପ୍ରଶିକ୍ଷଣ କେନ୍ଦ୍ରର ବାହାରକୁ ଆସି ଯାଇଛନ୍ତି। ସେମାନେ ଏହି କେନ୍ଦ୍ରର ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଏହି ପ୍ରଶିକ୍ଷଣ କେନ୍ଦ୍ର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସେ ଗୋରଖପୁରରେ ପହଞ୍ଚି ଯାଇଛନ୍ତି। ମାତ୍ର ଏହାର ଦିନକ ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଯାଇଛି। ଜଣେ ମହିଳା କନଷ୍ଟେବଲ କହିଛନ୍ତି ଯେ ପ୍ରଶିକ୍ଷଣ କେନ୍ଦ୍ରର ଗାଧୁଆଘରେ କ୍ୟାମେରା ଲାଗିଛି। ଆମ ଭିଡିଓ ରେକର୍ଡ କରାଯାଇଛି। ଏ ସବୁକୁ ଫେରାଇ ହେବ କି? ଏବେ କ'ଣ ହେବ? କାଲି କିଛି ଅଧିକାରୀ ଆସିଥିଲେ। ସେମାନେ ଆମକୁ ଗାଳି ଦେଇ ଚାଲିଗଲେ। କିନ୍ତୁ କିଛି ଶୁଣି ନ ଥିଲେ। ଅନ୍ୟ ଜଣେ ମହିଳା ଟ୍ରେନିଂ ସେଣ୍ଟରରେ ଥିବା ଅବ୍ୟବସ୍ଥା ବିଷୟରେ ମଧ୍ୟ ମୁହଁ ଖୋଲିଛନ୍ତି। ୩୬୦ ମହିଳା ରହିବାରୁ ବ୍ୟବସ୍ଥା ଥିବାବେଳେ ୬୦୦ ଜଣ ରହୁଛନ୍ତି। ରାତିସାରି ବିଦ୍ୟୁତ ଆସୁ ନାହିଁ। ଜେନେରେଟରର ମଧ୍ୟ ବ୍ୟବସ୍ଥା ନାହିଁ। ସେଥିପାଇଁ ସାରା ରାତି ଅନିଦ୍ରା ହେବାକୁ ପଡୁଛି। ସକାଳେ ଗାଧୁଆଘରେ ପାଣି ମଧ୍ୟ ଆସୁନି। ପିଇବାକୁ ମାତ୍ର ଅଧ ଲିଟର ପାଣି ଦିଆଯାଉଛି। ଦିଆ ଯାଉଥିବା ଖାଦ୍ୟର ମାନ ମଧ୍ୟ ଠିକ୍ ରହୁ ନାହିଁ। ଏହି ସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶିକ୍ଷଣ କେନ୍ଦ୍ର ଭିତରକୁ ଯିବୁ ନାହିଁ ବୋଲି ବିକ୍ଷୋଭକାରୀ କହିଥିଲେ। ସେହିପରି ମହିଳାଙ୍କ ଗର୍ଭ ଯାଞ୍ଚ କରିବାକୁ ଡିଆଇଜି ରୋହନ ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିପାଇଁ ସିଏମଓଙ୍କୁ ଚିଠି ଲେଖି ମେଡିକାଲ ଟିମ୍ ଡକା ଯାଇଥିଲା। ଏହି ଆଦେଶକୁ ମଧ୍ୟ ମହିଳା କନଷ୍ଟେବଲ ବିରୋଧ କରିଥିଲେ। ତେବେ ପରେ ଆଇଜି ଟ୍ରେନିଂ ଚନ୍ଦ୍ର ପ୍ରକାଶ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଥିଲେ। ଗର୍ଭବତୀ ମହିଳା ସୂଚନା ଦେଇ ବ୍ୟାଚ୍‌ରୁ ଯାଇପାରିବେ ବୋଲି କହିଥିଲେ।

### କାନ୍ଦିଲେ ୬୦୦ ମହିଳା କନେଷ୍ଟବଲ

ଏହି ହଙ୍ଗାମାର ସୂଚନା ମିଳିବା ପରେ ଅଧିକାରୀଙ୍କ ନିଦ ହଜି ଯାଇଥିଲା। ତେଣୁ ଏହା ଜାଣିବା ପରେ ପ୍ରଶିକ୍ଷଣ କେନ୍ଦ୍ରର ଟ୍ରେନର ଏବଂ ଏଡିଜିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ମହିଳା କନଷ୍ଟେବଲଙ୍କୁ ବୁଝାଇସୁଝାଇ ଭିତରକୁ ନେଇ ଯାଇଥିଲେ। ପ୍ରାୟ ୫-୬ ଘଣ୍ଟା ପର୍ଯ୍ୟନ୍ତ ମହିଳାଙ୍କୁ ବୁଝାଇ ଥିଲେ। ତାଙ୍କୁ ସୁରକ୍ଷା ଦେବାର ଭରସା ଦେଇଥିଲେ। ସେମାନେ ଗାଧୁଆଘରର ଗ୍ୟାଲେରିରେ ଲାଗିଥିବା କ୍ୟାମେରା ହଟାଇବାକୁ ଦାବି କରିଥିଲେ। ରାଜି ହେବା ପରେ ମାମଲା ଶାନ୍ତ ହୋଇଥିଲା। ଏହି ମାମଲା ଲକ୍ଷ୍ନୌ ପର୍ଯ୍ୟନ୍ତ ପହଞ୍ଚି ଥିଲା। ଅଭଦ୍ର ଭାଷା ବ୍ୟବହାର କରିଥିବାରୁ ଫିଜିକାଲ ଟ୍ରେନିଂ ଇନଷ୍ଟ୍ରକ୍ଟର (ପିଟିଆଇଙ୍କୁ ନିଲମ୍ବନ କରିଦିଆଯାଇଛି। ସେହିପରି ଡିଜିପି ରାଜୀବ କୃଷ୍ଣ ନୋଟିସ ଦେବାର କିଛି ସମୟ ମଧ୍ୟରେ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏଥିରେ ସବୁ ପୁଲିସ ଟ୍ରେନିଂ ସେଣ୍ଟର, ପିଏସି, ଟ୍ରେନିଂ ଇନଷ୍ଟିଚ୍ୟୁଟ ଏବଂ କଲେଜର ପ୍ରମୁଖମାନେ ସାମିଲ ହୋଇଥିଲେ। ପିଏସି ଅଧିକାରୀଙ୍କୁ ଡିଜିପି ତୀବ୍ର ଭର୍ତ୍ସନା କରିଥିଲେ। ଟ୍ରେନିଂ ତାରିଖ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସତ୍ତ୍ୱେ ଅବ୍ୟବସ୍ଥା କେମିତି ହେଲା ବୋଲି ସେ ପଚାରି ଥିଲେ। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯଦି ମୁଖ୍ୟ ନଗରୀର ସ୍ଥିତି ଏପରି ତେବେ ଅନ୍ୟ କେନ୍ଦ୍ରରେ କ'ଣ ହେଉ ନ ଥିବ। ବିଜେପି ଖାଲି ସ୍ଲୋଗାନରେ ନାରୀ ବନ୍ଦନା କଥା କହୁଛି।

# ଚୀନ୍ ନାଗରିକଙ୍କୁ ୫ ବର୍ଷପରେ ଭିସା ଦେବ ଭାରତ

ନୂଆଦିଲ୍ଲୀ/ବେଜିଂ, ୨୩।୭ (ଏଜେନ୍ସି): ପୁଣିଥରେ ଚୀନ୍ ନାଗରିକଙ୍କ ପାଇଁ ଭାରତ ତା'ର ଦ୍ୱାର ଖୋଲିବାକୁ ଯାଉଛି। ଦୀର୍ଘ ୫ ବର୍ଷ ପରେ ଚୀନ୍ ନାଗରିକଙ୍କୁ ଭାରତ ପ୍ରଥମଥର ପାଇଁ ଭିସା ଦେବ। ବେଜିଂସ୍ଥିତ ଭରାତୀୟ ଦୂତାବାସ ଏନେଇ ସୂଚନା ଦେଇଛି। ୨୦୨୦ରେ କରୋନା ମହମାରୀ ପାଇଁ ଭିଜା ଦେବା ପ୍ରକ୍ରିୟା ବନ୍ଦଥିଲା। ଏହାପରେ ୨୦୨୦ ଜୁନ୍‌ରେ ଗଲୱାନ ଘାଟିରେ ସୈନିକମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଭିସା ଦେବା ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହେବ। ଚୀନ ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ମଧ୍ୟ ଏ ନେଇ ଖବର ପରିବେଷଣ କରିଛି। ଫଳରେ ଚୀନ୍ ନାଗରିକ ଭାରତ ଆସିବା ନେଇ ପଥ ପରିଷ୍କାର ହୋଇଛି।

ଭାରତ ଭ୍ରମଣ କରିବାକୁ ଚୀନ୍ ନାଗରିକ ଏବେ ଭିସା ଆବେଦନ କରିପାରିବେ ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି। ଏଥିପାଇଁ ପ୍ରଥମେ ଅନ୍‌ଲାଇନ୍ ଆବେଦନ ଫର୍ମ ପୂରଣ କରିବାକୁ ହେବ ଓ ୱେବ୍‌ସାଇଟ୍‌ରେ ଆପଏଣ୍ଟମେଣ୍ଟ ନେବାକୁ ହେବ। ଏହାପରେ ନିଜର ପାସପୋର୍ଟ ଓ ଆବଶ୍ୟକୀୟ କାଗଜପତ୍ର ନେଇ ଭିସା କେନ୍ଦ୍ରକୁ ଯିବାକୁ ହେବ। ଏହି ଭିସା କେନ୍ଦ୍ର ବେଜିଂ, ସାଂଘାଇ, ଗୁଆଙ୍ଗଝୁ ଭଳି ସହରରେ ରହିଛି। ଆବେଦନକାରୀ ଏହି କେନ୍ଦ୍ରଗୁଡିକୁ ଯାଇ ଆବେଦନ କରିପାରିବେ ବୋଲି କୁହାଯାଉଛି।

### ଆଜିଠୁ ଆବେଦନ ଆରମ୍ଭ

କରୋନା ମହାମାରୀ ସମୟରେ ସବୁ ପର୍ଯ୍ୟଟକଙ୍କ ଭିସାକୁ ଭାରତ ବାତିଲ କରିଥିଲା। ଏହାପରେ ଗଲୱାଘାଟୀରେ ଘଟିଥିବା ସଂଘର୍ଷ ପାଇଁ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇଥିଲା। ୨୦୨୨ ଏପ୍ରିଲରେ ଅନ୍ତାର୍ଜାତୀୟ ବାୟୁ ପରିବହନ ସଂଘ (ଆଇଏଟିଏ) ଚୀନ ନାଗରିକଙ୍କ ସବୁ ପର୍ଯ୍ୟଟକଙ୍କ ଭିସାକୁ ବାତିଲ କରିଥିଲା। ସେତେବେଳେ ଚୀନ୍ ମଧ୍ୟ ୨୨, ୦୦୦ ଭାରତୀୟ ଛାତ୍ରଙ୍କ ପୁଣି ଚୀନ୍ ଯିବାକୁ ଅନୁମତି ଦେଇ ନଥିଲା। ଏହାପରେ ଭାରତ ଯେସାକୁ ତେସା ନୀତିରେ ଚୀନ୍ ନାଗରିକଙ୍କ ଟୁରିଷ୍ଟ ଭିସାକୁ ବାତିଲ କରିଥିଲା। କିନ୍ତୁ ୨୦୨୨ ଜୁନ୍‌ରେ ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ଆବେଦନ ପାଇଁ ଅନୁମତି ଦେଇଥିଲା। ସାଧାରଣତଃ ୯୦ଦିନ ବୈଧ ରହିଥିବା ଭିସାକୁ ଚୀନ ୩୦ ଦିନ ପର୍ଯ୍ୟନ୍ତ ସୀମିତ ରଖିଥିଲା। ଏହାପରେ ଚୀନ ଭାରତୀୟ ନାଗରିକଙ୍କୁ ସବୁ ପ୍ରକାର ଭିସା ଦେବା ପ୍ରକ୍ରିୟା ଆରମ୍ଭ କରିଥିଲା। ଗଲୱାନ ସଂଘର୍ଷରେ ୨୦ ଭାରତୀୟ ଓ ୪୦ ଚୀନ୍ ନାଗରିକ ମୃତ୍ୟୁବରଣ କରିବାପରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଆମେରିକା ସହିତ ଚାଲିଥିବା ଟ୍ରେଡ ୱାରକୁ ଦୃଷ୍ଟିରଖି ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ଗତ ଏପ୍ରିଲ ୯ ପର୍ଯ୍ୟନ୍ତ ୮୫, ୦୦୦ ଭାରତୀୟ ନାଗରିକଙ୍କୁ ଭିଜା ଦେଇସାରିଛି।

# ବିନା ଭିସାରେ ୫୯ ଦେଶକୁ ଯାଇପାରିବେ ଭାରତୀୟ

### ପାସ୍‌ପୋର୍ଟ ର୍‌ୟାଙ୍କିଙ୍ଗ୍‌ରେ ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତୀୟ ନାଗରିକ ବିନା ଭିସାରେ ୫୯ଟି ଦେଶକୁ ଯାଇପାରିବେ। ମଙ୍ଗଳବାର ପ୍ରକାଶିତ ପାର୍ସପୋର୍ଟ ଇଣ୍ଡେକ୍ସରେ ଏ ନେଇ ସୂଚନା ଦିଆଯାଇଛି। ବିଶ୍ୱ ପାସପୋର୍ଟ ର୍‌ୟାଙ୍କିଙ୍ଗ୍‌ରେ ଭାରତ ୭୭ତମ ସ୍ଥାନରେ ରହିଛି। ବିଶ୍ୱର ବିଭିନ୍ନ ଦେଶର ପାସପୋର୍ଟର ଭିସା- ଫ୍ରି ଯାତ୍ରାର ସଂଖ୍ୟାକୁ ଆଧାର କରି ଏହି ର୍‌ୟାଙ୍କିଙ୍ଗ୍ ଜାରି କରାଯାଇଛି। ଗତବର୍ଷ ଭାରତ ୮୫ତମ ସ୍ଥାନରେ ରହିଥିଲା। ଅନ୍ୟପଟେ ପାକିସ୍ତାନ ଏହି ର୍‌ୟାଙ୍କିଙ୍ଗ୍‌ରେ ୯୬ତମ ସ୍ଥାନରେ ରହିଛି। ଫଳରେ ଭାରତ ୮ ସ୍ଥାନ ଉପରକୁ ଉଠିଛି ଓ ଭାରତର ର୍‌ୟାଙ୍କିଙ୍ଗ୍‌ରେ ସୁଧାର ଆସିଛି। କିନ୍ତୁ ଭିଜାମୁକ୍ତ ଯାତ୍ରାର ସଂଖ୍ୟରେ ଅବନତୀ ହୋଇଛି। ୨୦୨୪ରେ ଭାରତୀୟ ପାସପୋର୍ଟ ଧାରକ ୬୨ ଦେଶକୁ ବିନା ଭିଜାରେ ଯାତ୍ରା କରୁଇଥିଲେ ଓ ଏବେ ଏହା ୫୯କୁ କମିଛି। ଏହି ମାନ୍ୟତାରେ ସଙ୍ଗାପୁର ଶୀର୍ଷରେ ରହିଛି। ସିଙ୍ଗାପୁର ପାସପୋର୍ଟଧାରୀ ନାଗରିକ ୧୯୩ଟି ଦେଶକୁ ବିନା ଭିଜାରେ ଯାତ୍ରା କରିପାରିବେ। ସେହିପରି ୧୯୦ଟି ଦେଶକୁ ବିନା ଭିସାରେ ଯାତ୍ରା କରିବାକୁ ଅନୁମତି ପାଇଥିବା ଜାପାନ ଓ ଦକ୍ଷିଣ କୋରିଆ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡେନମାର୍କ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆୟର୍ଲାଣ୍ଡ, ଇଟାଲୀ ଓ ସ୍ପେନ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦେଶଗୁଡିକ ନାଗରିକମାନେ ବିନା ଭିସାରେ ୧୮୯ ଦେଶକୁ ଯାଇପାରିବେ। ବିନା ଭିସାରେ ଭାରତୀୟ ନାଗରିକ ୧୯ ଆଫ୍ରିକୀୟ ଦେଶ, ୧୦ ଏସୀୟ ଦେଶ, ୧୦ ଉତ୍ତରଆମେରିକା ଦେଶ, ୧୦ ଓସମାନିଆ ଦେଶ ଓ ଗୋଟିଏ ଦକ୍ଷିଣ ଆମେରିକା ଦେଶକୁ ଯାତ୍ରା କରିପାରିବେ।



# ଜଷ୍ଟିସ ବର୍ମାଙ୍କ ମାମଲା ଶୁଣାଣିରୁ ଓହରିଲେ ପ୍ରଧାନବିଚାରପତି

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ସୁପ୍ରିମକୋର୍ଟରେ ବହୁ ଚର୍ଚ୍ଚିତ ଜଷ୍ଟିସ୍ ଯଶୋବନ୍ତ ବର୍ମା କ୍ୟାସ ମାମଲାର ଶୁଣାଣି ବୁଧବାର ହୋଇଛି। କିନ୍ତୁ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏହି ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି। ଏହି ମାମଲାର ଶୁଣାଣିରେ ସାମିଲ ହେବା ମୋ ପାଇଁ ଉଚିତ ହେବ ନାହିଁ। ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜୁଲାଇ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏ ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ସେ ଇନ୍ ହାଉସ୍ କମିଟି ରିପୋର୍ଟ ଓ ମହାଅଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବା ନେଇ ଆବେଦନ କରିଥିଲେ। ଘରେ ଅଧାଜଳା ନଗଦ ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସୁପ୍ରିମକୋର୍ଟରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ସିବଲ ଦିଲିଲ ଉପାସ୍ଥାପନା କରିଥିଲେ। ଏହି ମାମଲାରେ ସାମ୍ବିଧାନିକ ସମସ୍ୟା ରହିଛି। ତେଣୁ ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ ଓ ନୂଆ ବେଞ୍ଚ୍ ଗଠନ କରିବାକୁ କହିଥିଲେ। ସେପଟେ ପାର୍ଲାମେଣ୍ଟରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ପାରିତ କରିବା ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତାଙ୍କୁ ହଟାଇବାକୁ ୧୫୨ ସାଂସଦ ଗତ ୨୧ ତାରିଖରେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ସଭାରେ ପ୍ରସ୍ତାବ ପାରିତ କରିବାକୁ ୫୦ ସାଂସଦ ସ୍ୱାକ୍ଷର କରିଛନ୍ତି। ଘରୁ ମିଳିଥିବା ନଗଦ ଟଙ୍କା ମୋର ବୋଲି କୌଣସି ପ୍ରମାଣ ନ ଥିବା ସେ କହିଛନ୍ତି। ଇତିମଧ୍ୟରେ ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି ଓ ଏହି ପ୍ରସ୍ତାବ ପାରିତ ହେବ ବୋଲି ଆଶା କରାଯାଉଛି।

**ଜଷ୍ଟିସ ବର୍ମାଙ୍କ ପିଟିସନ ବିଚାର ପାଇଁ ଗୃହୀତ**

**ସ୍ୱତନ୍ତ୍ର ବେଞ୍ଚରେ ହେବ ଆବେଦନର ଶୁଣାଣି**



# ଅସ୍ତ୍ରବିରତି କରାଇବାକୁ ଟ୍ରମ୍ପ କିଏ, ମୋଦୀ ଜବାବ ଦିଅନ୍ତୁ: ରାହୁଲ ଗାନ୍ଧୀ

ୱାସିଂଟନ/ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ପୁଣି ନିଜ ଦାବି ଦୋହରାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ସଂଘର୍ଷରେ ୫ଟି ଲଢୁଆ ବିମାନ ଖସା ଯାଇଥିଲା ଏବଂ ସେ ଅସ୍ତ୍ରବିରତି କରାଇଥିବା କହିଛନ୍ତି। ସେ ମଙ୍ଗଳବାର ହ୍ୱାଇଟ ହାଉସର ଏକ କାର୍ଯ୍ୟକ୍ରମରେ ଏହି ଟିପ୍ପଣୀ ଦେଇଛନ୍ତି। ଟ୍ରମ୍ପ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବହୁତ ବଢ଼ି ଯାଇଥିଲା। ୫ଟି ଲଢୁଆ ବିମାନ ଖସା ଯାଇଥିଲା। କୌଣସି ସମୟରେ ପରମାଣୁ ଅସ୍ତ୍ର ବ୍ୟବହାରର ଭୟ ଦେଖା ଦେଇଥିଲା। ତେଣୁ ସେ ହସ୍ତକ୍ଷେପ କରି ଏହାକୁ ବନ୍ଦ କରାଇ ଥିଲେ। ଏଣେ ଏହି ପ୍ରସଙ୍ଗକୁ ନେଇ ଭାରତୀୟ ସଂସଦ ଅଚଳ ରହିଛି। ବିରୋଧୀଙ୍କ ଦାବି ପରେ 'ଅପରେସନ ସିନ୍ଦୂର'କୁ ନେଇ ସରକାର ଚର୍ଚ୍ଚା ପାଇଁ ରାଜି ହୋଇଛନ୍ତି। ତେବେ ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ସରକାରଙ୍କୁ ଘେରିଛନ୍ତି।

ମୌସୁମୀ ଅଧିବେଶନରେ ଭାଗ ନେବା ପରେ ରାହୁଲ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରିଥିବା ନେଇ ଟ୍ରମ୍ପ ୨୫ ଥର ଦାବି କଲେଣି। ଟ୍ରମ୍ପ କିଏ? ଏହା ତାଙ୍କ କାମ ନୁହେଁ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ସେ ଥରେ ହେଲେ ବି ଟ୍ରମ୍ପଙ୍କୁ ଜବାବ ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ କ'ଣ କହିବେ? ପାକିସ୍ତାନ ସହ ଚୁକ୍ତିରେ ଟ୍ରମ୍ପ ସହାୟତା କରିଥିଲେ ବୋଲି କେମିତି କହିବେ? ସାରା ବିଶ୍ୱ ଜାଣିଚି ଟ୍ରମ୍ପ ଅସ୍ତ୍ରବିରତିର ଘୋଷଣା କରିଥିଲେ। କିନ୍ତୁ ଏହା ପ୍ରଧାନମନ୍ତ୍ରୀ କହିପାରିବେ ନାହିଁ। ଯେଉଁ ଲୋକ ନିଜକୁ ଦେଶଭକ୍ତ କହୁଛନ୍ତି ସିଏ ପଳାଇ ଯାଇଛନ୍ତି। କେନ୍ଦ୍ର ସରକାର ବିଦେଶୀ ନୀତିକୁ ବର୍ବାଦ କରିଦେଇଛନ୍ତି।

ପୁଣି ଅହମଦାବାଦରେ ଅଘଟଣ; ଆସିଲା 'ମେଡେ' କଲ୍

## ଇଣ୍ଡିଗୋ ବିମାନରେ ଲାଗିଗଲା ନିଆଁ

ଅହମଦାବାଦ, ୨୩।୭ (ଏଜେନ୍ସି): ଅହମଦାବାଦରେ ପୁଣି ବଡ଼ ଅଘଟଣ ଘଟିଛି। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ଜୀବନ ଯିବା ଘଟଣା ମନରୁ ଯାଇ ନ ଥିବାବେଳେ ଦେଢ଼ ମାସ ଭିତରେ ଆଉ ଏକ ବିମାନରୁ 'ମେଡେ' କଲ୍ ଆସିଛି। ବୁଧବାର ସକାଳ ୧୧ଟାରେ ଉଡ଼ାଣ ଆରମ୍ଭ ହେବାର ମିନିଟିଏ ପୂର୍ବରୁ ଅହମଦାବାଦରୁ ଡିଉ ଯାଉଥିବା ଇଣ୍ଡିଗୋ ବିମାନ (ଏଟିଆର୭୬)ର ଇଞ୍ଜିନରେ ନିଆଁ ଲାଗିଯାଇଛି। ଏଥିଯୋଗୁଁ ପାଇଲଟ୍ ଏହି କଲ୍ ଦେଇଛନ୍ତି। ପରେ ଉଡ଼ାଣକୁ ବନ୍ଦ କରିଦିଆଯାଇଛି। ୬୦ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିଲା। ଏହାର ସୂଚନା ମିଳିବା ପରେ ତୁରନ୍ତ ଯାତ୍ରୀଙ୍କୁ ବିମାନରୁ ବାହାର କରିଦିଆଯାଇଥିଲା। ଏବେ ମାମଲାର ଯାଞ୍ଚ ଜାରି ରହିଛି। ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ ଉଡ଼ାଣ ପୂର୍ବରୁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ପରବର୍ତ୍ତୀ ବିମାନରେ ଗନ୍ତବ୍ୟ ସ୍ଥଳକୁ ପଠାଯିବ। ଯଦି ସେମାନେ ଚାହିଁବେ ଟିକଟ ରଦ୍ଦ କରି ଅର୍ଥ ମଧ୍ୟ ଫେରସ୍ତ ନେଇପାରିବେ। ଗତ କିଛି ଦିନ ମଧ୍ୟରେ ତିନୋଟି ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଲାଣି।

ମହିଳା ଆଇପିଏସଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଜ ପଦର ଅପବ୍ୟବହାର କରି ଶଶୁର ଘର ଲୋକଙ୍କ ବିରୋଧରେ ଅନେକ ମିଥ୍ୟା ମାମଲା ରୁଜୁ କରିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ସୁପ୍ରିମକୋର୍ଟ ମହିଳାଙ୍କୁ ସମାଲୋଚନା କରିଛନ୍ତି। ସ୍ୱାମୀ ଏବଂ ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସବୁ ଆପରାଧିକ ମାମଲାକୁ ରଦ୍ଦ କରିଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ମଙ୍ଗଳବାର କହିଥିଲେ ଯେ ଏହି ମାମଲା ପାଇଁ ସ୍ୱାମୀଙ୍କୁ ୧୦୯ ଦିନ ଏବଂ ଶଶୁରଙ୍କୁ ୧୦୩ ଦିନ ଜେଲ୍‌ରେ ରହିବାକୁ ପଡ଼ିଥିଲା। ସେମାନେ ଯାହା ସହିଛନ୍ତି ତାହାକୁ କେବେ ବି ଭରଣା କରିହେବ ନାହିଁ। ତେଣୁ ଇଂରାଜୀ ଏବଂ ହିନ୍ଦୀରେ କ୍ଷମା ପ୍ରାର୍ଥନା ଲେଖି ତାହାକୁ ପ୍ରସିଦ୍ଧ ଖବରକାଗଜର ରାଷ୍ଟ୍ରୀୟ ସଂସ୍କରଣରେ ଛପାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତିନି ଦିନ ଭିତରେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମଧ୍ୟ କ୍ଷମା ପ୍ରାର୍ଥନାକୁ ସେୟାର କରିବାକୁ ପଡ଼ିବ ବୋଲି କହିଛନ୍ତି। ୨୦୧୮ରୁ ଅଲଗା ରହୁଥିବା ଏହି ଯୋଡ଼ିଙ୍କ ଛାଡ଼ପତ୍ରକୁ ମଧ୍ୟ କୋର୍ଟ ମଞ୍ଜୁରି ଦେଇଛନ୍ତି। ଝିଅର ଦାୟିତ୍ୱ ମାଆ (ମହିଳା ଆଇପିଏସ)ଙ୍କୁ ପ୍ରଦାନ କରିଛନ୍ତି। ପୂର୍ବତନ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଝିଅକୁ ଭେଟିବା ପାଇଁ ଅନୁମତି ଦେଇଛନ୍ତି।

ଏହି ମହିଳା ଅଧିକାରୀ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ଆପରାଧିକ, ଛାଡ଼ପତ୍ର ଏବଂ ଭରଣପୋଷଣ ପାଇଁ ପରିବାର କୋର୍ଟରେ ମାମଲା ଦାଏର କରିଥିଲେ। ଏହାର ପ୍ରତି ବଦଳରେ ସ୍ୱାମୀ ମଧ୍ୟ ମାମଲା ରୁଜୁ କରିଥିଲେ। ପତିପତ୍ନୀ ଉଭୟ ମାମଲାକୁ ନିଜ ନିଜ କ୍ଷେତ୍ରକୁ ଟ୍ରାନ୍ସଫର କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ।

**ଖବରକାଗଜରେ ଛପାଇବେ କ୍ଷମା ପ୍ରାର୍ଥନା**

**ପଦର ଅପବ୍ୟବହାର ନ କରିବାକୁ ନିର୍ଦ୍ଦେଶ**

**ଘରୋଇ ହିଂସାକୁ ନେଇ ମିଥ୍ୟା ମାମଲା ରୁଜୁ କରିଥିଲେ**

## ରୂପାରୋଶନ ସାହୁ ରାଜ୍ୟପାଳଙ୍କ ସଚିବ




ଭୁବନେଶ୍ୱର, ୨୩।୭ (ସମିସ): ବରିଷ୍ଠ ଆଇଏଏସ୍ ଅଧିକାରୀ ରୂପାରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଭାବେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ। ୨୦୦୬ ବ୍ୟାଚ୍‌ର ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

## ବିଦ୍ୟୁତ୍ ବିଲ ପୈଠ ଆଳରେ ୯୮ ହଜାର ଠକେଇ

ବାରିପଦା, ୨୩।୭ (ସମିସ): ବିଦ୍ୟୁତ ବିଲ ପୈଠ ଆଳରେ ୯୮ ହଜାର ଟଙ୍କା ସାଇବର ଠକେଇ ହୋଇଛି। ଠକେଇର ଶିକାର ହୋଇଥିବା ୱାଲିଗଞ୍ଜ ଅଞ୍ଚଳର ଦୀପକ କୁମାର ମୁଣ୍ଡା ଏନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଅପରପକ୍ଷ ବ୍ୟକ୍ତିଜଣଙ୍କ ତାଙ୍କୁ ବିଦ୍ୟୁତ ବିଲ ପୈଠ କରିବା ପାଇଁ କହିଥିଲେ। କିନ୍ତୁ ସେ ପୂର୍ବରୁ ବିଲ ପୈଠ କରିସାରିଛନ୍ତି ବୋଲି କହିବାରୁ ଠକଜଣଙ୍କ ନୂଆ ବାହାନା କରିଥିଲା। କହିଥିଲା, ଅନଲାଇନ ପୈଠ କରିଥିବାରୁ ତାହା ସମ୍ପୂର୍ଣ୍ଣ ହୋଇନାହିଁ। ତା' କଥାରେ ବିଶ୍ୱାସ କରି ଦୀପକ ତା' କହିବା ମୁତାବକ ଫୋନ୍-ପେ' ଆପ୍‌କୁ ଯାଇ ଯାଞ୍ଚ କରିଥିଲେ। ଏହି ସମୟରେ ମୋବାଇଲଟି ବନ୍ଦ ହୋଇଯାଇଥିଲା। ପ୍ରାୟ ୩୦ମିନିଟ ପରେ ମୋବାଇଲ ପୁନଃ ଚାଲୁ ହୋଇଥିଲା। କିନ୍ତୁ ସେତେବେଳକୁ ତାଙ୍କ ୟୁପିଆଇ ଆକାଉଣ୍ଟରୁ ୯୮ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ପଳାଇଥିବା ସେ ଜାଣିବାକୁ ପାଇଥିଲେ। ସେ ସାଇବର୍ ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍

ବାରିପଦା, ୨୩।୭ (ସମିସ): ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେସାଲ ପୋକସୋ କୋର୍ଟରେ ବୁଧବାର ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତ ଚାନ୍ଦୁଆ ଥାନା ଅଞ୍ଚଳର ଜଟିଆ ମହାନ୍ତ(୬୧)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଏବଂ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୯ ତାରିଖ ବିଳମ୍ବିତ ରାତିରେ ଜଟିଆ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲା। ଏପରିକି, ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାର ଧମକ ଦେଇଥିଲା। ତେବେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାରଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହେବା ପରେ ପରିବାରଲୋକେ ସେହି ମାସ ୨୫ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ ପୂର୍ବକ ଜଟିଆକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି; ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ମହୁଲଡିହା, ୨୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ପତ୍ରପଡ଼ା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ସ୍ୱର୍ଣ୍ଣଲତା ଡାଙ୍ଗିଲ ଓ ଚାନ୍ଦିନୀ ହୋ। ଅପରପକ୍ଷେ, ବୁଧବାର ମେଡିକାଲର ଟିମ୍ ସ୍କୁଲରେ ପହଞ୍ଚି ସ୍ଥିତି ପରଖୁଛନ୍ତି। କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି, ତାହାର କାରଣ ଖୋଜିଛନ୍ତି। ତେବେ ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ନାୟକ କହିଛନ୍ତି ଯେ ଦୂଷିତ ଖାଦ୍ୟ କିମ୍ବା ପାନୀୟରୁ ଏହା ହୋଇଥାଇପାରେ। ସୂଚନାଯୋଗ୍ୟ, ଏହି ଆଶ୍ରମ ବିଦ୍ୟାଳୟରେ ୩୭୨ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ମଙ୍ଗଳବାର ଜଣଙ୍କ ପରେ ଜଣେ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଖବର ପାଇ ବିଡିଓ ସ୍ୱପ୍ନେଶ୍ୱର ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଓ ମେଡିକାଲ ଟିମ୍ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି।

### ୧୩ ମାସରେ ବ୍ୟବସ୍ଥା ଫେଲ୍, ଜନତାଙ୍କ ମଧ୍ୟରେ ଆକ୍ରୋଶର ମାହୋଲ

# ଅକଳରେ ସରକାର; ଦାନା ବାନ୍ଧୁଛି ଅନାସ୍ଥା

ଭୁବନେଶ୍ୱର,୨୩।୭ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବେ ସଙ୍ଗିନ ଅବସ୍ଥାରେ ଥିବା ବେଳେ ପ୍ରତିଦିନ ମା' ଭଉଣୀଙ୍କ ଉପରେ ଘଟିଚାଲିଥିବା ନିର୍ଯାତନା, ଦୁଷ୍କର୍ମ, ହିଂସା ଭଳି ଛାତିଥରା ଘଟଣା ସୀମା ଟପିଲାଣି। ମହିଳା ନିର୍ଯାତନାକୁ ନେଇ ରାଜ୍ୟ ସରକାର ଲଗାତାର ଭାବେ ଜାତୀୟ ସ୍ତରରେ ଲଜ୍ଜିତ ହେଉଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷାକୁ ନେଇ ଆମେରିକା ରାଷ୍ଟ୍ରପତି ଚିନ୍ତାପ୍ରକଟ କରିବା ସହ ସେ ଦେଶର ନାଗରିକଙ୍କୁ ଓଡ଼ିଶା ନଯିବାକୁ ବାରଣ କରିଥିଲେ। ଏବେ ପୁଣି ବଲଙ୍ଗା ଓ ବାଲେଶ୍ୱର ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜିତ ମନେ କରି ଟିପ୍ପଣୀ ଦେବା ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇଛି। ସମାନ ସମୟରେ ବିକାଶ ପ୍ରକ୍ରିୟା ମନ୍ଥର ପଡ଼ିବା, ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟିଯିବାକୁ ନେଇ ରାଜ୍ୟ ବିଜେପି ସରକାର ସାଧାରଣରେ ନିନ୍ଦିତ ହେଉଛି। ସରକାରଙ୍କ ବିରୋଧରେ ସାଧାରଣରେ ଏକ ବଡ଼ ଧରଣର ନକରାତ୍ମକ ମାହୋଲ ସୃଷ୍ଟି ହୋଇଥିବା ବେଳେ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଆରମ୍ଭ କଲେଣି। ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ସରକାରଙ୍କୁ ଏଥିପାଇଁ ବେଶ୍ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ମୁଖ୍ୟ ବିରୋଧୀ ଦଳ ବିଜେଡି ଓ ବିରୋଧୀ କଂଗ୍ରେସ ଏନେଇ ସଜବାଜ ହେଉଥିବା ବେଳେ ସରକାରଙ୍କ ବିରୋଧରେ ବର୍ତ୍ତମାନ ଅନାସ୍ଥା ଦାନା ବାନ୍ଧୁଥିବା ଉଭୟ ଦଳର ଆଭିମୁଖ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ୧୩ ମାସ ପୂରିଲାଣି। ଏହି ୧୩ ମାସ ମଧ୍ୟରେ ଦୃଢ଼ ନେତୃତ୍ୱର ଅଭାବ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ପିସି କାରବାର, ଦୁର୍ନୀତି, ଉନ୍ନୟନ ମୂଳକ କାମ ଠପ୍ ହୋଇ ପଡ଼ିବାକୁ ନେଇ ସରକାର ବେଶ୍ ଅପଦସ୍ତ ହେଲେଣି। ଏହାସହ ବରାବର ଭାବେ ନିଯୁକ୍ତି ଦୁର୍ନୀତି, ପରୀକ୍ଷା ପରିଚାଳନା ବିଭ୍ରାଟ, ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଯୋଗୁଁ ସରକାରଙ୍କ ଉପରୁ ସାଧାରଣ ଲୋକେ ବିଶ୍ୱାସ ହରାଇବାରେ ଲାଗିଛନ୍ତି। ମଦମୃତ୍ୟୁ, ହଇଜା ମୃତ୍ୟୁ, ଚାଷୀ ଆତ୍ମହତ୍ୟା ରାଜ୍ୟ ବିଜେପି ସରକାରଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ରଥ ଉପରୁ ବଡ଼ଠାକୁର ପଡ଼ିଯିବା, ରାଜ୍ୟପାଳ ପୁଅଙ୍କ ମାଡ଼ ମାରିବା ଘଟଣାରେ ସରକାର କେବଳ ନିରବଦ୍ରଷ୍ଟା ହୋଇ ବସିରହିବାକୁ ନେଇ ବିରୋଧୀ ଦଳଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ତାତିଲେଣି।

■ ମୌସୁମୀ ଅଧିବେଶନରେ ମୁଖ୍ୟ ବିରୋଧୀ ଦଳ ବିଜେଡି ପ୍ରସ୍ତାବ ଆଣୁ: ଭକ୍ତ

■ ନାରୀ ସୁରକ୍ଷା ଲଢ଼େଇ ଜାରି ରହିଛି, ବିଧାନସଭା ନିଷ୍ପତ୍ତି ନବୀନ ନେବେ: ଦେବୀ

ସାଧାରଣ ଲୋକ ଏବଂ ବିରୋଧୀ ଦଳଙ୍କ ଅନୁଯାୟୀ ଯାହା କେବେ ଓଡ଼ିଶା ଇତିହାସରେ ଆଗରୁ ହୋଇ ନ ଥିଲା, ତାହା ଏହି ସରକାର ଅମଳରେ ଘଟୁଛି। ଓଡ଼ିଶା ଆସିବା ପାଇଁ ଆମେରିକା ନିଜ ଦେଶର ଲୋକଙ୍କୁ ବାରଣ କରୁଥିବା ବେଳେ ବେଳାଭୂମିରେ ମହିଳାଙ୍କୁ ଗଣଦୁଷ୍କର୍ମର ସାମ୍ନା କରିବାକୁ ପଡୁଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଅତ୍ୟନ୍ତ ସଂଗିନ ସ୍ଥିତିରେ ଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜ ପୀଡ଼ିତାଙ୍କ ଆତ୍ମାହୁତି, ବଲଙ୍ଗାରେ ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ କିରାସିନି ଢାଳି ଜାଳିଦେବା ଘଟଣା ଓଡ଼ିଶାକୁ ଜାତୀୟ ସ୍ତରରେ ନିନ୍ଦିତ କଲାଣି। ମାତ୍ର ୧୩ ମାସର ସରକାରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଏବଂ ଅରାଜକତାକୁ ନେଇ ସାଧାରଣରେ ଆକ୍ରୋଶ ଚରମ ସୀମାରେ ପହଞ୍ଚିଲାଣି। ଲୋକ ସରକାରଙ୍କ ଉପରୁ ଆସ୍ଥା ହରାଉଥିବା ବେଳେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଲୋକଙ୍କ ଆଭିମୁଖ୍ୟକୁ ପୁଞ୍ଜି କରି ସରକାରଙ୍କୁ ଅକଳରେ ପକାଇବା ସହ ଜବାବ ମାଗିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ଏହିକ୍ରମରେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟ ବିଜେପି ସରକାର ବିରୋଧରେ ଅନାସ୍ଥା ଆଣିବାକୁ ବିଜେଡିର ସହଯୋଗ ଲୋଡ଼ିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ମୁଖ୍ୟ ବିରୋଧି ଦଳ ହିସାବରେ ବିଜେଡି ଅନାସ୍ଥା ପ୍ରସ୍ତାବ ଆଣୁ ଏବଂ କଂଗ୍ରେସ ତାକୁ ସମର୍ଥନ କରିବ। ଯଦି ବିଜେଡି ଅନାସ୍ଥା ପ୍ରସ୍ତାବ ନ ଆଣେ, ତେବେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ଏବଂ ବିଜେଡି ସମର୍ଥନ କରୁ ବୋଲି ଭକ୍ତ କହିଛନ୍ତି।

ଅପରପକ୍ଷେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ରାଜ୍ୟର ମା' ଭଉଣୀଙ୍କ ସୁରକ୍ଷା ପାଇଁ ବିଜେଡି କ୍ରମାଗତ ଭାବେ ଲଢ଼େଇ କରି ଆସୁଛି। ବାଲେଶ୍ୱରର ଏଫଏମ ଝିଅକୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ବାଲେଶ୍ୱର ବନ୍ଦଠାରୁ ଆରମ୍ଭ କରି ଲୋକସେବା ଭବନ ଘେରଉ, ଆରଡିସି ଅଫିସ ଘେରଉ କାର୍ଯ୍ୟକ୍ରମ କରିଥିଲା। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଉପରୁ ସାଧାରଣ ଲୋକଙ୍କ ଆସ୍ଥା କମୁଥିବା ନେଇ ସେମାନଙ୍କ କ୍ଷୋଭ, ଆକ୍ରୋଶରୁ ସ୍ପଷ୍ଟ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ବିଧାନସଭା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ବିଜ୍ଞପ୍ତି ଆସିଲେ ଗୃହରେ ଦଳର ଭୂମିକା ନେଇ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେବେ ଉଭୟ ବିରୋଧୀଙ୍କ ଆଭିମୁଖ୍ୟକୁ ଅନୁଶୀଳନ କଲେ, ଆସନ୍ତା ମୌସୁମୀ ଅଧିବେଶନ ଯେ ଶାସକ ଦଳ ପାଇଁ ସହଜ ହେବ ନାହିଁ, ତାହା ଜଳଜଳ ହୋଇ ଦିଶୁଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ମହାନଦୀ ଜଳବିବାଦ, ଉଚ୍ଚସ୍ତରୀୟ ବୈଠକ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୭ (ସମିସ): ବୁଧବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଯେ ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

**ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ସମାଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ**



## କଙ୍କଡ଼ା ଧରିବା ବେଳେ ସମୁଦ୍ରରେ ଭାସିଗଲେ

ଭୋଗରାଇ,୨୩।୭ (ସମିସ): ବେଳାଭୂମିରୁ କଙ୍କଡ଼ା ଧରିବା ବେଳେ ସମୁଦ୍ରରେ ଭାସିଗଲେ ଯୁବକ। ଭୋଗରାଇ ବ୍ଲକ୍ ତାଳସାରୀ ବେଳାଭୂମିରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତ ଯୁବକ ହେଲେ, ରାମନଗର ଥାନା ହଳଦିଆ ପଞ୍ଚାୟତ ବାଲକବାଡ଼ ଅଞ୍ଚଳର ସୁଧାଂଶୁ ନାୟକଙ୍କ ପୁଅ ଅସନୀ ନାୟକ। ଆଜି ସକାଳେ ସେ କଙ୍କଡ଼ା ଧରିବା ପାଇଁ ତାଳସରୀ ବେଳାଭୂମିକୁ ଯାଇଥିଲେ। ଏହି ସମୟରେ ସମୁଦ୍ରରେ ହଠାତ୍ ଜୁଆର ମାଡ଼ି ଆସିବାରୁ ସେ ପାଣି ଭିତରେ ରହିଯାଇଥିଲେ। ଏପଟେ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି କରିବା ପରେ ବେଳାଭୂମିରେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ପରିବାରଲୋକ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ବିଏମ୍‌ସିରେ ପଶିଲା ଭିଜିଲାନ୍ସ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ; କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଟକ

ଭୁବନେଶ୍ୱର, ୨୧।୭ (ସମିସ): ବିଏମ୍‌ସିରେ ପସିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବିଏମ୍‌ସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ। ଜଗନ୍ନାଥଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣ ସମ୍ପତ୍ତି ଠାବ କରିଛି। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ, ପୈତୃକ ଘର ଏବଂ ବିଏମ୍‌ସି କାର୍ଯ୍ୟାଳୟରେ ବୁଧବାର ଦିନତମାମ ଚଢ଼ଉ ଜାରି ରହିଥିଲା। ଜଗନ୍ନାଥଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଅଟକ ରଖି ପଚରାଉଚରା କରୁଛନ୍ତି।



ଭିଜିଲାନ୍ସ ସୂଚନା ମୁତାବକ, ଜଗନ୍ନାଥ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଥିଲା। ଆଜି ସକାଳେ ଏହି ଟିମ୍ ଜଗନ୍ନାଥଙ୍କ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ୩ ମହଲା ବିଶିଷ୍ଟ କୋଠା, ବାଲିପାଟଣା ତହସିଲର ରଣପୁରସ୍ଥିତ ଫାର୍ମ ହାଉସ୍, ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଦୁଇ ମହଲା ବିଶିଷ୍ଟ ପୈତୃକ ଘର ଏବଂ ବିଏମ୍‌ସି କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଏହିସବୁ ସ୍ଥାନରୁ ୪୬୦ ଗ୍ରାମ୍ ସୁନା ଅଳଙ୍କାର, ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମ୍ୟୁଚୁଆଲ୍ ଫଣ୍ଡ ଏବଂ ଡିପୋଜିଟ୍ ଜବତ କରାଯାଇଛି। ଏହା ସହିତ ଦୁଇଟି ୪ ଚକିଆ ଗାଡ଼ି ଏବଂ ୭ ଲକ୍ଷ ନଗଦ ଅର୍ଥ ଜବତ କରାଯାଇଛି।

ତେବେ ଜଗନ୍ନାଥଙ୍କ ବାଲିପାଟଣାସ୍ଥିତ ଫାର୍ମ ହାଉସ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଫାର୍ମା ହାଉସ୍‌ଟି ୧.୫୭ ଏକର ବିଶିଷ୍ଟ। ଏଠାରେ ୮୩୩ ବର୍ଗଫୁଟ୍ ବିଶିଷ୍ଟ ଏକ ଦୁଇ ମହଲା ବିଶିଷ୍ଟ କୋଠା ରହିଛି। ଏଠାରେ ମାଛ ପୋଖରୀ ସମେତ ବହୁସଂଖ୍ୟାରେ ଫଳ ଗଛ ଲଗାଯାଇଛି। ଏଠାରୁ ଏକ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘ ଜବତ କରାଯାଇଛି। ଏଗୁଡ଼ିକୁ ସେ କେଉଁଠୁ ଆଣିଲେ, ବନ୍ୟପ୍ରାଣୀ ଶିକାରରେ ତାଙ୍କର ସମ୍ପୃକ୍ତି ରହିଛି କି ବୋଲି ପ୍ରଶ୍ନ ଉଠିଛି। ଜବତ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘକୁ ଖୁବ୍‌ଶୀଘ୍ର ବନ୍ୟପ୍ରାଣୀ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଭିଜିଲାନ୍ସ କହିଛି।

## ତାରିଣୀ, ବିରଜା ଓ ଏକାମ୍ର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ଘଟଗାଁ ମା' ତାରିଣୀ ପୀଠ, ଯାଜପୁର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ସମୀକ୍ଷାରୁ ଜଣାଯାଇଛି ଯେ ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଘଟଗାଁର ମା' ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ବ୍ୟବସ୍ଥା, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ଘଟଗାଁ ମନ୍ଦିର ଚତୁଃପାଶ୍ୱର୍ରେ ଥିବା ଦୋକାନଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁରର ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାଶ୍ୱର୍ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି।

ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାଶ୍ୱର୍ର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗ ସଚିବ ବଳଓ୍ୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



**ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି**

## ଅଂଶୁଘାତରେ ଟଳିଲେ ୧୦ ଛାତ୍ରୀ

ରାଜନଗର, ୨୩।୭ (ସମିସ): ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଆଜି ରାଜନଗର ବ୍ଲକ ଅନ୍ତର୍ଗତ ୨ଟି ସ୍କୁଲର ମୋଟ ୧୦ଜଣ ଛାତ୍ରୀ ଅଂଶୁଘାତର ଶିକାର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ରାଜନଗର ଉଚ୍ଚବିଦ୍ୟାଳୟର ୮ଜଣ ନବମ ଛାତ୍ରୀ ଓ ଜଣେ ଦଶମ ଛାତ୍ରୀ ଥିବା ବେଳେ ଅନ୍ୟ ଜଣେ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟର ଜଣେ ଦଶମ ଛାତ୍ରୀ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ଆଜି ସକାଳୁ ସକାଳୁ ଭୀଷଣ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହୋଇଥିଲା। ଫଳରେ ପ୍ରାର୍ଥନା କ୍ଲାସ୍ ପରେ ଜଣଙ୍କ ପରେ ଜଣେ ଛାତ୍ରୀ ନିସ୍ତେଜ ହୋଇ ଶ୍ରେଣୀଗୃହରେ ପଡ଼ି ଯାଇଥିଲେ। ସେମାନେ ହେଲେ, ରାଜନଗର ଉଚ୍ଚବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟାଙ୍କା ବିଶ୍ୱାଳ, ୯ମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ସେଠୀ, ତନୁଶ୍ରୀ ଦାସ, ଦୀପା ମଲ୍ଲିକ, ପୂର୍ଣ୍ଣିମା ପ୍ରଧାନ, ମାମୁନି ଦାସ, ପମଶ୍ରୀ ପ୍ରଧାନ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ସଙ୍ଗେସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେହିପରି ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସୁଚିତ୍ରା ରାଉଳ ଗରମ ଯୋଗୁଁ ଶ୍ରେଣୀ ଗୃହରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ବି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତ ଛାତ୍ରୀ ସୁସ୍ଥ ଥିବା ଜଣାପଡ଼ିଛି। ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଓ ଦୁଇଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।



**ରାଜ୍ୟରେ ବଢୁଛି ବୀଭତ୍ସ ଘଟଣା**

## ସରକାରଙ୍କର ସାମାନ୍ୟ ଲଜ୍ଜାବୋଧ ନାହିଁ

ଭୁବନେଶ୍ୱର,୨୩।୭ (ସମିସ): ରାଜ୍ୟବ୍ୟାପି ହେଉଥିବା ନାରୀ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ କଂଗ୍ରେସ ଦଳର ଅବିରାମ ସଂଗ୍ରାମ ଜାରି ରଖିଛି। ଅତ୍ୟାଚାରିତ ନାରୀଙ୍କ ପାଇଁ ନ୍ୟାୟର ଉପଯୁକ୍ତ ବ୍ୟବସ୍ଥା ନ କଲା ପର୍ଯ୍ୟନ୍ତ ଏହା ଆଗକୁ ଜୋର୍‌ଦାର୍ ହେବ ବୋଲି ରାଜ୍ୟ କଂଗ୍ରେସ କହିଛି।

ବୁଧବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଏତେସବୁ ବୀଭତ୍ସ ଘଟଣା ଘଟିବା ପରେ ମଧ୍ୟ ସରକାରଙ୍କୁ ସାମାନ୍ୟତମ ଲଜ୍ଜାବୋଧ ହେଉନି। ନାରୀ ନିର୍ଯାତନା ପାଇଁ ରାଜ୍ୟର ଜନତା ମର୍ମାହତ ଏବଂ ଲଜ୍ଜିତ। କିନ୍ତୁ ରାଜ୍ୟ ସରକାର କିଛି ହୃଦୟଙ୍ଗମ କଲାଭଳି ଦେଖାଯାଉ ନାହିଁ। ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି, ଆମେରିକୀୟ ନାଗରିକଙ୍କୁ ଓଡ଼ିଶା ନ ଯିବା ପାଇଁ ବାରଣ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଓଡ଼ିଶା ଗସ୍ତ ସମୟରେ ନାରୀ ନିର୍ଯାତନା ବିଷୟରେ ସରକାରଙ୍କୁ ସୂଚାଇଥିଲେ। ଏପରିକି ବର୍ତ୍ତମାନ ସୁପ୍ରିମକୋର୍ଟ ଓଡ଼ିଶାରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଆମକୁ ଲଜ୍ଜା ଅନୁଭବ ହେଉଛି ବୋଲି ନିଜ ତରଫରୁ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣା ପାଇଁ ବିରୋଧୀ ଦଳ ଭାବେ କଂଗ୍ରେସ ମଧ୍ୟ ଲଜ୍ଜିତ ବୋଲି ଭକ୍ତ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ସ୍ୱାଧୀନତାକୁ ୭୫ବର୍ଷ ବିତିଯାଇଥିଲେ ସୁଦ୍ଧା ଏଭଳି ଲଜ୍ଜାଜନକ ଘଟଣା ସବୁ ଘଟୁଛି। ଆଇନଶୃଙ୍ଖଳାକୁ ସମ୍ଭାଳିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ଓଡ଼ିଶାର ବିଜେପି ସରକାର ବିରୋଧରେ କଂଗ୍ରେସ ଯେଉଁ ଅଭିଯୋଗ ଆଣିଥିଲା, ସୁପ୍ରିମକୋର୍ଟ ତାଙ୍କ ଟିପ୍ପଣୀ ମାଧ୍ୟମରେ ସେଥିରେ ମୋହର ଲଗାଇଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ରାଜ୍ୟ ବିଜେପି ସରକାର ଅନ୍ତତଃ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

**ନାରୀ ଅତ୍ୟାଚାର ବିରୋଧରେ ଅବିରାମ ସଂଗ୍ରାମ ଚାଲିବ: କଂଗ୍ରେସ**



### ବନ୍ଦ ହେଉନି ବେଆଇନ ବାଲି ଚୋରାଚାଲାଣ

# ମକୁନ୍ଦପୁର-ବରୁଣ୍ଡେଇ ରାସ୍ତା ପାଲଟିଛି ମରଣଯନ୍ତା

ବ୍ୟାସନଗର, ୨୩।୭ (ସମିସ)

ମରଣଯନ୍ତା ପାଲଟିଛି ଯାଜପୁର ଜିଲ୍ଲା କୋରେଇ ବ୍ଲକ ବରୁଣ୍ଡେଇଠାରୁ ମକୁନ୍ଦପୁର ପୂର୍ତ୍ତ ବିଭାଗ ରାସ୍ତା। ପ୍ରାୟ ୯.୫ କିମି ପରିବ୍ୟାପ୍ତ ଏହି ରାସ୍ତାର ଦୂରାବସ୍ଥା କେହି ଆଖିରେ ନଦେଖିଲେ ବିଶ୍ୱାସ କରିବେନି। ବିକଶିତ ଯାଜପୁରର ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ ଦୈନନ୍ଦିନ ହଜାର ହଜାର ଲୋକ ନିଜ ବ୍ୟବସାୟ, ଅନେକ ଛାତ୍ରଛାତ୍ରୀ ବିଦ୍ୟାଳୟ ଏବଂ କଲେଜକୁ ଯାତାୟତ କରୁଥିବା ବେଳେ ଏବେ ଏହି ରାସ୍ତା ଦେଇ ବେଆଇନ ବାଲି ଚୋରାଚାଲାଣ କରାଯିବା ଫଳରେ ଏଠାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିକୋଇଲି ପୂର୍ତ୍ତ ବିଭାଜନ (ରାସ୍ତା ଏବଂ ଗୃହ) ଅଧୀନ ପାଣିକୋଇଲି ସବ୍-ଡିଭିଜନ ଅଧୀନରେ ଥିବା ଏହି ରାସ୍ତାର ୯.୫ କିମି ମଧ୍ୟରୁ ପ୍ରାୟ ୬ କିମି ରାସ୍ତା ଏବେ ଦିନ ରାତି ମୃତ୍ୟୁକୁ ଆମନ୍ତ୍ରଣ କରୁଛି। ପାଣିକୋଇଲି ପୂର୍ତ୍ତ ବିଭାଜନ (ରାସ୍ତା ଏବଂ ଗୃହ) ଅଧୀନରେ ଗତ ଫେବୃଆରୀ ମାସରେ ପ୍ରାୟ କୋଟି କୋଟି ଅର୍ଥ ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବରୁଣ୍ଡେଇଠାରୁ ମକୁନ୍ଦପୁର ପୂର୍ତ୍ତ ବିଭାଗ ଅଧୀନସ୍ଥ ଏହି ରାସ୍ତାର ଦୂରାବସ୍ଥା ନେଇ ଅନେକବାର ବିଭାଗ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ



ପ୍ରଶାସନ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଥିବା ଅଭିଯୋଗ କରନ୍ତି ସ୍ଥାନୀୟ ଲୋକେ। ସୂଚନାମୁତାବକ ସ୍ଥାନୀୟ ଅଞ୍ଚଳର କିଛି ବାହୁବଳୀ ତଥା ମୁଷ୍ଟିମେୟ ବାଲି ମାଫିଆଙ୍କ କବ୍‌ଜାରେ ଏହି ରାସ୍ତା ଦୀର୍ଘ ବର୍ଷ ହେବ ରହିଆସିଛି। ଏହି ରାସ୍ତା ଦେଇ ଏହି ତଥାକଥିତ ବାଲି ମାଫିଆମାନେ ଦୈନିକ ହଜାର ହଜାର ଟ୍ରିପ୍ ବାଲି ରାଜ୍ୟ ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ କରି କୋଟି କୋଟି ଟଙ୍କା ମୁନାଫା କମାଉଥିବା ବେଳେ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟ ସରକାର ଦୈନିକ ସମାନ ପରିମାଣର ରାଜସ୍ୱ ହରାଉଛନ୍ତି। ବାଲି ମାଫିଆଙ୍କ ଉପରେ ପ୍ରଶାସନିକ ଲଗାମ ଯେ କାମ କରୁନି ତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅନେକବାର ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ ଏହା ଫଳଶୂନ୍ୟ ରହିଛି। ଏପରିକି ଅଭିଯୋଗ ହୁଏ କି ଏହି ବାଲି ମାଫିଆମାନେ ମାସିକିଆ ଆକାରରେ ବ୍ୟବସ୍ଥା କରି ପ୍ରକାରନ୍ତରେ ବାଲି ଉତ୍ତୋଳନରେ ନିୟନ୍ତ୍ରଣ କରୁଥିବା ଖଣି ଉପନିର୍ଦ୍ଦେଶକ (ଲଘୁ ଖଣିଜ) ଅଧିକାରୀ ଏବଂ ଅନ୍ୟ କିଛି ଅଧିକାରୀଙ୍କୁ ନିଜ ବୋଲକରା ସଜାଇ ନିଜ ଚୋରା କାରବାର ଚେର ରାଜ୍ୟ ବାହର ଯାଏଁ ଲମ୍ବାଇବାରେ ସକ୍ଷମ ହୋଇଛନ୍ତି। ତେବେ ଏହି ଚୋରା ବାଲିଚାଲାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ମରଣଯନ୍ତା ପାଲଟିବା ସହିତ ସ୍ଥାନୀୟ ଲୋକଙ୍କ ଯାତାୟତ ମଧ୍ୟ ବିପର୍ଯ୍ୟସ୍ତ ହୋଇଛି। ଗତ ସାଧାରଣ ନିର୍ବାଚନ ସମୟରେ ମା', ମାଟି, ସ୍ୱାଭିମାନର ସ୍ଲୋଗାନର ନାରା ଦେଇ ବିଜେପି ଏଠାରେ କ୍ଷମତାକୁ ଆସିଥିଲା। କିନ୍ତୁ ଏବେ ସେହି ସ୍ଲୋଗାନ ମାଟି କାମୁଡିଥିବା ଚର୍ଚ୍ଚା ହେଉଛି। ପ୍ରତିଦିନ ସମ୍ପୂର୍ଣ୍ଣ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି ଫଳରେ କୋରେଇର ବିଭିନ୍ନ ରାସ୍ତା ଘାଟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ଥ ହୋଇଯାଇଛି। ନିକଟରେ ମରାମତି ହୋଇଥିବା ୯.୫ କିମି ରାସ୍ତା ମଧ୍ୟରୁ ମାସ କେଇଟାରେ ପ୍ରାୟ ୬ କିମି ରାସ୍ତା ବିପର୍ଯ୍ୟସ୍ତ ହେବା ନେଇ ପାଣିକୋଇଲି ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ମିଶ୍ରଙ୍କୁ ପଚାରିବାରୁ ସେ ସମାନ ଭାବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ସହିତ ସ୍ୱର ମିଳାଇ ବେଆଇନ ବାଲି ଚୋରା ଚାଲାଣ ରାସ୍ତା ବିପର୍ଯ୍ୟୟର ମୂଳ କାରଣ ବୋଲି କହିଛନ୍ତି। ଏହି ରାସ୍ତା ଯେତିକି ଓଜନ ବହନ କରିପାରିବ ତାଠାରୁ ଅଧିକ୍ କ୍ଷମତା ବିଶିଷ୍ଟ ବାଲି ଗାଡି ଦୈନନ୍ଦିନ ଚଳାଚଳ କରିବା ଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଗତ ଫେବୃଆରୀ ମାସରେ ରାସ୍ତା ନିର୍ମାଣ ସମୟରେ ବେଆଇନ ଭାବେ ଉକ୍ତ ରାସ୍ତା ବାଲି ପରିବହନ ବନ୍ଦ ନେଇ ଖଣି ଉପନିର୍ଦ୍ଦେଶକ(ଲଘୁ ଖଣିଜ) ଅଧିକାରୀଙ୍କୁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ତେବେ ରାସ୍ତା ନିର୍ମାଣର କିଛି ଦିନ ପରେ ପୁନଃଶ୍ଚ ସେହି ରାସ୍ତାରେ ଟ୍ରିପ ଟ୍ରିପ ବାଲି ପରିବହନ କରାଯିବା ଫଳରେ ଟନ ଟନ ଓଜନର ଭାର ସମ୍ଭାଳି ନପାରି ରାସ୍ତାର ଏପରି ଦୂରାବସ୍ଥା ହୋଇଥିବା ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି। ତେବେ ଉଭୟ କ୍ଷେତ୍ରରେ ସରକାରୀ ତହବିଲ କ୍ଷତିରେ ପଡୁଥିବା ବେଳେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏହି ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଉଠିଛି। ଅନ୍ୟଥା ନିଜ ଅଞ୍ଚଳର ଜୀବନରେଖାକୁ ସମସ୍ୟାମୁକ୍ତ କରିବାକୁ ଏକ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ପିଏମ୍‌ଶ୍ରୀ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ସ୍ୱନକ୍ଷତ୍ର



ସିଂହପୁର, ୨୩।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ରାଉଳ, ସମାଜସେବୀ ଧନେଶ୍ୱର ସାମଲ ଅତିଥିରୂପେ ଯୋଗଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ମୁଖ୍ୟ ଫାଟକର ଶିଳାନ୍ୟାସ ଓ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବା ସହ ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ନଳିନୀପ୍ରଭା ଦାସଙ୍କ ନେତୃତ୍ୱର ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଭିଟି ସିପନ କୁମାର ବେହେରାଙ୍କ ନେତୃତ୍ୱରେ ବିଶ୍ୱ ଦକ୍ଷତା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ଚିତ୍ରକଳା, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ପରିଚାଳନା କରିଥିବା ସହ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଶୁଭଶ୍ରୀ ବିଶ୍ୱାଳ, ଖଗେଶ୍ୱର ଯେନା, ମୁମସାଦ ଖାନ, ପ୍ରିୟରଞ୍ଜନ ବେହେରା, ପାର୍ବତୀ ବେହେରା, ବିଜୟା ମଲ୍ଲିକ, ପ୍ରକାଶ ମଲ୍ଲିକ, କୈବଲ୍ୟ ପ୍ରସାଦ ପଣ୍ଡା, ପ୍ରିୟଙ୍କା ସାମଲ, ଏବଂ ଶିକ୍ଷାକର୍ମୀ ବିଶ୍ୱନାଥ ପଣ୍ଡା, ନବକିଶୋର ସାହୁ ଓ ସମର୍ଜିତ ସାହୁ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବରୀ, ୨୩।୭ (ସମିସ): ବରୀ ବ୍ଲକ ଅନ୍ତର୍ଗତ ବାଲିବିଲ ପଞ୍ଚାୟତ ଖେମେଶ୍ୱର ଗ୍ରାମର ମଦନ ସାମଲଙ୍କ ପତ୍ନୀ ସରସ୍ୱତୀ ସାମଲ (୫୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ସେ ସନ୍ଧ୍ୟାରେ ତୁଳସି ଚଉଁରା ନିକଟରେ ସନ୍ଧ୍ୟା ଦେବାକୁ ଯାଉଥିବା ସମୟରେ ତାଙ୍କ ଗୋଡ଼କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଉପସ୍ଥିତ ଥିବା ଡାକ୍ତର ତାଙ୍କର ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କୁ ନେବା ପାଇଁ ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ ହେଁ ବହୁ ବିଳମ୍ବରେ ଆମ୍ବୁଲାନ୍ସ ଆସିଥିଲା। ତେଣୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

■ ଅବକାରୀ ବିଭାଗର ଚଢ଼ଉ


## ମଦ ଜବତ; ୪ ଗିରଫ

ଦାନଗଦି, ୨୩।୭ (ସମିସ): ଯାଜପୁର ରୋଡ଼ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୪୬ ଲିଟର ଚୋରା ମଦ, ଦୁଇଟି ବାଇକ୍‌କୁ ଜବତ କରିବା ସହ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଅବକାରୀ ବିଭାଗର ଏକ ଟିମ୍ ଧୂଳିଗଡ଼ ପଞ୍ଚାୟତର ମାନପୁର ଗାଁରେ ଚଢ଼ଉ କରି ଚୋରା ମଦ ଦୀର୍ଘ ବର୍ଷ ହେବ ବିକୁଥିବା ରଘୁନାଥ ରଣାଙ୍କୁ ଗିରଫ କରିବା ସହ ସୋଲବନ୍ଦୀର ସୁଶାନ୍ତ ରାଉତଙ୍କୁ ଗିରଫ କରିଥିଲେ। ତା'ପରେ ଟୋଲକାନି ରାସ୍ତାରେ ଧୂଳିଗଡ଼ର ଶ୍ରୀକାନ୍ତ ନାୟକ ଓ ମୁଣ୍ଡମାଳର ବିକି ଦାସଙ୍କୁ ଗିରଫ କରିଥିଲେ। ଏହି ଚୋରା ମଦ ବେପାରୀଙ୍କ ଠାରୁ ଦୁଇଟି ବାଇକ୍ ମଧ୍ୟ ଜବତ କରି ଅଭିଯୁକ୍ତ ଚୋରା ମଦ ବେପାରୀଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଅବକାରୀ ବିଭାଗର ଓଆଇସି ବିଭୂପ୍ରସାଦ ସାହୁ, ଏଏସଆଇ ରଶ୍ମିରେଖା ଜେନା, କନଷ୍ଟେବଳ ମାଳତୀ ମାଝୀ, ଚଗଲା ମଲ୍ଲିକ ଓ ଅନ୍ୟ ଏକ ଟିମରେ ଆଇଆଇସି ନାରାୟଣ ବେହେରା, ଓଆଇସି ସୁରେନ୍ଦ୍ର ପଣ୍ଡା, ଏଏସ୍‌ଆଇ ରଞ୍ଜନ ପାତ୍ର ଓ କନଷ୍ଟେବଳ ଗଣେଶ ଦଣ୍ଡପାଟ ପ୍ରମୁଖ ସାମିଲ ଥିଲେ।

## ଅଚ୍ୟୁତାନନ୍ଦନଙ୍କ ବିୟୋଗରେ ଶୋକ

ବ୍ୟାସନଗର, ୨୩।୭ (ସମିସ): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ ପାଲଟିବ୍ୟୁରୋ ସଦସ୍ୟ ଭିଏସ୍ ଅଚ୍ୟୁତାନନ୍ଦନଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସିପିଏମ୍ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପନି କିସ୍କୋ, ମାଳତୀ ହାଁସଦା, ଗୁରୁବାରୀ ଲାଗୁରୀ, ସନ୍ତୋଷ କୁମାର ପୃଷ୍ଟି, ବିଦ୍ୟାଧର ବେହେରା, ମନ୍ମଥ ରାୟ, ରାଜେନ୍ଦ୍ର ସ୍ୱାଇଁ, ସନ୍ତୋଷ ବରାଳ ପ୍ରମୁଖ ବକ୍ତବ୍ୟ ରଖିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିପିଆଇଏମ ଯାଜପୁର ରୋଡ଼ ଆଞ୍ଚଳିକ କମିଟି ପକ୍ଷରୁ ପାର୍ଟି ପତାକାକୁ ଅର୍ଦ୍ଧନିମିତ କରି ଶୋକ ପ୍ରକାଶ ପୂର୍ବକ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଔଦ୍ୟୋଗିକ ଶିକ୍ଷା ଓ କୃତ୍ରିମ ବୁଦ୍ଧିମତା ପ୍ରଶିକ୍ଷଣ ଶିବିର



ଯାଜପୁର, ୨୩।୭ (ସମିସ): ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନିଆ ଔଦ୍ୟୋଗିକ ଶିକ୍ଷା ଓ କୃତ୍ରିମ ବୁଦ୍ଧିମତାର ପ୍ରଶିକ୍ଷଣ ଶିବିର' ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ଏହି ପ୍ରଶିକ୍ଷଣରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ୫ଟି ବ୍ଲକରୁ ୧୦୦ଟି ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୦୦ଜଣ ଶିକ୍ଷକଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଯାଜପୁର ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଉକ୍ତ ପ୍ରଶିକ୍ଷଣକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଧାଶିକ୍ଷୟିତ୍ରୀ ଅନିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସବିତା ସାହୁ ସମ୍ମାନିତ ଅତିଥ ଏବଂ ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି ଜିଲ୍ଲା ସଂଯୋଜକ ରୂପେ ଯୋଗଦାନ କରିଥିଲେ। ପ୍ରଶିକ୍ଷକ ଭାବେ ମେକରଘାଟ ତରଫରୁ ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର କପିଳାସ ଆଦବର ଓ ପ୍ରକଳ୍ପ ସଂଯୋଜକ ରାମଶେଖର ନାଥ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଓ ମେକରଘାଟର ପ୍ରଶିକ୍ଷକ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଠାରୁ ଉକ୍ତ ପ୍ରଶିକ୍ଷଣର ଗୁରୁତ୍ୱ ଓ ସଫଳତା ବିଷୟରେ ଅବଗତ ହୋଇଥିଲେ।

## ପୂର୍ତ୍ତ ବିଭାଗ ରାସ୍ତା କାମ ସାରିବାକୁ ଦାବି

ଧର୍ମଶାଳା, ୨୩।୭ (ସମିସ): ପୂର୍ତ୍ତ ବିଭାଗର ଖାମଖିଆଲି ନୀତି ଯୋଗୁଁ ଧର୍ମଶାଳା ନିର୍ବାଚନମଣ୍ଡଳୀର ସାଧାରଣ ଲୋକେ ହିନସ୍ଥା ଭୋଗୁଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ଗୁଡିକ ମଧ୍ୟରୁ ବିଭିନ୍ନ ସ୍ଥାନରେ ପ୍ରଶସ୍ତୀକରଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇ ଅଧାରେ ଅଟକି ରହିଥିବା ବେଳେ ଆଉ କେଉଁଠି କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ୨୦୨୩ ଡିସେମ୍ବରରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ନିର୍ବାଚନ ମଣ୍ଡଳୀର ୧୨ଟି ସ୍ଥାନରେ ୧୬୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା। ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨୨କୋଟି ୩୯ଲକ୍ଷ, ବେଦପୁର-ଜନକ ରାସ୍ତା ପାଇଁ ୨୨କୋଟି ୨୦ଲକ୍ଷ, ଧର୍ମଶାଳା-କାଏମା ରାସ୍ତା ପାଇଁ ୧୮କୋଟି ୪୨ଲକ୍ଷ, କୁଆଖିଆ-ଜେନାପୁର ରାସ୍ତା ପାଇଁ ୧୮କୋଟି ୨୯ଲକ୍ଷ, ଧର୍ମଶାଳା-କବାଟବନ୍ଧ ରାସ୍ତା ପାଇଁ ୧୭କୋଟି ୪୦ଲକ୍ଷ, ବଡ଼ କାଏମା ନରସିଂହପୁର ରାସ୍ତା ପାଇଁ ୧୫କୋଟି ୧୭ଲକ୍ଷ, ଧର୍ମଶାଳା ବାଇପାସ



ରାସ୍ତା ପାଇଁ ୧୪କୋଟି ୬୪ଲକ୍ଷ, କେଜିବିଡିବି ରାସ୍ତା ୯କୋଟି ୯୫ଲକ୍ଷ, କବାଟବନ୍ଧ ମଞ୍ଜୁରୀପଡ଼ା ରାସ୍ତା ପାଇଁ ୮କୋଟି ୭୬ଲକ୍ଷ, ବାରବାଟୀ-ସିଂହାପୁର ରାସ୍ତା ପାଇଁ ୭କୋଟି ୬୬ଲକ୍ଷ, ନାକପୋଲ ମାଣିଆ ରାସ୍ତା ପାଇଁ ୩କୋଟି ୯୮ଲକ୍ଷ ଏବଂ ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨କୋଟି ୯୧ଲକ୍ଷ ଟଙ୍କା ମୋଟ ୧୨ଗୋଟି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ହେଲେ ଏହି ସବୁ କାର୍ଯ୍ୟ ରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସେଥି ମଧ୍ୟରୁ ଧର୍ମଶାଳା-କାଏମା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଯାହା ଫଳରେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇଛି ନାନା ପ୍ରକାର ସମସ୍ୟା ଦେଖା ଦେଉଛି। ରାସ୍ତା ସାରା ଖାଲଖମାରେ ଭର୍ତି ହେବା ଯୋଗୁଁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ଉପାୟଶୂନ୍ୟ ହୋଇ ଲୋକେ ଏଭଳି ଖାଲଖମା ଭର୍ତ୍ତି ରାସ୍ତାରେ ଯାତାୟତ କରୁଛନ୍ତି। ପୂର୍ତ୍ତ ବିଭାଗର ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଟେଣ୍ଡର ହୋଇଥିବା ଉପରୋକ୍ତ କାର୍ଯ୍ୟକୁ ତୁରନ୍ତ ସମାପ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ବରିଷ୍ଠ ଶିକ୍ଷକ ମୁସ୍ତାଫା ଅଲ୍ଲୀଙ୍କୁ ଅବସର ସମ୍ବର୍ଦ୍ଧନା

ପ୍ରୀତିପୁର/ମଇଁଦା, ୨୩।୭ (ସମିସ): ବିଞ୍ଝାରପୁର ବ୍ଲକର ବିତନାପଞ୍ଚାୟତ ତଥା ବିତନା ଠାରେ ଅବସ୍ଥିତ କରୁଣାକର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୁସ୍ତାଫା ଅଲ୍ଲୀଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ ଉପଲକ୍ଷେ ଗ୍ରାମବାସୀ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ବ୍ଲକ ସଭାପତି ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ସହଶିକ୍ଷା ଅଧିକାରୀ ବଳରାମ ପତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ଉପସଭାପତି ରତନଲାଲ ଭୂୟାଁ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବଳ ଚରଣ ରାଉତ, କରୁଣାକର ଏମ୍‌ଇ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାସୁଦେବ ମିଶ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ବନମାଳିପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ନାୟକ, ବିତନା ପଞ୍ଚାୟତର ନାଏବ ସରପଞ୍ଚ ନିରୁପମା ରାଉତ, କଣ୍ଟିପୁର କୂଳସାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନି ଜେନା ସ୍ୱାଗତ ସମ୍ବର୍ଦ୍ଧନା ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସିଆର୍‌ସିସି ରମେଶ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜକାନ୍ତ ନାୟକ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ଜାନକୀ ଯେନା, ଲିସାଦାସ, ଗୀତାରାଣୀ ସାମଲ ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ଦେବେନ୍ଦ୍ର ନାୟକ, ଦୁଃଶାସନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## କୃଷକ ବିକାଶ ପରିଷଦର 'ସବୁଜ ବନାନୀ' ଉଦ୍‌ଘାଟିତ



ହାତୀବାରି, ୨୩।୭ (ସମିସ): ଓଡ଼ିଶା କୃଷକ ବିକାଶ ପରିଷଦ ତରଫରୁ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକରେ ପ୍ରଥମ 'ସବୁଜ ବନାନୀ' କାର୍ଯ୍ୟକ୍ରମର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ତଥା କାର୍ଯ୍ୟକାରୀ ସଭାପତି ଅମର ବଲ୍ଲଭ ସାହୁ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ସଂଗଠନ ର ରାଜ୍ୟ କମିଟି ସଦସ୍ୟ ଅମୂଲ୍ୟ ଦାସ, ସଦସ୍ୟା ସବିତା ଭୂୟାଁ, ସୁକିନ୍ଦା ବ୍ଲକ ସମ୍ପାଦକ ବିଶ୍ୱଜିତ ପାତ୍ର, ସଂଯୋଜିକା ପୁଷ୍ପାଞ୍ଜଳି ବେହେରା, ବୈଜୟନ୍ତୀ ରାଉତ, ବିନୋଦିନୀ ମଲ୍ଲିକ, ଭାଗ୍ୟଶ୍ରୀ ମଳିକ, କଲ୍ୟାଣୀ ନାୟକ, ରେଣୁବାଳା ପୁହାଣ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସଂଗଠନର ସଂଯୋଜିକା ବୈଜୟନ୍ତୀ ରାଉତଙ୍କ ଶ୍ୱଶୁର କ୍ଷେଣ୍ଣ ରାଉତଙ୍କ ଏକାଦଶାହରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଆଗାମୀ ଦିନରେ ସାରା ଓଡ଼ିଶାରେ ୨୦ କୋଟି ଗଛ ଲଗାଯିବା ସାହିତ ସମସ୍ତ ଚାଷୀକୂଳର ସର୍ବାଙ୍ଗିନ ଉନ୍ନତି ପାଇଁ ଆମ ସଂଗଠନ କାମ କରିବ ବୋଲି ପ୍ରତିଷ୍ଠାତା ଅମର ବଲ୍ଲଭ ସାହୁ କହିଛନ୍ତି।

## ଟାଟାପାୱାର ଶ୍ରମିକଙ୍କ ଦାବି ଉଠାଇଲା ଠିକାଶ୍ରମିକ ସଂଘ

ବ୍ୟାସନଗର, ୨୩।୭ (ସମିସ): ଟିପିଏନ୍‌ଓଡିଏଲ୍ (ଟାଟା ପାୱାର)ରେ କାର୍ଯ୍ୟରତ ନେସ୍କୋ ଠିକା ଶ୍ରମିକ ସଂଘ ପକ୍ଷରୁ ସଂଘର ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶ୍ରମିକମାନଙ୍କର ୭ ଦଫା ସମ୍ବଳିତ ଦାବି ଅଧିକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ସେନାପତି ଓ ମାନବ ସମ୍ବଳ ବିଭାଗ ଅଧିକାରୀ ହରିହର ଦାସଙ୍କୁ ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଓ କର୍ମଚାରୀ ମାନଙ୍କୁ ନିଯୁକ୍ତି ପତ୍ର ସହ ପରିଚୟ ପତ୍ର ଦେବା, ପିଏଫଓ, ଇଏସଆଇ ବାଧ୍ୟତା ମୂଳକ କରିବା କରିବା ସହିତ ସମାନ କାମକୁ ସମାନ ଦରମା ପ୍ରଦାନ ସମେତ ୭ ଦଫା ଦାବି ପୂରଣ ନିମନ୍ତେ ତ୍ୱରିତ ପଦକ୍ଷେପ ପାଇଁ ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଓଝା, କାର୍ଯ୍ୟକାରୀ ସଭାପତି ଚନ୍ଦନ କୁମାର ସାହୁ, କୋଷାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପରିଡ଼ା ପ୍ରମୁଖ ଦାବି କରିଥିଲେ। ଶ୍ରମ ଆଇନକୁ କଡ଼ାକଡ଼ି କାର୍ଯ୍ୟ କରିବା ସହିତ କାର୍ଯ୍ୟ ରେ ନିୟୋଜିତ ସମସ୍ତ ଶ୍ରମିକଙ୍କୁ ଦରମା ସ୍ଲିପ ଓ ପଦବୀ ଉଲ୍ଲେଖ କରିବାକୁ ଦାବି କରଥିଲେ। ଏହାର ଏକକିତା ନକଲ ଶ୍ରମ ବିଭାଗକୁ ଦିଆ ଯାଇଛି ବୋଲି ଠିକା ଶ୍ରମିକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି।

### ନାବାଳିକା ହକି ଖେଳାଳିଙ୍କୁ ଦୁଷ୍କର୍ମ ଘଟଣା

# ସନ୍ଦେହ ଘେରରେ ଲଜିଂର ଭୂମିକା


ଯାଜପୁର, ୨୩।୭ (ସମିସ): ହକି ପ୍ରଶିକ୍ଷଣ କେନ୍ଦ୍ରର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଏକ ଲଜିଂକୁ ନେଇ ଗଣଦୁଷ୍କର୍ମ କରିବା ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇଛନ୍ତି

● ପୀଡ଼ିତାଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ



ପକ୍‌ସୋ ଅଦାଲତ। ତେବେ ଏହି ଘଟଣାକୁ ନେଇ ଅନେକ ତଥ୍ୟ ରହସ୍ୟବୃତ୍ତ ହୋଇରହିଛି। କାରଣ ଘଟଣା ଘଟିବା ଦିନ ନାବାଳିକାକୁ ୩ ଜଣ ଯୁବକ ଗୋଟିଏ ବାଇକ୍‌ରେ ଜୋରଜବରଦସ୍ତ ଭାବେ ଲଜିଂକୁ ନେବା ଏବଂ ସେଠାରେ ଗଣଧର୍ଷଣ କରିବା ଘଟଣାକୁ ନେଇ ନାନା ସନ୍ଦେହ କରାଯାଉଛି। ଉକ୍ତ ଦିନ ନାବାଳିକା ଜଣକ କୌଣସି ସ୍ଥାନରେ ପ୍ରତିବାଦ କରିପାରିଥାନ୍ତେ ଏବଂ ଏପରିକି ଲଜିଂରେ ସେ କୁଆଡ଼େ ପ୍ରତିବାଦ କରି ବାହାରକୁ ଯିବା ପାଇଁ ଲଜିଂ କର୍ମଚାରୀଙ୍କୁ କହିଥିଲେ। ତେବେ ଏ ସମ୍ପର୍କରେ ଲଜିଂ କର୍ତ୍ତୃପକ୍ଷ କାହିଁକି ପୁଲିସକୁ କୌଣସି ଖବର ଦେଇନଥିଲେ। ପୀଡ଼ିତାଙ୍କ ଅଭିଯୋଗ ଯଦି ସତ୍ୟ ଥାଏ ତାହା ହେଲେ ଗୋଟିଏ ରୁମ୍‌ରେ ୩ ଜଣ ଯୁବକଙ୍କ ସହିତ ଜଣେ ନାବାଳିକାଙ୍କୁ କିଭଳି ରହିବାକୁ ଲଜିଂ କର୍ତ୍ତୃପକ୍ଷ ଅନୁମତି ଦେଲେ ସେ ସମ୍ପର୍କରେ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଲଜିଂରେ କେବେଳ ପ୍ରାପ୍ତ ବୟସ୍କ ରହିବା ପାଇଁ ନିୟମ ଥିବା ବେଳେ କିଭଳି ଏହି ନାବାଳିକାଙ୍କୁ ରହିବା ପାଇଁ ଲଜିଂ କର୍ତ୍ତୃପକ୍ଷ ଅନୁମତି ଦେଲେ ତାହାକୁ ନେଇ ନାନା ସନ୍ଦେହ କରାଯାଉଛି। ପୀଡ଼ିତାଙ୍କ ବୟାନ ମୁତାବକ ନାବାଳିକାଙ୍କୁ ସେହି କୋଚମାନେ ପୁଣି ଆଣି ଗାନ୍ଧୀଛକରେ ଛାଡିଥିଲେ। ଯଦି ଉକ୍ତଦିନ କିମ୍ବା ପରଦିନ ପରିବାର ଲୋକଙ୍କୁ ନ ଜଣାଇ ଦୀର୍ଘଦିନ ପରେ ଅଭିଯୋଗର ପ୍ରକୃତ କାରଣ କ'ଣ ତାହା ଜାଣିବାକୁ ସମସ୍ତଙ୍କ ଅପେକ୍ଷା ରହିଛି। ସେପଟେ ପୀଡ଼ିତାଙ୍କ ସମସ୍ତ ଅଭିଯୋଗକୁ ଅଭିଯୁକ୍ତ ମାନେ ଖଣ୍ଡନ କରିବା ସହିତ ମେଡିକାଲ ରିପୋର୍ଟକୁ ଅପେକ୍ଷା କରିବାକୁ କହିଛନ୍ତି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଯାଜପୁର ବିଜେଡିର ଏକ ମହିଳା ପ୍ରତିନିଧି ଦଳ ପୀଡ଼ିତାଙ୍କୁ ଭେଟି ସମବେଦନା ଜଣାଇବା ସହିତ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଯାଜପୁରର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ମହିଳା ସଙ୍ଗଠନର ଜିଲ୍ଲା ସଭାନେତ୍ରୀ ସବିତା ରାଉତ ପ୍ରମୁଖ ପୀଡ଼ିତାଙ୍କ ମା'ଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶ୍ରିବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

# ସହର ବିକାଶ ପାଇଁ ତାଲିମ ନେଲେ ଅଧକ୍ଷ ଓ ପାରିଷଦ

ଯାଜପୁର,୨୩।୭ (ସମିସ):




ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ସହର ବିକାଶ ଉଦ୍ୟମ ଉପରେ ଯାଜପୁର ଏବଂ ବ୍ୟାସନଗର ନଗର ପାଳିକାର ନିର୍ବାଚିତ ଅଧକ୍ଷା ଅଧକ୍ଷ ଓ ପାରିଷଦ ବର୍ଗମାନଙ୍କ ନିମନ୍ତେ ଅନୁଭୂତିମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ଯାଜପୁର ଏବଂ ବ୍ୟାସନଗର ନଗରପାଳିକାର ଅଧକ୍ଷା, ଅଧକ୍ଷ ଓ କାଉନସିଲର ମାନେ ଅଂଶଗ୍ରହଣ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟସୂଚୀରେ ବାସୁଦେବପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ମାଷ୍ଟର ଟ୍ରେନର ହିସାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହଯୋଗ ଯୋଜନା, ସହରର ବିଭିନ୍ନ ପ୍ରକାର ଉନ୍ନୟନ ଯୋଜନା ସହ ନୂଆ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍ୟାନ୍ୟ ନଗର ଉନ୍ନୟନ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦, ଜଳାଶୟ ପୁନଃଜୀବନ ତଥା ପୁନରୁଦ୍ଧାର ଯୋଜନା ଇତ୍ୟାଦି ବିଷୟରେ ଉପସ୍ଥିତ ଅଧକ୍ଷା, ଅଧକ୍ଷ ଏବଂ ସମସ୍ତ କାଉନସିଲରଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରିଥିଲେ । ଏତଦ୍ ଭିନ୍ନ ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ, ମାଷ୍ଟର ଟ୍ରେନର ହିସାବରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟସୂଚୀଟି ଯାଜପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ରାଉତଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଅଶୋକ କୁମାର ବେହୁରିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଯାଜପୁର ନଗରପାଳିକା ଅଧକ୍ଷା ରଞ୍ଜୁଲତା ହୋତା ଓ ବ୍ୟାସନଗର ନଗରପାଳିକାର ଅଧକ୍ଷ ସୁବାସ ଚନ୍ଦ୍ର ବଳ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟସୂଚୀରେ ବସୁଦେବପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ କାର୍ଯ୍ୟକ୍ର ରେ ଯୋଗଦେଇ ସହର ଉନ୍ନୟନ ବିଷୟରେ ତଥ୍ୟ ଓ ଯୋଜନାମାନ ଉପସ୍ଥାପନା କରିଥିଲେ । ସେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହଯୋଗ ଯୋଜନା ସହ ନୂଆ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍ୟାନ୍ୟ ନଗର ଉନ୍ନୟନ ଯୋଜନା ବିଷୟରେ ଅଧକ୍ଷା ଓ ସଭ୍ୟମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବେହୁରିଆଙ୍କ ସହ ଅଧକ୍ଷା ଓ ସଭ୍ୟମାନେ ସିଧାସଳଖ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ସନ୍ଦେହ ସମାଧାନ କରିଥିଲେ । ଏହା ସହ ଚାନ୍ଦବାଲି ଉପବିଭାଗର ଉପଉପବିଭାଗୀୟ ବିଜ୍ଞାନୀ (ଏଇଇ) ପ୍ରଭାତ କୁମାର ସାହୁ ମଧ୍ୟ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟସୂଚୀ ମାଧ୍ୟମରେ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟ ସ୍ତରରେ ସହର ବିକାଶ ଯୋଜନାଗୁଡ଼ିକୁ କିପରି କ୍ରିୟାନ୍ୱୟନ କରିପାରିବେ ସେ ସମ୍ପର୍କରେ ଅବଗତ ହୋଇଥିଲେ ।

## କଲେଜ ବସ୍ ଧକ୍କାରେ ଅଟୋ ଚାଳକ ଗୁରୁତର

ବ୍ୟାସନଗର,୨୩।୭ (ସମିସ): ସ୍ଥାନୀୟ ବ୍ୟାସନଗର ସହରର ଦଳା ଶଙ୍ଖଚିଲା ରାସ୍ତାର ବ୍ୟାସଶ୍ରୀ କମ୍ପୁଟର ନିକଟରେ ବୁଧବାର ଛୋଟରାୟପୁର ଛକରେ ଗଢି ଉଠିଥିବା ଏକ୍ସେଲସିୟର କଲେଜ ବସ୍ ଧକ୍କାରେ ଜଣେ ସ୍ଥାନୀୟ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଏକ୍ସେଲସିୟର କଲେଜ ବସର ଚାଳକ ନିଶାସକ୍ତ ଅବସ୍ଥାରେ କଲେଜରୁ ଯାଜପୁର ରୋଡ଼ ଅଭିମୁଖେ ଯାଉଥିବା ସମୟରେ ଦଳା ଛକ ପୂର୍ବରୁ ଛିଡ଼ା ହୋଇଥିବା ଏକ ଅଟୋକୁ ଧକ୍କା ଦେବା ଫଳରେ ଅଟୋ ଚାଳକ ପହଗାଁ ଗ୍ରାମର ମହେନ୍ଦ୍ର ସେଠୀ(୩୬) ଗୁରୁତର ଭାବେ ଆହତ ହୋଇ ପ୍ରାଥମିକ ଚିକିତ୍ସା ନିମନ୍ତେ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ସମ୍ପୃକ୍ତ ବସ୍ ଚାଳକକୁ ଅଟକ ରଖିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ସମ୍ପୃକ୍ତ କଲେଜର ବସ୍ ଚାଳକଙ୍କ ବେପରୁଆ ବସ୍ ଚାଳନା ପାଇଁ ଲକ୍ଷ୍ମୀ ନଗର ଅଂଚଳର ଜନୈକ ଯୁବକ ଗୁରୁତର ଆହତ ହୋଇଥିଲେ । ତେବେ ସମ୍ପୃକ୍ତ କଲେଜର ବସ୍ ଚାଳକଙ୍କ ବେପରୁଆ ବସ୍ ଚାଳନା ଯୋଗୁଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ସମ୍ପୃକ୍ତ କଲେଜ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ଜହ୍ନା ସମିତି ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ଶଙ୍ଖଚିଲା, ୨୩।୭ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମପଞ୍ଚାୟତରେ କୃଷି ସମବାୟ ସମିତି କାର୍ଯ୍ୟାଳୟ ଓ ଧାନ ମଣ୍ଡି କ୍ରୟ କେନ୍ଦ୍ରର ଶୁଭ ଭିତ୍ତିପ୍ରସ୍ତର ମାନ୍ୟବର କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । ଏହି ନୂତନ ଗୃହ ନିର୍ମାଣ ଦ୍ୱାରା ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହେବେ ବୋଲି ଶ୍ରୀ ଦାସନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ସମିତି ସଭ୍ୟା ହେମଲତା ପାଢ଼ୀ, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ଯୁବ ନେତା ପ୍ରୀତିରଞ୍ଜନ ସାହୁ, ପଞ୍ଚାୟତ ସମବାୟ ସମିତି ସଭାପତି ନିତ୍ୟାନନ୍ଦ ସାହୁ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ବରିଷ୍ଠ ନେତା ପିନାକୀ ରଞ୍ଜନ ଦାଶ, ବିଜେପି ପଞ୍ଚାୟତ ସଭାପତି ଜଗଦୀଶ ବଳ, ଆଲୋକ କୁମାର ଦାଶ, ଶରତ ଚନ୍ଦ୍ର ଘଡେଇ, ଦୀପକ ପାଢ଼ୀ, ଅଶୋକ ବାରିକ, ଧନେଶ୍ୱର ବାରିକ, ଦୀପ୍ତିମୟୀ କୁଆଁର, ଉଦୟନାଥ ପରିଡା, ଅଜୟ ସାହୁ, ସ୍ମୃତିରଞ୍ଜନ ପତ୍ରି ପ୍ରମୁଖ ଉପସ୍ଥିତ ରହିଥିଲେ ।

## କୁନିନ୍ଦା ଏସ୍‌ବିଆଇ ଏଟିଏମ୍ ଅଚଳ

ପାଣିକୋଇଲି,୨୩।୭ (ସମିସ): ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କୁନିନ୍ଦାଠାରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍‌ଟି ଦୀର୍ଘଦିନ ଧରି ଅଚଳ ହୋଇରହିଛି । ଏହା ଉପରେ ନିର୍ଭର କରୁଥିବା ଭୁବନେଶ୍ୱରପୁର, ନାଥସାହି, ବେରୁଦା ଓ ମାଳଆନନ୍ଦପୁର ଗ୍ରାମପଞ୍ଚାୟତର ଉପଭୋକ୍ତା ମାନେ ବିଶେଷ ଉପକୃତ ହୋଇ ଆସୁଥିଲେ । ଗତ କିଛି ଦିନ ବୈଷୟିକ ତ୍ରୁଟି ହେତୁ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନଥିବା ଦର୍ଶାଇ ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ସୁରେନ୍ଦ୍ର କୁମାର ରାୟ ଯାଜପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ସ୍ମୃତିରଞ୍ଜନ ନାୟକଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଛନ୍ତି । ଉକ୍ତ ଏଟିଏମ୍ ନିମନ୍ତେ ଏକ ଉଚ୍ଚ କ୍ଷମତା ସଂପନ୍ନ ମେସିନ୍ ଓ ଆବଶ୍ୟକ ଉନ୍ନତ ଯନ୍ତ୍ରପାତି ଲଗାଯିବାର ବ୍ୟବସ୍ଥା କରାଯିବ ଏଥିପାଇଁ ସିଏସଏମ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଅବିଳମ୍ବେ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଗ୍ରାହକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଏଟିଏମଟିକୁ ତୁରନ୍ତ ସଚଳ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଓଲଟିଲା ଟ୍ରେଲର; ଚାଳକ ଆହତ

ଦାନଗଦି,୨୩।୭ (ସମିସ): କଳିଙ୍ଗନଗର ଶିଳ୍ପାଚଳକୁ ସଂଯୋଗ କରୁଥିବା ମିଲିଟାରୀ ଛକ-ଦମକଳ କେନ୍ଦ୍ର ରାସ୍ତାଟି ଏବେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଦୈନନ୍ଦିନ ଦୁର୍ଘଟଣା ମାନ ଘଟୁଛି । ରାସ୍ତାର ମହାରଣା ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଉପରେ ୨ ଫୁଟର ଏକ ବଡ଼ ଗାଡ଼ ସୃଷ୍ଟି ହୋଇଛି । ଆଜି ସନ୍ଧ୍ୟାରେ ଏକ ଟ୍ରେଲର ଗାଡ଼ି ମିଲିଟାରୀ ଛକ ଆଡୁ ଫାୟାର ଷ୍ଟେସନ ଛକ ଆଡକୁ ମାଲ ବୋଝେଇ କରି ଯୋଉଥିବାବେଳେ ହଟାତ ଟ୍ରେଲରଟି ଉକ୍ତ ଗାଡ଼ରେ ପଡିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡିବାସହ ଅନ୍ୟ ଏକ ଟ୍ରକ ଉପରେ ପଡିଯାଇଥିଲା । ତେବେ ଟ୍ରେଲରଟିର ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଟ୍ରେଲରଟି ଜିନ୍ଦଲ କାରଖାନାରୁ କଏଲ ଲୋଡ଼ କରି ଯାଉଥିବାର ଜଣାପଡିଛି । ତେବେ ଏହି ରାସ୍ତାରେ ପ୍ରତ୍ୟହ ଦୁର୍ଘଟଣା ମାନ ଘଟୁଥିବା ବେଳେ ପୂର୍ତ୍ତ ବିଭାଗ ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ଏହି ରାସ୍ତା ର ଅଧିକାଂଶ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ମାନ ହୋଇଥିବା ବେଳେ ଗାଡି ଗୁଡିକ ଅଧିକାଂଶ ସମୟରେ ପାଲଟିବା ସହ ଛୋଟ ଛୋଟ ଗାଡି ଓ ବାଇକ ଆରୋହୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ତେବେ ଏଥି ପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

## ଆସନ୍ତା ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଯାଜପୁର,୨୩।୭ (ସମିସ): ଆସନ୍ତା ଜୁଲାଇ ୨୭ ତାରିଖ ରବିବାର ଦିନ ଜିଲ୍ଲା ଓ ଦୌରାଜଜ ଙ୍କ ଅଦାଲତ ଯାଜପୁର ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି । ଉକ୍ତ ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସ ସମ୍ବନ୍ଧୀୟ ବିବାଦର ଆପୋଷ ସହମତିରେ ସମାଧାନ କରାଯିବ । ଅଯଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଲୋକ ଅଦାଲତରେ ଉପସ୍ଥିତ ରହି ଆପଣଙ୍କ ମକଦ୍ଦମା/ ବିବାଦର ସମାଧାନ କରାଇନିଅନ୍ତୁ । ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମ ର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି

# ଯାଜପୁର ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ଯାଜପୁର,୨୩।୭ (ସମିସ): ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କର ଅବକାରୀ କମିଶନର ଭାବେ ବଦଳି ହୋଇଅଛି । ଏହି ଅବସରରେ ଯାଜପୁର ଜିଲ୍ଲା ଷ୍ଟାଫ କମିଟି ତରଫରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପି. ଅନ୍ୱେଷା ରେଡ୍ଡୀ ଗତ ୧୨-୦୮-୨୦୨୪ ରିଖରେ ଯାଜପୁର ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କୁ ସେ କାର୍ଯ୍ୟଭାର ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ସମସ୍ତଙ୍କୁ ଆଗାମୀ ଦିନରେ ନିଜ ବ୍ୟକ୍ତିଗତ ଜୀବନ ତଥା ବୃତ୍ତିଗତ ଜୀବନରେ ବହୁତ୍ ଆଗକୁ ଯିବାକୁ କାମନା କରି କହିଥିଲେ ।



ଲୋକମାନଙ୍କ ପାଖରେ ଯେପରି ସମସ୍ତ ସରକାରୀ ସୁବିଧା ପହଞ୍ଚିପାରିବ ସେ ଦିଗରେ ଯତ୍ନବାନ ହେବା ଏବଂ କାର୍ଯ୍ୟ କରିବା ନିମନ୍ତେ ସମସ୍ତଙ୍କୁ କହିଥିଲେ । ଏହି ବିଦାୟକାଳୀନ ସଭାରେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କୁଳମଣି ନାୟକ, ଡେପୁଟି କଲେକ୍ଟର ଅଙ୍କିତା ବାରିକ, ବାସୁଦେବ ନାୟକ, ଆଲୋକ ରଂଜନ ଦେହୁରୀ, ନିଜାରତ ଅଧିକାରୀ, ତାପସ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ସାହୁ, କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ, ଷ୍ଟାଫ କମିଟିର ସଭାପତି ନିଗମା ନନ୍ଦ ମାନ୍ଧାତା, ଦେବେନ୍ଦ୍ର ନାଥ କର, ଲକ୍ଷ୍ମୀଧର ସଏ, ସସ୍ମିତା ବେହେରା, ମାନସୀ ସାହୁ ଓ ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଞ୍ଝାରପୁର,୨୩।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଣ୍ଟିପୁର ପଞ୍ଚାୟତ ଅଧିନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଞ୍ଝାରପୁର ମଣ୍ଡଳ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଦ୍ୱାରା ଆୟୋଜିତ ସଭାରେ ଗଣେଶ ପ୍ରସାଦ ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ପତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ଧଳ, ଗୁରୁଚରଣ ଆଟୋଇ, ବେଣୁଧର ଜେନା, ରାଜେନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ମହାନ୍ତି, ନିରଞ୍ଜନ ସାହୁ, କିଶୋର ଚନ୍ଦ୍ର ମଲ୍ଲିକ, ତପନ କୁମାର ସାମଲ, ନିରଞ୍ଜନ ବେହୁରିଆ, ପ୍ରମୋଦ କୁମାର ବିଶ୍ୱାଳ ଜୁନିଅର ରେଡକ୍ରସ ଅଫିସର ଶଙ୍କର୍ଷଣ ବେହେରା, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ରାଜେଶ କୁମାର ସେଠୀ, ବିଞ୍ଝାରପୁର ମଣ୍ଡଳ ସମ୍ପାଦକ ସେକ ସମିମ୍, ଭାରତ ଚନ୍ଦ୍ର ନାୟକ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ଦାସ, ଚନ୍ଦ୍ରମଣି କର, ଲିପିକା ଦାସ, କୈବଲ୍ୟ ପ୍ରସାଦ ପଣ୍ଡା, ରଶ୍ମି ରଞ୍ଜନ ଓଝା, ଭକ୍ତ ହରି ସାହୁ, ଶ୍ରାବଣୀ ରାଉତ, ଶତାବ୍ଦୀ ତନୟା ଦାସ, ଶିବାନୀ ରାଉତ, ଅଭିଳାଷ ଦାସ, ଶମ୍ଭୁନାଥ ବେହେରା, ବିଶ୍ୱମ୍ବର ମଲ୍ଲିକ, ମହେଶ୍ୱର ବେହେରା, ପ୍ରଶାନ୍ତ ମଲ୍ଲିକ, ସୁଧାଂଶୁ ସାମଲ, ହରେଶ ଦାସ, ରାହୁଲ କୁମାର ବେହେରା, ଦୀନେଶ ମାଝୀ, ପ୍ରଦୀପ ପରିଡା ପରିଚାଳନା କରିଥିଲେ । ଗୌରାଙ୍ଗ ପରିଡା ଧନ୍ୟବାଦ ଦେଇଥିଲେ ।

## ନାବାଳିକା ଅପହରଣ ଅଭିଯୋଗ

ଦଶରଥପୁର,୨୩।୭ (ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଞ୍ଚଳରେ ଜୈନିକା ୧୭ ବର୍ଷୀୟା ନାବାଳିକଙ୍କୁ କେହି ଅପହରଣ କରି ନେଇଥିବା ନାବାଳିକଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା କଣ୍ଟିବାଙ୍କ ଅଞ୍ଚଳର ଜୈନିକା ନାବାଳିକା ଗତ ୧୭ ତାରିଖ ମଧ୍ୟାହ୍ନରେ ଗାଁରେ ଥିବା ଜଣେ ସହପାଠୀକୁ ଦେଖା କରିବାକୁ କହି ଘରୁ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଉ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ସହିତ ଚିହ୍ନାଜଣା ଲୋକଙ୍କୁ ପଚରାଉଚରା କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଏ ସମ୍ପର୍କରେ ନାବାଳିକାଙ୍କ ମାଆ ମଙ୍ଗଳପୁର ଥାନାରେ ତାଙ୍କ ଝିଅକୁ କେହି ଅପହରଣ କରି ନେଇଥିବା ଅଭିଯୋଗ କରି ଝିଅକୁ ଠାବ କରିବାକୁ ନିବେଦନ କରିଥିବା ଜଣାଯାଇଛି ।

■ 'ତୁଳସୀ' ଆଖଡ଼ାଶାଳରେ ଅଜଗର

## ଜୀଅନ୍ତା ସାପ ପ୍ରଦର୍ଶନର ତଦନ୍ତ ଆରମ୍ଭ



ବାଲିଚନ୍ଦ୍ରପୁର,୨୩।୭ (ସମିସ): ତୁଳସୀ ଗଣନାଟ୍ୟର ଆଖଡ଼ାଶାଳରେ ଖଳନାୟକ ସାଇ ସତ୍ୟଜିତ ପଣ୍ଡା ଏକ ଜୀଅନ୍ତା ଅଜଗର ସାପ ଧରି ଅଭିନୟ କରୁଥିବାର ଭିଡିଓ ଭାଇରାଲ ହେବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ଏହା ଉପରେ ରୋକ ଲଗାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଆଜି ଖଳନାୟକ ଶ୍ରୀ ପଣ୍ଡାଙ୍କୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ବନାଞ୍ଚଳ କାର୍ଯ୍ୟାଳୟକୁ ବିଭାଗ ପକ୍ଷରୁ ଡକାଯାଇ ଘଟଣା ସମ୍ପର୍କରେ ପଚରା ଉଚୁରା କରାଯାଇଥିଲା । ସହକାରୀ ବନ ସଂରକ୍ଷକ ରବିନ୍ଦ୍ର ନାରାୟଣ ମହାନ୍ତି ଉପସ୍ଥିତ ରହି ଖଳନାୟକଙ୍କୁ ଏହି ଜୀଅନ୍ତା ସାପ ସମ୍ପର୍କରେ ବିଭିନ୍ନ କଥା ପଚାରିଥିଲେ । ତେବେ ଏହି ପ୍ରଜାତୀର ସାପ ବିଷଧର ନୁହେଁ । ଏହି ସାପଟି ଆଫ୍ରିକାନ ବୁଲ୍ ପାଇଥାନ ବୋଲି ଖଳନାୟକ ଶ୍ରୀ ପଣ୍ଡା କହିଥିଲେ । ଏହି ସାପକୁ ସେ ଆଇନ ଅନୁଯାୟୀ କିଣିଛନ୍ତି ବୋଲି କହିଛନ୍ତି । ତେବେ ଏହାର ପ୍ରଦର୍ଶନ ବନ ସଂରକ୍ଷଣ ଆଇନକୁ ଖୋଲା ଉଲ୍ଲଙ୍ଘନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ତେବେ ସାପଟି ସହିତ ସର୍ବସାଧାରଣରେ ପ୍ରଦର୍ଶନ କରାଯିବା ଉଚିତ ନୁହେଁ ବୋଲି ସହକାରୀ ବନ ସଂରକ୍ଷକ ଶ୍ରୀ ମହାନ୍ତି କହିବା ସହିତ ଏହା ଉପରେ ଅଧିକ ତଦନ୍ତ କରାଯିବ ବୋଲି କହିଛନ୍ତି ।

■ ବାପ ଛେଉଣ୍ଡ ଶିଶୁକୁ ଜୋତା ପ୍ରହାର

## ଭିଡିଓ ଭାଇରାଲ ପରେ ଶିଶୁ ଉଦ୍ଧାର

କାଳିଆପାଣି, ୨୩।୭ (ସମିସ): କାଳିଆପାଣି ଥାନା ଅନ୍ତର୍ଗତ ପାତ୍ରସାହି ଅଞ୍ଚଳରେ ଜଣେ ବାପ ଛେଉଣ୍ଡ ଶିଶୁକୁ ତାର ଦାଦା ଜୋତାରେ ପିଟୁଥିବା ଏକ ଭିଡିଓ ଭାଇରାଲ ହୋଇଛି । ଶିଶୁର ବାପା ଦଶରଥ ମହାରଣା ମୃତ୍ୟୁବରଣ କରିଥିବା ବେଳେ ମା' ମାନସିକ ଭାରସାମ୍ୟ ହରାଇଛନ୍ତି । ଏହି ସମୟରେ ଶିଶୁଟି ନିଜ ଦାଦା ଗୋପି ମହାରଣାଙ୍କ ପାଖରେ ରହୁଥିବା ବେଳେ ଗତକାଲି ଶିଶୁଟିକୁ ଏକ ଜୋତାରେ ପିଟୁଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆକ୍ସନ ମୋଡକୁ ଆସିଥିଲା । ଏ ନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ତୁରନ୍ତ



କାଳିଅପାଣି ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ସହିତ ଯୋଗାଯୋଗ କରିବା ପରେ ଶିଶୁକୁ ଉଦ୍ଧାର କରାଯାଇଥିଲା । ଏହାପରେ ସୁକିନ୍ଦା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଯାଜପୁରର ଉତ୍କଳ ବାଳାଶ୍ରମରେ ରଖାଯାଇଛି । ଏ ସଂପର୍କରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଯାଇଛି ଏବଂ ଆସନ୍ତାକାଲି ସମିତି ନିକଟରେ ଶିଶୁକୁ ହାଜର କରାଯିବ ବୋଲି ଜଣାପଡିଛି । ଆଜିର ଏହି ଉଦ୍ଧାର ସମୟରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପରାମର୍ଶଦାତା ଶିଶିର କୁମାର ମଲ୍ଲିକ, ରବିନ୍ଦ୍ର ନାଥ ସେଠୀ, ରାଜକିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ସର୍ପାଘାତରେ ମୃତକଙ୍କୁ ସହାୟତା

ମଇଁନ୍ଦା,୨୩।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ଦେବେନ୍ଦ୍ର ଦାସଙ୍କ ଏକାଦଶରେ କୃଷକ ବିକାଶ ପରିଷଦର ସଭ୍ୟମାନେ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା କରିଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷକ ବିକାଶ ପରିଷଦର ରାଜ୍ୟ ସଭାପତି ଦେବବ୍ରତ ଦାସ, ଜିଲ୍ଲା ସଭାପତି ଧୀରେନ୍ ଦାସ, ସଂଗଠନର



ପ୍ରତିଷ୍ଠାତା ଉମାବଲ୍ଲଭ ସାହୁ, ସମାଜସେବୀ ପଦ୍ମାକର ଗୁରୁ, ସ୍ଥାନୀୟ ସରପଞ୍ଚ ଦେବଦତ୍ତ ସେଠି, ପୂର୍ବତନ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ବାବାଜୀ ଚରଣ ଦାସ, ରାଜ୍ୟ ଉପସଭାପତି ବିଜୟ ଦେବତା, ଜିଲ୍ଲା ଉପସଭାପତି ସୁଶାନ୍ତ କୁମାର ମହାପାତ୍ର, ସୁରେନ୍ଦ୍ର ଶତପଥୀ, ଶ୍ରୀବନ୍ତ ବାରିକ, ଡାକ୍ତର ଶୁକଦେବ ଢ଼ାଲି, ସାମ୍ବାଦିକ ଦେବୀଦତ୍ତ ସାମଲ, ସାମ୍ବାଦିକ ଚନ୍ଦ୍ର ନାରାୟଣ ଦାସ, ବିଦ୍ୟାସାଗର ବେହେରା, ଏବଂ ରାଜ୍ୟ ଓ ଜିଲ୍ଲାର ଅନେକ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ ।

# ବଡଚଣା ଅଞ୍ଚଳରେ ବଢୁଛି ଅପରାଧ

ବଡ଼ଚଣା,୨୩।୭ (ସମିସ):

ବଡ଼ଚଣା ଥାନା ଏକ ସମ୍ବେଦନଶିଳ ଥାନା ଭାବେ ବେଶ ପରିଚିତ । କିନ୍ତୁ କିଛି ଦିନହେବ ବଡ଼ଚଣା ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧିଙ୍କ ସଂଖ୍ୟା ବଢିବାରେ ଲାଗିଛି । ମାତ୍ର ଏଠାକାର ପୁଲିସ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଅପରାଧି ଅତି ସହଜରେ ଅପରାଧ କରିବାରେ ସକ୍ଷମ ହେଉଛନ୍ତି । ବିଭାଗ ପକ୍ଷରୁ ସଠିକ ଭାବେ ପାଟ୍ରୋଲିଂ କରାଯାଉନଥିବା ବେଳେ ଅତି ସହଜରେ ଲୁଟେରାମାନେ ଲୁଟ କରିବାର ସୁଯୋଗ ପାଉଛନ୍ତି । ନିକଟ ଅତିତରେ ବଡ଼ଚଣା ପଞ୍ଚାୟତ ଖଇରା ହାଟ ମୁଣ୍ଡା ସାହିର ଜଣେ ଯୁବକ ହଠାତ ହାଟକୁ ଆସି ଏକ ଖଣ୍ଡରେ କିଛି ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲା ବେଳେ ସେଠାକାର କିଛି ଲୋକ ଉକ୍ତ ଯୁବକକୁ କାବୁ କରି ପୁଲିସ ଜିମାଦେଇଥିଲେ । କିନ୍ତୁ ମାତ୍ର କିଛି ସମୟ ପୁଲିସ ଉକ୍ତ ଯୁବକକୁ ଥାନାରେ ଅଟକ ରଖି ଛାଡି ଦେଇଥିଲେ । କିନ୍ତୁ ତାକୁ ଛାଡିଦେବାରୁ ପୁଣି ଉକ୍ତ ଯୁବକ ଥାନାରୁ ବାହାରିବା ପରେ ପୁଣି ସେଠାରେ ଲୋକଙ୍କୁ ଗାଳିଗୁଲଜ କରିଥିଲା । ଯୁବକର ଏପରି ଅବସ୍ଥା ଦେଖି ବାଧ ହୋଇ ସ୍ଥାନୀୟ କିଛି ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ସମ୍ପୃକ୍ତ ଯୁବକକୁ ଆଇନ ଅନୁସାରେ ଦଣ୍ଡ ଦେବାକୁ କିଛି ଲୋକ ଥାନାକୁ ଯାଇ ଥାନାଧିକାରିଙ୍କୁ ଅବଗତ କରିବା ପରେ କୌଣସି ସୁଫଳ ମିଳିଲା ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଗତ ଦୁଇଦିନ ପୂର୍ବେ ଏକ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ସ୍କୁଟି ଛଡ଼ାଇ କିଛି ଟଙ୍କା ଛଡାଇ ନେଇଥିଲେ । ପରଦିନ ସ୍କୁଟିଟି ସୁଙ୍ଗୁଡା ଗାଁର ଏକ ନିରୋଳା ସ୍ଥାନରୁ ପୁଲିସ ଜବତ କରିଥିଲା । ମାତ୍ର ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇପାରିନାହିଁ । ମଟର ସାଇକଲ ଚୋରି ଏଠାରେ ନିତିଦିନିଆ ହୋଇଯାଇଛି । ଯଦି ପୁଲିସ ପାଟ୍ରୋଲିଂ ସଠିକ ଢଙ୍ଗରେ ହୁଅନ୍ତା; ହୁଏତ ଏହି ଚୋରି କମି ପାରନ୍ତା । ସେହିପରି ଚୋରା ମଦ ଏଠାରେ ପ୍ରବଳ ଭାବେ ହେଉଥିଲା ବେଳେ ପୁଲିସର ଅପାରଗ ପଣିଆ ପାଇଁ ଏହା ରୋକାଯାଇ ପାରୁନାହିଁ । ଅପରପକ୍ଷରେ ବଡ଼ଚଣା ଥାନାରେ ଅନେକ କନଷ୍ଟେବଳ ଦୀର୍ଘ ବର୍ଷ ହେବ ରହିଥିବାରୁ ସେମାନଙ୍କର ଅନେକ ଲୋକଙ୍କ ସହିତ ସମ୍ପର୍କ ଥିବାରୁ ଏହାଦ୍ୱାରା ଅନେକ କ୍ଷେତ୍ରରେ ଏହା ପ୍ରଭାବ ପକାଉଛି । ଏପରିକି ସେମାନଙ୍କ ମଧ୍ୟରୁ କିଛି କନଷ୍ଟେବଳ ଏହି ଥାନା ଅଧିନରେ ଥିବା ଫାଣ୍ଡିରେ ରହିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି । ଥାନାଧିକାରି ପ୍ରାୟ ପ୍ରତ୍ୟକ ରାତିରେ ନିଜେ ରାତି ଅନିଦ୍ରା ହୋଇ ଗୋରୁ ଗାଡି ଧରିବାରେ ସକ୍ଷମ ହେଉଛନ୍ତି । ମାତ୍ର ଏଠାରେ ବିଭିନ୍ନ ସ୍ଥାନରେ ମାଙ୍କଡା ପଥର ଚୋରା ଚାଲାଣ କଥା ପୁଲିସ ପୁରା ଭୁଲିଯାଉଛି । ଏ ସବୁ ଉପରେ ଉଚ୍ଚ ପଦାଧିକାରୀ ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in


ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10.30 AM) |
| Date & Time for Document Verification | 28.07.2025 (10.30 AM to 11.30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in
Sd/-
Controller of Examinations

# ସମ୍ପାଦକୀୟ



‘ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ।
-କୋଫି ଆନନ୍

ସକାଳ THE SAKALA

## ପରୀକ୍ଷା-ପ୍ରଶ୍ନ-ପ୍ରଘଟ

ପରୀକ୍ଷା ଆରମ୍ଭ ହୋଇନି। ସିଲ୍ ପ୍ରଶ୍ନପତ୍ର ଖୋଲାଯାଇନି। ଅଥଚ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲା। ତେଣୁ ପରୀକ୍ଷା ବାତିଲ କରାଗଲା। ହାତ ଲେଖା ପ୍ରଶ୍ନପତ୍ର, ସାମାଜିକ ଗଣମାଧ୍ୟମରେ ଘୂରିବୁଲିବାରୁ କର୍ତ୍ତୃପକ୍ଷ ନିର୍ବିଚାରରେ ଏ ପ୍ରକାର ଘୋଷଣା କଲେ। ଆମେ ଏଠାରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) କଥା କହୁଛୁ। ଗତ ସପ୍ତାହର ଶେଷଭାଗର ଏହି ଘଟଣାଟି କେବଳ ଶିକ୍ଷକ ସମାଜକୁ ନୁହେଁ, ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି। ସିଲ୍ ପ୍ରଶ୍ନପତ୍ରରେ କ’ଣ ଅଛି ତାହା ଜାଣିବାର ଅବକାଶ. ନାହିଁ। ତଥାପି ପ୍ରଘଟ ହେଲା। ବିଚିତ୍ର ପରିଚାଳନା ବ୍ୟବସ୍ଥା। କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତାକୁ ଯେତେ କଠୋର ଭାଷାରେ ସମାଲୋଚନା କଲେ ମଧ୍ୟ ଯଥେଷ୍ଟ ହେବନି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିଲେ। ରାଜ୍ୟର ଗଣଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବା ବେଳେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଏବଂ କାର୍ଯ୍ୟରତ ଶିକ୍ଷକଙ୍କ ବେତନ ଭତ୍ତା ସମସ୍ୟାର ସମାଧାନ ଦାବି କେବେ ପୂରଣ ହୁଏନି। ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଶିକ୍ଷକ ଆନ୍ଦୋଳନ ଓ ଧାରଣା ଆରମ୍ଭ ହୋଇଯାଏ। କେବଳ ପ୍ରତିଶ୍ରୁତିରେ ସେମାନଙ୍କ ଦାବି ପୂରଣ ହୁଏ। ଏହି ଓଟିଇଟି ପରୀକ୍ଷା ହିଁ ଏକ ସୁଯୋଗ, ଯାହା ମାଧ୍ୟମରେ ସେମାନଙ୍କ ଯୋଗ୍ୟତା ସ୍ୱୀକୃତି ପାଇଥାଏ ଏବଂ ସରକାରୀ ବେତନ ଭତ୍ତା ପାଇବାର ଅବକାଶ ସୃଷ୍ଟି ହୋଇଥାଏ। ସେଥିରେ ଯଦି ବିଭ୍ରାଟ ଘଟେ ଆଶାୟୀଙ୍କ ମନରେ କିପ୍ରକାର ବିଦ୍ରୋହ ସୃଷ୍ଟି ହେଉଥିବ ତାହା ସହଜରେ ଅନୁମେୟ।

ପରିସ୍ଥିତି ଏପରି ହେଲା ଯେ ରବିବାର ପରୀକ୍ଷା ହେବାର ଥିଲା। ଶନିବାର ରାତିରେ ପରୀକ୍ଷା ବାତିଲ ଘୋଷଣା କରାଗଲା। ପରୀକ୍ଷାର୍ଥୀଙ୍କୁ ନିଷ୍ପତ୍ତି ସଂପର୍କରେ ଜାଣିବାର ସୁଯୋଗ ନଥିଲା। ପରୀକ୍ଷା କେନ୍ଦ୍ରରେ ତାଲା ପକାଇ ବାତିଲ ନୋଟିସ ଟଙ୍ଗାଇ ଦିଆଗଲା। ଘରୁ ଆସିଥିବା ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ଏ ସଂପର୍କରେ ଅବଗତ ହେଲେ। ବିଚରା ଠିକା ଶିକ୍ଷକ ନିଜର ନ୍ୟାଯ୍ୟ ଦାବି ହାସଲ ପାଇଁ ଆଉ କେତେଦିନ ଲଢ଼ିବେ? ପରୀକ୍ଷା ପାଇଁ ପ୍ରସ୍ତୁତି ଓ ଦୂରଦୂରାନ୍ତରୁ ଦିନକ ପୂର୍ବରୁ ଆସି ପରୀକ୍ଷା କେନ୍ଦ୍ର ସନ୍ନିକଟସ୍ଥ ଅଞ୍ଚଳରେ ଅବସ୍ଥାନ କରିଥିବା ଶିକ୍ଷକଙ୍କୁ ବାତିଲ ନିଷ୍ପତ୍ତି ନିଶ୍ଚୟ ବାଧିଥିବ। ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା କରିବାର ଦକ୍ଷତା ଏବଂ ତଥାକଥିତ ନିଷ୍ପକ୍ଷତା ଓ ଗୋପନୀୟତା ନେଇ କେବଳ ପରୀକ୍ଷାର୍ଥୀ ନୁହନ୍ତି ଯେ କେହି ପ୍ରଶ୍ନ ଉଠାଇବା ସ୍ୱାଭାବିକ। ଏକଥା କହିଲାବେଳେ ପରିଷଦ କର୍ତ୍ତୃପକ୍ଷ ନିଶ୍ଚୟ କହିବେ ରାଜ୍ୟର ସର୍ବବୃହତ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା କରୁଥିବାର ସାମର୍ଥ୍ୟ ସେମାନଙ୍କର ଅଛି। କିନ୍ତୁ ଏକ୍ଷେତ୍ରରେ ମଧ୍ୟ ଚାଲିଥିବା କେଳେଙ୍କାରୀ ଏକାଧିକ ଥର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ୭୫ ହଜାର ୪୦୩ ଶିକ୍ଷକ ଚାକିରିରେ ନିୟମିତ ହେବାର ଯୋଗ୍ୟତା ହାସଲ ସକାଶେ ଫର୍ମ ପୂରଣ କରିଥିଲେ। ସେମାନଙ୍କଠାରୁ ଆଦାୟ କରାଯାଇଥିବା ଫି ମଧ୍ୟ କିଛି କମ ନୁହେଁ। ଗୋଟିଏ ପେପର ପାଇଁ ୯୦୦ ଟଙ୍କା ଓ ଦୁଇଟି ପେପରକୁ ୧୪୦୦ ଟଙ୍କା ଆବେଦନ ବେଳେ ଦେବାକୁ ପଡିଛି। ପରୀକ୍ଷା ନହେଉଣୁ ଏହି ବିଭ୍ରାଟ। ଆଗକୁ ପରୀକ୍ଷା ଖାତା ମୂଲ୍ୟାୟନଠାରୁ ଆରମ୍ଭ କରି ଏକାଧିକ ସ୍ତର ଅଛି, ଯେଉଁଠି କାରସାଦିର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଏହି ଘଟଣାକ୍ରମକୁ ପର୍ଯ୍ୟାଲୋଚନା କଲାବେଳେ ନାନା ପ୍ରଶ୍ନ ଉଙ୍କି ମାରେ। କେଉଁସ୍ତରରୁ ପ୍ରଶ୍ନପତ୍ର ପ୍ରଘଟ ହେଲା? ପ୍ରଶ୍ନପତ୍ର ପ୍ରସ୍ତୁତି ବା ମୁଦ୍ରଣ ବେଳେ ନା ପରୀକ୍ଷାକେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ର? ପ୍ରଶ୍ନପତ୍ର କେଉଁଠି ନା କେଉଁଠି ଖୋଲାଯାଇଛି। ପରୀକ୍ଷା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ହ୍ୱାଟସ୍ଆପ ଓ ଫେସବୁକ୍‌ରେ ଘୂରି ବୁଲୁଥିବା ହାତ ଲେଖା ପ୍ରଶ୍ନପତ୍ରକୁ କେମିତି ଓ କେଉଁ ସୂତ୍ରରେ ଯାଞ୍ଚ କରାଗଲା ? ଏଥିରୁ ସ୍ପଷ୍ଟ ଯେ ଏମିତି କିଛି କଥା ରହିଛି, ଯାହାକୁ କର୍ତ୍ତୃପକ୍ଷ ନିଜ ସ୍ତରରେ ଗୋପନ ରଖିଛନ୍ତି। ୧୩୯ ଟି ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ରର ଯାଞ୍ଚ ଓ ଅନୁସନ୍ଧାନ କରାଯାଉଛି। କେଉଁସ୍ତରରେ କ’ଣ ହୋଇଛି ତାହା ଯେ ପଦାକୁ ଆସିବ ଏ ବିଶ୍ୱାସ ଆମର ନାହିଁ। ସମୟକ୍ରମେ ତାହା ମଧ୍ୟ ଲୁଚି ଯିବ। ଆମମାନଙ୍କ ସ୍ମରଣଶକ୍ତି ଏତେ ଦୁର୍ବଳ ଯେ ଦିନ ଗଡ଼ି ଗଲେ ଆମେ ସବୁ ଭୁଲିଯିବା। ପୁଣି କେବେ ପରୀକ୍ଷା ହେବ ତାହାର କୌଣସି ଠିକ୍‌ଣା ନାହିଁ। କଥାରେ ଅଛି ଚକେ ଗଡ଼ିଲେ ବାର ହାତ। ଚାକିରିରେ ସ୍ଥାୟୀତ୍ୱ ହାସଲ କରିବା ଏକ ସ୍ୱପ୍ନ। ଶିକ୍ଷକଙ୍କ କ୍ଷେତ୍ରରେ ଏହା ଦୀର୍ଘଦିନର ଅପେକ୍ଷା। ‘ଠିକା’ର ମାନସିକ ଯାତନାରୁ ମୁକ୍ତି ପୁଣି ସୁଦୂର ପରାହତ. ହେଲା, ଏହି ଦୁଃଖ କେହି ଅପନୋଦନ କରିପାରିବେନି।

ପ୍ରଶ୍ନପତ୍ର ପ୍ରଘଟ ଏକ ରୋଗ। ତାହାର ସଂକ୍ରମଣ କ୍ଷମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣିକି ସେ ପ୍ରବେଶିକା ପରୀକ୍ଷା ହେଉ କି ନିଯୁକ୍ତି ପରୀକ୍ଷା। ପ୍ରଶ୍ନପତ୍ର ବାରମ୍ବାର ପ୍ରଘଟ ହେଉଛି ଓ ପୁଣି ପରୀକ୍ଷା ଘୁଞ୍ଚିଛି। ଏହାପଛରେ ସକ୍ରିୟ ଥିବା ରାକେଟ ସଂପର୍କରେ କର୍ତ୍ତୃପକ୍ଷ ଯେ ଅବଗତ ନ ଥା’ନ୍ତି ଏକଥା ନୁହେଁ। ସବୁ ସଲାସୁତରାରେ ଚାଲେ। ଯଦି ଧରପଗଡ଼ ସବୁ ସୁରୁଖୁରୁରେ ଚାଲେ ତେବେ ଦୁଇପକ୍ଷ ଲାଲେଲାଲ୍। ଧରାପଡ଼ିଗଲେ ମଧ୍ୟ ସେମିତି କିଛି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେମାନେ ମୁହଁ ପାଇଛନ୍ତି। ବେଳେ ବେଳେ ମନେ ହୁଏ କର୍ତ୍ତୃପକ୍ଷଙ୍କ ନିଯୁକ୍ତି ଦେବାର ଅଭିପ୍ରାୟ ନ ଥିଲେ ମଧ୍ୟ ପରୀକ୍ଷା ଅୟୋଜନ ହୁଏ, ଆଶାୟୀଙ୍କଠାରୁ ଫି’ ଆଦାୟ କରାଯାଏ, ହେଲେ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ପରୀକ୍ଷା ପୁଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହେ। ଅଥଚ ଘରଠାରୁ ଦୂରରେ ରହି ପିଲାଙ୍କ କୋଚିଙ୍ଗ ବାବଦରେ ବିପୁଳ ଅର୍ଥଶ୍ରାଦ୍ଧ କରିଚାଲିଥା’ନ୍ତି ଅଭିଭାବକ। ଏପ୍ରକାର ନିରାଶା ଓ ହତାଶ ଦେଶବ୍ୟାପୀ ଅନୁଭୂତ ହେଉଛି। ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଆଇନଗତ ବ୍ୟବସ୍ଥାରେ ସଂଶୋଧନ ମାଧ୍ୟମରେ କଟକଣାକୁ କଡ଼ାକଡ଼ି କରାଯାଇଛି ସତ, ହେଲେ ତାହାର ସୁଫଳ ଏଯାବତ ଅନୁଭୂତ ହୋଇନାହିଁ।

ଏକଥା ଉଲ୍ଲେଖ କଲାବେଳେ ନିକଟରେ ପ୍ରକାଶ ପାଇଥିବା ଜାତୀୟ ପରିସଂଖ୍ୟାନ ରିପୋର୍ଟ ଉପରେ ଆଖି ପକେଇ ଦେବା ଉଚିତ ହେବ। ଦେଶରେ ବଢୁଥିବା ବେକାରୀ କ୍ରମେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଅଧିକାଂଶ ରାଜ୍ୟରେ ପରିଲକ୍ଷିତ ପ୍ରଶ୍ନପତ୍ର ପ୍ରଘଟ ପରି ରୋଗର ନିଦାନ ପ୍ରତି ସରକାର ଅଧିକ ଯତ୍ନବାନ ଓ ସଚେତନ ହେବା ଆବଶ୍ୟକ। ଗତ ଜୁନ୍ ମାସରେ ବେକାରୀ ହାର ସହରାଞ୍ଚଳରେ ୧୮ % କୁ ବୃଦ୍ଧି ପାଇଥିବା ବେଳେ ଗ୍ରାମାଞ୍ଚଳରେ ଏହି ହାର ୧୫% ରେ ସୀମିତ ଅଛି। ବେଳଥାଉ ଥାଉ ବନ୍ଧ ନ ବାନ୍ଧିଲେ ଏହି ସମସ୍ୟା ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ●

## ଅନେକ ସୌମ୍ୟାଶ୍ରୀ ଆଜି ମଧ୍ୟ ଜୀବିତ

ପ୍ରମୋଦ ଧଳ

ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମଦାହ ସମସ୍ତଙ୍କୁ ସ୍ତବ୍ଧ କରିଛି। ନିଜ ଶିକ୍ଷକଙ୍କ ଦ୍ୱାରା ବାରମ୍ବାର ଶରୀରିକ ଓ ମାନସିକ ଯନ୍ତ୍ରଣା ପାଇ ଅସହାୟ ହୋଇପଡ଼ିଥିଲେ। ସବୁଠି ଗୁହାରି କରିବା ପରେ ବି ନ୍ୟାୟ ମିଳିଲାନି। ଶେଷରେ ନିରାଶ ହୋଇ ଦିନ ଦ୍ୱିପ୍ରହରରେ କଲେଜ ପରିସରରେ ସମସ୍ତଙ୍କ ଉପସ୍ଥିତିରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ। କିଛି ଲୋକ ଝିଅଟି ଜଳୁଥିବାର ଦୃଶ୍ୟ ନିଜ ମୋବାଇଲରେ ଭିଡିଓ କଲେ। କିନ୍ତୁ ବଞ୍ଚେଇ ପାରିଲେନି। ଏହି ଦୁଃଖଦ ଘଟଣାକୁ ନେଇ ରାଜନୀତି ଚାଲିଛି। ରାସ୍ତାରୋକ, ଭଙ୍ଗାରୁଜାରେ କ’ଣ କାହାରି ଜୀବନ ଫେରିଆସେ? ଏବେ ପ୍ରଶ୍ନ ଉଠୁଛି ଏହା କ’ଣ ଓଡ଼ିଶାରେ ଏକମାତ୍ର ଘଟଣା? ସୌମ୍ୟାଶ୍ରୀଙ୍କ ପରି ଅନେକ ଝିଅଙ୍କ ଅକୁହା କାହାଣୀ ଲୋକଲୋଚନକୁ ଆସିପାରିନାହିଁ। ଅପବାଦରୁ ବଞ୍ଚିବା ପାଇଁ ନିଜ ଛାତିରେ ସବୁ ଯନ୍ତ୍ରଣାକୁ ଚାପିଧରି ନିଜ ଭବିଷ୍ୟତ ଗଢ଼ିବାକୁ ଅନେକ ନିରୀହାମାନେ ଜୀବନ ଚଲାପଥରେ ଆଗେଇ ଚାଲିଛନ୍ତି। ସବୁ ଝିଅ କ’ଣ ସାହସୀ ସୌମ୍ୟାଶ୍ରୀଙ୍କ ପରି ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିପାରି ଥା’ନ୍ତେ? ଆତ୍ମସମ୍ମାନ ପାଇଁ ଜୀବନ ହାରିଥା’ନ୍ତେ?

ଶିକ୍ଷା ବିଭାଗରେ ଯୌନବିକୃତ ବ୍ୟାଧିରେ ଅନେକ ଶିକ୍ଷକ ପୀଡ଼ିତ। ସେମାନଙ୍କ ଦ୍ୱାରା ଅନେକ କୋମଳମତି ଛାତ୍ରୀଙ୍କ ଶୋଷଣ ଆରମ୍ଭ ହୁଏ ହାଇସ୍କୁଲ ସ୍ତରରୁ। ମାଷ୍ଟରଙ୍କ ସାନ୍ନିଧ୍ୟ ଲାଭ କରିବା ହେଉ ବା ଅଧିକ ନମ୍ବର ପାଇଁ ହେଉ ବା ପାସ କରିବା ଲୋଭରେ ଅନେକ କିଶୋରୀ କେତେକ ଖଳ ପ୍ରକୃତିର ଶିକ୍ଷକଙ୍କ ଜାଲରେ ପଡ଼ିଯା’ନ୍ତି। ଆଜି ଯଦି ସାମାଜିକ ସର୍ବେକ୍ଷଣ କରାଯାଏ ବହୁସଂଖ୍ୟା।ରେ ପରିପକ୍ୱ ମହିଳାମାନେ ଆଗକୁ ଆଗେଇଆସି ‘ମି ଟୁ’ ଅଭିଯାନରେ ଯୋଗଦେବେ ନିଶ୍ଚୟ। ଯୌନବିକୃତି ଶିକ୍ଷକଙ୍କ ଦ୍ୱାରା ଏହିପ୍ରକାର ଶୋଷଣ ହାଇସ୍କୁଲସ୍ତରରୁ ଆରମ୍ଭ ହୋଇ ପିଏଚଡି ସ୍ତର ପର୍ଯ୍ୟନ୍ତ ଲମ୍ବିଛି। କେବଳ ମହିଳା ନୁହନ୍ତି ଛାତ୍ରଙ୍କର ଦୁର୍ଦ୍ଦଶା ବି କହିଲେ ନସରେ। ଅନେକ ଗବେଷଣା କରୁଥିବା ଛାତ୍ର ଠିକ୍ ସମୟରେ ଥେସିସ୍ ସମ୍ପୂର୍ଣ୍ଣ କରିବା ପାଇଁ ଗାଇଡ୍‌ଙ୍କ ପିଲାଛୁଆ ଓ ପରିବାର ସେବା କରିବା ଲାଗି ତାଙ୍କ ଘରପାଖରେ ଘରଭଡ଼ା ନେଇ ରହିବାକୁ ବାଧ୍ୟ ହୁଅନ୍ତି। ଫନି ବାତ୍ୟା ସମୟରେ ଜଣେକ ଛାତ୍ର ତାଙ୍କ ଗାଇଡ୍‌ଙ୍କୁ ଜେନେରେଟରଟିଏ କିଣି ଦେବାକୁ ପଡ଼ିଥିଲା। ଏପରିକି ଗାଇଡ୍‌ଙ୍କ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ପିଏଚଡି ଛାତ୍ରମାନେ କେବଳ ଥେସିସ୍ ସମାପ୍ତ ପାଇଁ ଭାରାକ୍ରାନ୍ତ ହୁଅନ୍ତି ନାହିଁ; ସେମାନଙ୍କୁ ଅନେକ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ମଧ୍ୟ ସହିବାକୁ ପଡ଼େ। ସେତେବେଳେ ଗୋଟିଏ ଡକ୍ଟରେଟ୍ ଡିଗ୍ରୀ ଏକ ହତାସାର ଡିଗ୍ରୀ ହୋଇଯାଏ।

ଏହା କେବଳ ଓଡ଼ିଶାରେ ନୁହେଁ, ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏପରି ଉଦାହରଣ ବହୁଳ। ଗତବର୍ଷ ଜୁଲାଇ ୧୨ ତାରିଖରେ ଜାମିଆ ମିଲିଆ ଇସଲାମିଆର ଜବାହରଲାଲ ନେହେରୁ ଷ୍ଟଡିଜ୍ ସେଣ୍ଟରର ତିନି ଜଣ ବିଦ୍ୱାନ ମହିଳା ଗବେଷିକା ସେମାନଙ୍କ ପିଏଚଡି ଗାଇଡ୍‌ଙ୍କ ବିରୋଧରେ ‘ମାନସିକ ଓ ଯୌନ ନିର୍ଯାତନା’ ଅଭିଯୋଗ ଆଣିଥିଲେ, ଯାହା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ତାମିଲନାଡୁ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିବା ଏବଂ ସେମାନଙ୍କ ପର୍ଯ୍ୟବେକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିବା ପରେ ଆନ୍ନା ବିଶ୍ୱବିଦ୍ୟାଳୟ ଏପରି ଘଟଣାର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛି, ଯେଉଁଥିରେ ନିର୍ଯାତନା ଅଭିଯୋଗର ତଦନ୍ତ ପାଇଁ କୁଳପତିଙ୍କ ଦ୍ୱାରା ଗଠିତ କମିଟିର ସୁପାରିସ ଆଧାରରେ ସମ୍ପୃକ୍ତ ଗାଇଡ୍‌ମାନଙ୍କୁ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ ରହିଛି। ଏପରିକି ଘଟଣା ଓ ଅଭିଯୋଗର ଗମ୍ଭୀରତାକୁ ବିଚାରକୁ ନେଇ ସମ୍ପୃକ୍ତ ଗାଇଡ୍‌ଙ୍କ କ୍ଷମତା ମଧ୍ୟ ପ୍ରତ୍ୟାହାର କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି।

ଘାଜିଆବାଦର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ପିଏଚଡି ଛାତ୍ରୀ ଜୁନ, ୨୦୨୪ରେ ଥାନାରେ ଏତଲା ଦେଇଛନ୍ତି। ପୁଣେ ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ଆଇଜର) ରେ ଜଣୈକା ଗବେଷଣାରତ ଛାତ୍ରୀଙ୍କୁ ତାଙ୍କ ଗାଇଡ ଅଶ୍ଳୀଳ ଭିଡିଓ ପଠାଉଥିଲେ। ଏଥିରେ ଅତିଷ୍ଠ ହୋଇ ଡିସେମ୍ବର ୨୦୨୨ରେ, ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରି ଏକ ବୋତଲ ଆଣ୍ଟିଡିପ୍ରେସାଣ୍ଟ ଗିଳି ଦେଇଥିଲେ। ଫେବୃଆରୀ ୨୦୧୬ରେ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ମୋହିତ କୁମାର ଚୌହାନଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମର ଛାତରୁ ଝୁଲନ୍ତା ଅବସ୍ଥାରେ ମିଳିବା ପରେ ତାଙ୍କ ଗାଇଡ୍‌ଙ୍କ ସମେତ ତିନି ଜଣ ଅଧ୍ୟାପକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ମାର୍ଚ୍ଚ ୨୦୧୭ ରେ ଏମସ୍-ନୂଆଦିଲ୍ଲୀର ୩୬ ବର୍ଷୀୟ ପିଏଚଡି ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଲା ଯେ ତାଙ୍କୁ ତାଙ୍କ ଗାଇଡ୍ ମାନସିକ ନିର୍ଯାତନା ସହିତ ଦୁର୍ବ୍ୟବହାର ଏବଂ ଫେଲୋସିପକୁ ବିଳମ୍ବିତ କରୁଥିଲେ। ମାର୍ଚ୍ଚ, ୨୦୧୮ ରେ ଜେଏନ୍‌ୟୁ ପ୍ରଫେସର ଅତୁଲ ଜୋହରୀଙ୍କ ବିରୁଦ୍ଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ କରାଯାଇଛି।

କେରଳ ବିଶ୍ୱବିଦ୍ୟାଳୟର ଡକ୍ଟର ରେମା ଦେବୀଙ୍କ ନିଜ ଅଭିଜ୍ଞତା ବିଷୟରେ କହିଛନ୍ତି ଯେ ସେ ୮୦ ଦଶକର ଶେଷ ଏବଂ ୯୦ ଦଶକର ପ୍ରାରମ୍ଭରେ ପିଏଚଡି କରୁଥିବା ସମୟରେ ମାନସିକ ଓ ଯୌନ ନିର୍ଯାତନା ସହିବାକୁ ପଡୁଥିଲା। ଏଥିରେ ଅତିଷ୍ଠ ହୋଇ ତାଙ୍କର ଅନେକ ବାନ୍ଧବୀ ଅଧାରୁ ଗବେଷଣା ଛାଡ଼ି ଦେଇଥିଲେ। ପ୍ରାୟତଃ, ଗବେଷିକାମାନଙ୍କୁ ଫେଲୋସିପ୍, ପ୍ରମୁଖ ଶିକ୍ଷାଦାନ ଓ ସନ୍ଦର୍ଭ ଉପସ୍ଥାପନ ସୁଯୋଗ ପ୍ରତିବଦଳରେ ଗାଇଡ୍‌ମାନଙ୍କର ବାସନା ଚରିତାର୍ଥ କରିବାର ପ୍ରତ୍ୟକ୍ଷ ପ୍ରସ୍ତାବ ଦିଆଯାଉଥିଲା। ଯେଉଁମାନେ ସେଥିରେ ଅନିଚ୍ଛୁକ ରହୁଥିଲେ ସେମାନଙ୍କୁ ଥେସିସ୍‌କୁ ବାରମ୍ବାର ଲେଖିବାକୁ କିମ୍ବା ଜାଣିଶୁଣି ତ୍ରୁଟି ଦର୍ଶାଇବା ଆଦି ନାନା ଉପାୟରେ ହଇରାଣ ହରକତ କରାଯାଉଥିଲା।

ମାଡ୍ରାସ ହାଇକୋର୍ଟ ଅକ୍ଟୋବର, ୨୦୨୪ରେ ଏକ ମାମଲାରେ ଟିପ୍ପଣୀ ଦେଇଥିଲେ ଯେ ‘ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ନିର୍ଯାତନା ବୃଦ୍ଧି ପାଉଛି। ପ୍ରାୟତଃ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପୁରୁଷ ପ୍ରାଧାନ୍ୟ ହେତୁ ଏଭଳି ଘଟୁଛି। କେବଳ ଛାତ୍ରମାନେ ନିରବରେ କଷ୍ଟ ପାଆନ୍ତି ନାହିଁ, ବରଂ ମହିଳା ଅଧ୍ୟାପକମାନେ ମଧ୍ୟ ସହ-ଅଧ୍ୟାପକ ସଦସ୍ୟ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ଦ୍ୱାରା ମାନସିକ ଓ ଯୌନ ନିର୍ଯାତନାର ଶିକାର ହୁଅନ୍ତି। ଏହା ଚିନ୍ତା, ଅବସାଦ, ନିଦ୍ରା ବ୍ୟାଧି, ଓଜନ ହ୍ରାସ କିମ୍ବା ବୃଦ୍ଧି, ଆତ୍ମସମ୍ମାନ ହ୍ରାସ, ପରୀକ୍ଷା ଓ ଚାକିରିରେ ବିଫଳତା କିମ୍ବା ଦୁର୍ବଳ ପ୍ରଦର୍ଶନ ଏବଂ କେତେକ ସମୟରେ ଯୌନ ଅକ୍ଷମତାର ମଧ୍ୟ କାରଣ ହୁଏ। କଠିନ ପରିଶ୍ରମ ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡ଼ିଦେବାର ଉଦାହରଣ ମଧ୍ୟ ରହିଛି। ଅନେକ କ୍ଷେତ୍ରରେ ଅଧିକ ନିର୍ଯାତନା ଭୟରେ ଛାତ୍ରଛାତ୍ରୀମାନେ ଏଭଳି ନିର୍ଯାତନା ବିରୋଧରେ ଅଭିଯୋଗ ଆଣନ୍ତି ନାହିଁ। ନିରବରେ ନିର୍ଯାତନା ସହିଯାଉଥିବା ପୀଡ଼ିତାମାନଙ୍କ ମଧ୍ୟରୁ କ୍ୱଚିତ୍ ଶିକ୍ଷାକ୍ଷେତ୍ରରେ ଭଲ ପ୍ରଦର୍ଶନ କରନ୍ତି।

ଆଡମିସନ ବନାମ ପିଏଚଡି ପ୍ରଦାନ ସମ୍ପର୍କିତ ତଥ୍ୟ ଅନୁଯାୟୀ, ଦେଶର କିଛି ଶ୍ରେଷ୍ଠ ପ୍ରତିଷ୍ଠାନର ପ୍ରାୟ ଚାଳିଶ ପ୍ରତିଶତ ଗବେଷକ ବ୍ୟକ୍ତିଗତ ସମସ୍ୟା, ଚାକିରି ସୁଯୋଗ ଏବଂ ଗାଇଡମାନଙ୍କ ଦ୍ୱାରା ହେଉଥିବା ହଇରାଣର ଅଭିଯୋଗ ଯୋଗୁଁ ପାଠପଢ଼ା ଛାଡ଼ିଛନ୍ତି। ଦୁର୍ଭାଗ୍ୟବଶତଃ, ଉପରୋକ୍ତ ସମସ୍ୟାଗୁଡ଼ିକ ସତ୍ତ୍ୱେ ଯେଉଁ ସୌମ୍ୟାଶ୍ରୀମାନେ ବଞ୍ଚି ଯାଇଛନ୍ତି ସେମାନେ ସେମାନଙ୍କ ପିଲାମାନଙ୍କର ଶିକ୍ଷକମାନଙ୍କୁ ସବୁସମୟରେ ସନ୍ଦେହ ଦୃଷ୍ଟିରେ ଦେଖିଥା’ନ୍ତି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରାୟତଃ ଶିକ୍ଷାନୁଷ୍ଠାନ ମଧ୍ୟରେ ପଦ୍ଧତିଗତ ପରିବର୍ତ୍ତନ ଆବଶ୍ୟକ, ଯେଉଁଥିରେ ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ ଉତ୍ତମ ତାଲିମ, ସ୍ପଷ୍ଟ ନୀତି ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଦୃଢ଼ ସମର୍ଥନ ବ୍ୟବସ୍ଥା ରହିବା ଦରକାର। ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଏହି ଆହ୍ୱାନଗୁଡ଼ିକ ବିଷୟରେ ଅଧିକ ଆଲୋଚନା ଜରୁରୀ। ●

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

## ଅତିଥି ଅଧ୍ୟାପକ ଭରସାରେ ଓଡ଼ିଶାର ଉଚ୍ଚଶିକ୍ଷା

ସୁଧାକର ଦାସ

ଶିକ୍ଷା ହେଉଛି ସଫଳତାର ସ୍ୱର୍ଣ୍ଣିମ ଚାବିକାଠି। ସହଜ ସରଳ ଭାବେ କହିଲେ ଯେଉଁ ରାଜ୍ୟରେ ଶିକ୍ଷା ଯେତେ ଉନ୍ନତ ସେ ରାଜ୍ୟ ସେତେ ପ୍ରଗତିଶୀଳ। ନୂଆ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ କାର୍ଯ୍ୟକାରୀ କରାଯିବା ପରେ ଦୀର୍ଘ ବର୍ଷ ଧରି ଅଧ୍ୟାପକ ନିଯୁକ୍ତିକୁ ନେଇ ରହିଥିବା ପ୍ରତିବନ୍ଧକ ଦୂର ହୋଇଛି। ଏଣିକି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ ଅଧ୍ୟାପକ ନିଯୁକ୍ତ କରିପାରିବେ। ବାସ୍ତବରେ ସରକାରଙ୍କ ଏ ନିଷ୍ପତ୍ତି ଏକପ୍ରକାର ହାସ୍ୟାସ୍ପଦ କଥା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ଅଧ୍ୟାପକ ନିଯୁକ୍ତ କରିବେ ଅନେକ କ୍ଷେତ୍ରରେ ଦୁର୍ନୀତି ରହିବ। ସାଧାରଣ ମଧ୍ୟବିତ୍ତ ପରିବାରର ମେଧାବୀ ଶିକ୍ଷାର୍ଥୀ ଏହାଦ୍ୱାରା ପ୍ରଭାବିତ ହେବେ। ସଠିକ ଭାବରେ ଲିଖିତ, ସାକ୍ଷାତକାର ନକରି ଯେକୌଣସି ଭାବରେ ଚିହ୍ନା ମୁହଁକୁ ପ୍ରଶ୍ରୟ ମିଳିବ, ଏଥିରେ ସନ୍ଦେହ ନାହିଁ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନହେଲେ ମଧ୍ୟ ଅନେକ କ୍ଷେତ୍ରରେ ଏପରି ସମସ୍ୟା ସୃଷ୍ଟି ହୋଇପାରେ।

ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ପ୍ରସଙ୍ଗ ଆଲୋଚନା କଲା ବେଳେ କଟକ ସହରରେ ଥିବା ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଉଦାହରଣ ରୂପେ ନିଆଯାଉ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବେ ବି ଅତିଥି ଏବଂ ଠିକା ଅଧ୍ୟାପକଙ୍କ ଭରସାରେ ଚାଲିଛି। ସେହିଭଳି ବିଭିନ୍ନ ମହାବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ରହିଛି। ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି କୁଳପତି ପଦ। ସେହି ବିଶ୍ୱବିଦ୍ୟାଳୟମାନଙ୍କରେ କେବେ ନୂତନ କୁଳପତିଙ୍କୁ ନିଯୁକ୍ତି ଦିଆଯିବ ସେ ସମ୍ପର୍କରେ କାହା ପାଖରେ ସ୍ପଷ୍ଟ ଉତ୍ତର ନାହିଁ। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ରାଜ୍ୟ ସରକାର ଏହାର ମୂଳ ନିୟମ ଅର୍ଥାତ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ରେ ସଂଶୋଧନ କରି ଆଇନ ପାରିତ କରିଛନ୍ତି। କେଉଁ ନିୟମରେ କୁଳପତି ନିଯୁକ୍ତି କରାଯିବ ସେନେଇ ରାଜ୍ୟ ସରକାର ଦୋଛକିରେ ଥିବାବେଳେ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ପଦ ଖାଲି ପଡ଼ିବା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରୁଛି।

କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏପର୍ଯ୍ୟନ୍ତ କୁଳପତି ନିଯୁକ୍ତ ହୋଇନାହାନ୍ତି। ଏଠାରେ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ବା ଓଏସ୍‌ଡିଙ୍କୁ ନିଯୁକ୍ତ କରାଯାଇଛି। ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପଦ ଖାଲି ପଡ଼ିଛି। ଏହି ୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ସରକାର କୌଣସି ପଦକ୍ଷେପ ବା ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ଗତ ଜୁନ୍ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଅଧାରେ ଅଟକିଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। କଳାହାଣ୍ଡି ଭବାନୀପାଟଣା ସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ସ୍ଥାୟୀ କୁଳପତି ନାହାନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି। ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ ଭାବେ କୁଳପତି ଦାୟିତ୍ୱ ପ୍ରଦାନ କରାଯାଇଛି। ସମୁଦାୟ ୭ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାରୁ ଶୈକ୍ଷିକ ପରିବେଶ ପ୍ରଭାବିତ ହେଉଛି। ଆଗକୁ ବିଭିନ୍ନ ପରୀକ୍ଷା ଥିବାରୁ ପରୀକ୍ଷା ପରିଚାଳନା କରିବା ଅନ୍ୟ ଏକ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତିରେ ସମସ୍ୟା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଛି ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୂଚନା ଅନୁସାରେ ୧୭ ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୫୩ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ୨୦୨୭ଟି ସ୍ଥାନରେ ମାତ୍ର ୬୭୪ ଅଧ୍ୟାପକ ଓ ଅଧ୍ୟାପିକା ଅଛନ୍ତି। ୯୬୫ଟି ଶିକ୍ଷାନୁଷ୍ଠାନ ଅତିଥି ଅଧ୍ୟାପକରେ କାମ ଚଳାଉଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ୨୦୮୧ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଛି। ରେଭେନ୍ସାରେ ୧୬୧ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ ପଦବୀ ଖାଲିପଡ଼ିଛି।

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପରି ଯଦି ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି ହେବ ତେବେ ଅନେକ ମେଧାବୀ ଶିକ୍ଷାର୍ଥୀ ଉପକୃତ ହୋଇପାରନ୍ତେ। ପ୍ରତିବର୍ଷ ଯଦି ସରକାର ସବୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ତଥ୍ୟ ସଂଗ୍ରହ କରି ପ୍ରବେଶିକା ପରୀକ୍ଷା କରିବାକୁ ସକ୍ଷମ ତେବେ ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ଅକ୍ଷମ କାହିଁକି? ବିଏଡ୍ ପ୍ରବେଶିକା ପରୀକ୍ଷାରେ ହଜାର ହଜାର ଶିକ୍ଷାର୍ଥୀ ପଢ଼ିବାକୁ ଚାହିଁଲେ ବି ଆବଶ୍ୟକ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ନାହିଁ। ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ନାହିଁ କହିଲେ ତ୍ରୁଟି ହେବ ନାହିଁ। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁଧାର ନ ଆସିବା ଯାଏଁ ବିକଶିତ ଓଡ଼ିଶାର ପରିକଳ୍ପନା କରିବା କେବଳ ସ୍ଲୋଗାନ ହୋଇ ରହିଥିବ। ●

ଭବାନୀପାଟଣା, ମୋ: ୭୮୪୮୦୦୦୬୭୬

## ଗଣଚେତନାର ନିର୍ମାତା ଗଣକବି ବୈଷ୍ଣବ ପାଣି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଗଣକବି ବୈଷ୍ଣବ ପାଣି ଯେ ଜନଗଣଙ୍କ ମାନସମନ୍ଥନ କରିପାରିଥିଲେ ତୀବ୍ର ଭାବରେ, ଏ ବିଷୟ କିଏ ଅବା ଜାଣିନାହାନ୍ତି? କିନ୍ତୁ ତାଙ୍କ ଅସାମାନ୍ୟ ଲୋକପ୍ରିୟତାର କାରଣ ବିଶ୍ଳେଷଣ ହେଉଛି ଏକବିଂଶ ଶତାବ୍ଦୀର ପ୍ରକୃତ ଆହ୍ୱାନ। ଯାତ୍ରା ନାଟକ ପ୍ରତି ପ୍ରବଳ ଆକର୍ଷିତ ବର୍ତ୍ତମାନର ଯୁବଦର୍ଶକମାନେ ଚକିତ ହେବେ ଯେ ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଦେଖିବା ପାଇଁ ଓଡ଼ିଶାର ଆବାଳବୃଦ୍ଧବନିତା ସହସ୍ର ସହସ୍ର ସଂଖ୍ୟାରେ କିପରି ମହାମୂଲ୍ୟ ନିଦ୍ରା ବିସର୍ଜନ କରୁଥିଲେ। ସେଇ ନାଟକର କି ଚୁମ୍ବକୀୟ ଆକର୍ଷଣ ଥିଲା? କାହିଁକି ବୈଷ୍ଣବ ପାଣି ଲାଭ କଲେ ‘ଗଣକବି’ର ସୁଉଚ୍ଚ ମର୍ଯ୍ୟାଦା? ସେ ନଥିଲେ କୌଣସି ସମ୍ଭ୍ରାନ୍ତ ପରିବାରର ସନ୍ତାନ। ସଂଘର୍ଷମୟ ଥିଲା ତାଙ୍କ ଜୀବନ। କିନ୍ତୁ ତାଙ୍କ ମଧ୍ୟରେ ଲୁକ୍କାୟିତ ରହିଥିବା ଅପୂର୍ବ ପ୍ରତିଭା ରଶ୍ମିର ଆଲୋକରେ ଝଲସି ଉଠିଲା ନିସ୍ତବ୍ଧ ଅଗଣିତ ରଜନୀ।

ବିଂଶଶତାବ୍ଦୀର ପ୍ରଥମ ଦଶକରୁ ଚତୁର୍ଥ ଦଶକ ପର୍ଯ୍ୟନ୍ତ ସୁଆଙ୍ଗ, ଗୀତିନାଟ୍ୟ ରଚନା କରି ସେ ଅତିକ୍ରମ କରିଯାଇଥିଲେ ଏ କ୍ଷେତ୍ରରେ ସମସ୍ତଙ୍କୁ। ଯାତ୍ରାଭିନୟ ନିମିତ୍ତ ସେ ଘୂରି ବୁଲିଛନ୍ତି ଇତସ୍ତତଃ। ସାମାଜିକ ସଂଘର୍ଷର ସମ୍ମୁଖୀନ ହୋଇ ଅର୍ଜନ କରିଛନ୍ତି ବିଚିତ୍ର ଅନୁଭୂତି। ତାଙ୍କର ତାରୁଣ୍ୟ ହୋଇ ଯାଇଥିଲା ଲାଳିତ୍ୟପୂର୍ଣ୍ଣ ପାଲା ଗାୟନରେ ମନ ପ୍ରାଣ ଢାଳି ଦେଇଥିଲେ ବୋଲି। ଏହି ସମୟରୁ ହିଁ ସଙ୍ଗୀତ ରଚନା ଆରମ୍ଭ ହୋଇଥିଲା। ଜନଚିତ୍ତ ବିନୋଦନ ସହିତ ତତ୍କାଳୀନ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି କେତେ ସଚେତନ ଥିଲେ ତାହା ପ୍ରମାଣିତ ହୋଇଯାଏ ତାଙ୍କ ପଦସୃଜନ କଳାରୁ। ଓଡ଼ିଶାରେ ନୂଆଁ ଭାବରେ ଗଡୁଥିବା ରେଳଗାଡ଼ିକୁ ଦେଖି ସେ ଗାଇଥିଲେ

- ‘ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡ଼ି/ଶୂନ୍ୟେ ଚଳାଉଛି ରେଳଗାଡ଼ି/ଧୂଆଁ ଉଠୁଥାଇ ଯେହ୍ନେ ବଉଦ/ପାଞ୍ଚ କୋଶକୁ ତା’ଶୁଭେ ଶବଦ/ଲାଗି ଅଛି ଚକ ପଡ଼ିଛି ସଡ଼କ/ଲୁହାକଡ଼ି ପରେ ଯାଉଛି ଗଡ଼ି।’ ଏହାର ପରବର୍ତ୍ତୀ ଦୃଶ୍ୟ ତାଙ୍କ ଜୀବନ ନାଟକରେ ପରିଦୃଷ୍ଟ ହୁଏ ମାଳିହତା ଗ୍ରାମର ଯାତ୍ରାଦଳରେ। ସ୍ୱକୀୟ ମୌଳିକ ପ୍ରତିଭା କେତେଦିନ ଅବା ରହିଥା’ନ୍ତା ସଂଗୁପ୍ତ? ରଚନା କଲେ ସେ ‘ମେଘନାଦ ବଧ’ ଓ ‘ରାବଣ ବଧ’। ନିଜେ ହେଲେ ନିର୍ଦ୍ଦେଶକ। ଅନେକ ଯାତ୍ରା ଦଳରେ ଏକାତ୍ମ ହୋଇଯାଇ ସେ ନିଜସ୍ୱ କଳା ପ୍ରଦର୍ଶନ କରି ଯେଉଁ ବିପୁଳ ସୁଖ୍ୟାତି ଅର୍ଜନ କଲେ, ସେଥିରେ ସ୍ତବ୍ଧ ଓ ମୁଗ୍ଧ ହୋଇଗଲେ ଜନତା ସହିତ ଶ୍ରେଷ୍ଠ ସାହିତ୍ୟ ସ୍ରଷ୍ଟାବୃନ୍ଦ। କଲିକତା ଅଞ୍ଚଳର ପୁରପଲ୍ଲୀରେ ମଧ୍ୟ ସେ ସୃଷ୍ଟି କରି ପାରିଥିଲେ ଅଦ୍ଭୁତ ଆକର୍ଷଣ। ବିଭିନ୍ନ ଯାତ୍ରା ଦଳ ସହିତ ହେଉଥିଲା ତୀବ୍ର ପ୍ରତିଯୋଗିତା। ସେଇଠି ବାରମ୍ବାର ପ୍ରମାଣିତ ହୋଇଯାଏ ତାଙ୍କ ଲୋକପ୍ରିୟତା। ସେଥିପାଇଁ ତ ପ୍ରତିଷ୍ଠିତ ହୋଇ ରହିଗଲେ ସେ ଅଗଣିତ ଲୋକ ହୃଦୟରେ। ସୁପ୍ରସିଦ୍ଧ ହେଲେ ଗଣକବିର ଅକଳ୍ପନୀୟ ସମ୍ମାନରେ ବିଭୂଷିତ ହୋଇ।

କେତେ ଯାତ୍ରା ଦଳରେ ସେ ଶିଖାଇଛନ୍ତି ଅଭିନବ ଉପାୟରେ ଅଭିନୟକଳା। ସୁଆଙ୍ଗ, ପ୍ରହସନ ଗୀତିନାଟ୍ୟ ଆଦି ରଚନା କରିଛନ୍ତି ସେ ଶତାଧିକ। ଲେଖିଛନ୍ତି ମଧ୍ୟ କାବ୍ୟ କବିତା। ଉଚ୍ଚକୋଟୀର ସାହିତ୍ୟଶିଳ୍ପୀ ସମାଜ ବା ସମୟ ଦ୍ୱାରା କେବଳ ପ୍ରଭାବିତ ହୁଅନ୍ତି ନାହିଁ। ସେମାନେ ଗଣଚେତନା ସୃଷ୍ଟି କରିଦିଅନ୍ତି ମନୋରଞ୍ଜନ ମାଧ୍ୟମରେ। ବୈଷ୍ଣବ ପାଣି ସେଥିପାଇଁ ରଚନା କରିଛନ୍ତି ପୌରାଣିକ ନାଟକ ସହିତ କିମ୍ବଦନ୍ତୀ ଓ ଇତିହାସ ଆଧାରିତ ନାଟକ। ଦର୍ଶକମାନଙ୍କ ପ୍ରାଣରେ କବି, ମହାପୁରୁଷଙ୍କ ଜୀବନଦର୍ଶନ ପ୍ରତି ଅନୁରାଗ ସୃଷ୍ଟି କରିବା ସକାଶେ ସେ ଲେଖିଛନ୍ତି କାଳିଦାସ, ମୀରାବାଈ, ଗୋବିନ୍ଦ ଚନ୍ଦ୍ର ପ୍ରଭୃତି ଗୀତିନାଟ୍ୟ। କର୍ଣ୍ଣ, ଅଭିମନ୍ୟୁ, ହରିଶ୍ଚନ୍ଦ୍ର, ପ୍ରହ୍ଲାଦ ଆଦି ଚରିତ୍ର ଆଧାରରେ ନାଟ୍ୟ ରଚନା କରି ମହତ୍ତର ଜୀବନବୋଧ ପ୍ରତି ପ୍ରକଟ କରିଛନ୍ତି ସେ ଆନ୍ତରିକ ଅନୁରକ୍ତି। ଦର୍ଶକପ୍ରାଣରେ ଭରି ଦେବାକୁ ଚାହିଁଛନ୍ତି ଭକ୍ତି, ବୀରତ୍ୱ, କବିତ୍ୱ, ତ୍ୟାଗ, ତିତିକ୍ଷା ପ୍ରତି ଗଭୀର ସମ୍ପ୍ରୀତି। ସେପରି ପରାଧୀନ ଭାରତ ବର୍ଷରେ ଯେଉଁମାନେ ବ୍ରିଟିଶ ସରକାର ନିକଟରେ ଚାକିରି କରି ନିଜ ସ୍ୱାଧୀନତା ବିକ୍ରି କରିଛନ୍ତି ସେମାନଙ୍କ ପ୍ରତି ବ୍ୟଙ୍ଗାସ୍ତ୍ର ପ୍ରୟୋଗ କରିଛନ୍ତି ଜାତୀୟ ଚେତନା ସୃଷ୍ଟି କରିବା ପାଇଁ। ଗାନ କରିଛନ୍ତି - ‘ପୋଡ଼ିଯାଉରେ ପୋଡ଼ା ଚାକିରି ନିଶା/ପର ଅଇଁଠାକୁ, ପର ଗୋଇଠାକୁ କେଉଁସୁଖ ପାଇଁ ବଳାଅ ଆଶା।’

ଆମେ ଭାବୁଛୁ କି ତାଙ୍କର ସେଇ ମହିମା ମ୍ଳାନ ପଡ଼ିଗଲାଣି ବୋଲି? ତା’ହେଲେ ଆଜି ବି ବୈଷ୍ଣବ ପାଣିଙ୍କ ଆମ୍ଭର ଆହ୍ୱାନ ଶୁଣି ପୁରପଲ୍ଲୀରେ ଅଭିନୀତ ହେଉ ତାଙ୍କ ନାଟକ। ସେଥିରୁ ପ୍ରତିପାଦିତ ହୋଇଯିବ ତାଙ୍କ ନାଟ୍ୟକଳାର ରହିଛି କି ଅସୀମ ଶକ୍ତି ଓ ବ୍ୟାପ୍ତି। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପଥର ଖଣିରେ ବଜ୍ରପାତ; ଦୁଇ ଭାଇ ମୃତ



ଢେଙ୍କାନାଳ, ୨୩।୭(ସମିସ): ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ମହୁଲପଡ଼ା ପଥର ଖଣିରେ ବଜ୍ରପାତ ଘଟି ଦୁଇ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କଟକ ଜିଲ୍ଲା ଖୁଣ୍ଟୁଣି ଥାନା ମହାଲକ୍ଷ୍ମୀପୁରର କୃଷ୍ଣଚନ୍ଦ୍ର ଦେହୁରୀଙ୍କ ପୁଅ କମଳାକାନ୍ତ ଦେହୁରୀ ଓ ନରେଶ ଦେହୁରୀ। ବୁଧବାର ଅପରାହ୍ଣରେ ଦୁହେଁ ମହୁଲପଡ଼ା ଗ୍ରାମ ନିକଟ ପଥରଖଣିରେ ପଥର କାଟୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଦୁଇ ଭାଇଙ୍କ ସମେତ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀଙ୍କ ପୁଅ ମିଥୁନ କିସ୍କୁ ଓ ଦିବା ଜାରିକା ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ କମଳାକାନ୍ତ ଓ ନରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

# ବିଜେଡି ସଂଖ୍ୟାଲଘୁ ସେଲ୍‌ର ପ୍ରାର୍ଥନା



ଭୁବନେଶ୍ୱର,୨୩।୭ (ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶଙ୍ଖ ଭବନଠାରେ ବୁଧବାର ଏକ ପ୍ରାର୍ଥନା ସଭା କରାଯାଇଛି। ଏହି ପ୍ରାର୍ଥନା ସଭାରେ ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି। ସଂଖ୍ୟାଲଘୁ ସେଲ୍ ସହ-ସଂଯୋଜକ ରିଜୁୱାନ ବେଗମ୍‌ଙ୍କ ଆବାହକତ୍ୱରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ ଦାସ ବର୍ମା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମଂଜୁଲତା କହଁର, ମନ୍ମଥ ରାଉତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ବିଜୟ ନାୟକ, ସୁବ୍ରତ ଛାଟୋଇ, କସ୍ତୁରୀ ମହାପାତ୍ର, ମୋନାଲିସା ବେହେରା, ମିହିର କୁମାର ରାଉତ, ପ୍ରସନ୍ନ ସାହୁ, ଚଗଲା

### ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା

ଜେନା, ବାସନ୍ତୀ ସିଂ, ସୁମିତ୍ରା ଜେନା, ସୋଫିଆ ଆଲାମ, ବନଜା ମହାନ୍ତି, ଇଲା ସ୍ୱାଇଁ ପ୍ରମୁଖ ରହିଥିଲେ। ସେହିପରି ସଂଖ୍ୟାଲଘୁ ସଂପ୍ରଦାୟର ଶେଖ୍ ନିଜାମୁଦ୍ଦିନ, ଶକିରୁଲ ରେହମାନ, ମୁଶ୍ରରତ ଖାନ, ମହମ୍ମଦ ମୁବୀନ, ଶେକ୍ ଜଲାଲ, ଶେକ୍ ସବୀର ଅଲ୍ଲୀ, ଜାକିର ଖାନ, ହାଜୀ ସଦ୍ରୁଲ୍ଲା, ପୀର ମହମ୍ମଦ କଲିମ୍, ମେହବୁମ ବେଗ୍ ଓ ଅବୁଲ ଖାୟର ପ୍ରମୁଖ ଯୋଗଦେଇ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା ସହ ପରିବାରକୁ ଏହି କଠିନ ସମୟର ସମ୍ମୁଖୀନ ହେବା ପାଇଁ ଶକ୍ତି ଓ ସାହସ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଯାଜପୁର, ୨୩।୭ (ସମିସ): ଯାଜପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଆଜି ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଓ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଲା, ବରୀ-ରାମଚନ୍ଦ୍ରପୁର ଥାନା ଅରୁଆଳ ଗ୍ରାମର ଦୁଷ୍ମନ୍ତ ଜେନା। ଜରିମାନା ଅନାଦେୟ ହେଲେ ତାକୁ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ ବିଚାରପତି ଅଭିଜିତ ପଲେଇ ଏହି ରାୟ ଶୁଣାଇଛନ୍ତି। ଏହାସହ ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ସଦର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଗତ ୨୦୨୩ ଏପ୍ରିଲ ୯ ତାରିଖରେ ଦୁଷ୍ମନ୍ତ ତାଙ୍କୁ ବିଜୟୱାଡ଼ା ନେଇଯାଇଥିଲା। ସେଠାରେ ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଅପରପକ୍ଷରେ ନାବାଳିକାର ପରିବାରଲୋକେ ବିଭିନ୍ନ ସ୍ଥାନରେ ପୀଡ଼ିତାକୁ ଖୋଜାଖୋଜି କରିବା ପରେ ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ୍ ବିଜୟୱାଡ଼ାରୁ ନାବାଳିକାକୁ ଉଦ୍ଧାର କରିବା ସହ ଦୁଷ୍ମନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମକୋଦ୍ଦମା ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଅଚଳାବସ୍ଥା...

କରିଦିଆଯାଇଥିଲା। ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପରେ ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ପ୍ରସଙ୍ଗରେ ଗତକାଲି ଭଳି ଆଜି ମଧ୍ୟ ସଂସଦ କାର୍ଯ୍ୟ ଧୋଇହୋଇଗଲା।

ଅନ୍ୟପକ୍ଷରେ ସଂସଦର ଚଳିତ ଅଧିବେଶନରେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସରକାର ରାଜି ହୋଇଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ୧୬ ଘଣ୍ଟାର ସମୟ ଦିଆଯାଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ଆସନ୍ତା ସପ୍ତାହ ହେବାକୁ ଥିବା ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥିତ ରହିବେ କି ନାହିଁ ତାହା ଜଣାପଡ଼ି ନାହିଁ। ଏହି ଆଲୋଚନା ପାଇଁ ଗତ ୨୧ ତାରିଖରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି। ଜୁଲାଇ ୨୮ରେ ଲୋକସଭାରେ ଏବଂ ୨୯ ତାରିଖରେ ରାଜ୍ୟସଭାରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ତେବେ ପ୍ରଧାନମନ୍ତ୍ରୀ ଏହି ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ଉଲ୍ଲେଖ କରାଯାଇ ନାହିଁ। ବିରୋଧୀ ଦଳମାନେ ଦାବି କରୁଛନ୍ତି ଯେ ପ୍ରଧାନମନ୍ତ୍ରୀ ହିଁ ଆଲୋଚନାର ଉତ୍ତର ଦିଅନ୍ତୁ।

### ଅଗଷ୍ଟ ଶେଷ ସୁଦ୍ଧା...

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ଶାସକ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେ।।ବେ, ତାହା ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପରେ ସ୍ଥିର କରାଯିବ। ଅନ୍ୟପକ୍ଷରେ ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଦେବାକୁ ଯୋଜନା କରିଛନ୍ତି। କଂଗ୍ରେସର ଜଣେ ନେତା କହିଛନ୍ତି ଯେ କଂଗ୍ରେସ ମେଣ୍ଟ ବାହାରେ ଥିବା ସମଭାବାପନ୍ନ ଦଳର ନେତାମାନଙ୍କ ସହିତ ବିଚାର ଆଲୋଚନା କରାଯିବ। ସେ କହିଛନ୍ତି ଯେ ବିଜୟ ଲାଗି ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ ସତ, କିନ୍ତୁ ଏହାକୁ ସଂଖ୍ୟା ଦୃଷ୍ଟିରେ ଦେଖାଯଦେ ଉଚିତ ନୁହେଁ। ଏହି ନିର୍ବାଚନ ହେଉଛି ଆଦର୍ଶଗତ ଲଢ଼େଇ ଏବଂ ବିରୋଧୀ ଦଳ ନିଶ୍ଚିତ ଭାବେ ମିଳିତ ପ୍ରାର୍ଥୀ ଦେବେ ବୋଲି ସେ କହିଛନ୍ତି।

### ୨୦୨୬ରୁ ୮ମ...

ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଦୀର୍ଘ ସମୟ ଧରି କର୍ମଚାରୀଙ୍କ ପାଇଁ ଏହା ଏକ ପ୍ରମୁଖ ଚିନ୍ତାର ବିଷୟ ରହିଆସିଛି। ଏହାବ୍ୟତୀତ, କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ କ୍ୟାସ୍‌ଲେସ୍ ବା ନଗଦବିହୀନ ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଏକ ପ୍ରସ୍ତାବ ଦିଆଯାଇଛି, ଯାହା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ପାଇବା ଆହୁରି ସହଜ କରିବ ଏବଂ ପ୍ରଶାସନିକ ସମସ୍ୟା ହ୍ରାସ କରିବ। ପ୍ରତିନିଧିମାନେ କର୍ମଚାରୀଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ଶିଶୁ ଶିକ୍ଷା ଭତ୍ତା ମଧ୍ୟ ଦାବି କରିଛନ୍ତି। ଉଚ୍ଚଶିକ୍ଷାର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି କର୍ମଚାରୀମାନେ ଏହାଦ୍ୱାରା ଆର୍ଥିକ ଆଶ୍ୱସ୍ତି ପାଇପାରିବେ ବୋଲି ଏକ ପ୍ରସ୍ତାବ ଦେଇଛନ୍ତି।

### ଧରାଛୁଆଁ ଦେଉନାହାନ୍ତି...

କହିଛନ୍ତି ଯେ ଧନଖଡ଼ଙ୍କ ନାମରେ ଖୁବଶୀଘ୍ର ଏକ ସରକାରୀ ବଙ୍ଗଳା ଆବଣ୍ଟନ କରାଯିବ। ଦିଲ୍ଲୀର ଲୁଟେନ୍ସରେ ତାଙ୍କୁ ଟାଇପ୍-୮ ବଙ୍ଗଳା ଦିଆଯିବ। ସେ ଚାହିଁଲେ ଦିଲ୍ଲୀର ଅନ୍ୟ କୌଣସି ଅଞ୍ଚଳରେ ମଧ୍ୟ ଏଭଳି ବଙ୍ଗଳାରେ ରହିପାରିବେ ବୋଲି ସେ କହିଛନ୍ତି।

ଧନଖଡ଼ ଇସ୍ତଫା ଦେବାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ସେ ଅଚାନକ କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହା ଜଣାପଡ଼ିନାହିଁ। ସେ ନିଜେ ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି। ସରକାରୀ ନେତାମାନେ ମଧ୍ୟ ନିରବ ରହିଛନ୍ତି। ତେବେ କାରଣ ଜାଣିବା ପାଇଁ ବିରୋଧୀ ଦଳର ନେତାମାନେ ବ୍ୟାକୁଳ ହୋଇପଡ଼ିଲେଣି। ବିରୋଧୀମାନଙ୍କ ସହ ତିକ୍ତ ସଂପର୍କକୁ ନେଇ ବିବାଦରେ ଥିବା ଧନଖଡ଼ଙ୍କୁ କିନ୍ତୁ ଦେଖା କରିବା ଲାଗି ବିରୋଧୀ ଦଳର ନେତାମାନେ ଲମ୍ବା ଧାଡ଼ି ଲଗାଇଛନ୍ତି। କିନ୍ତୁ ଧନଖଡ଼ ଧରାଛୁଆଁ ଦେଉ ନାହାନ୍ତି। ବିରୋଧୀ ଦଳର ଅନେକ ନେତା ତାଙ୍କ ସହ କଥା ହେବାଲାଗି ଫୋନ୍ ମଧ୍ୟ କରୁଛନ୍ତି। କିନ୍ତୁ କଥାବାର୍ତ୍ତା ପାଇଁ ଅନୁମତି ମିଳୁନାହିଁ। ବ୍ୟକ୍ତିଗତ ଭାବେ ତାଙ୍କୁ ଭେଟିବା ଲାଗି ଯେଉଁ ନେତାମାନେ ଲାଇନ ଲଗାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଶରଦ ପାୱାର ଏବଂ ସଂଜୟ ରାଉତ। ତେବେ ଧନଖଡ଼ଙ୍କ ପକ୍ଷରୁ କୌଣସି ଉତ୍ତର ଆସୁନାହିଁ। ଅନ୍ୟପକ୍ଷରେ ଏସବୁ ଘଟଣାକ୍ରମ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, 'ଦାଲ ମେଁ କୁଛ୍ କାଲା ହୈ।'

### ଗାଏବ ହୋଇଗଲେ...

ସହ ପୁଲିସ ସହିତ ଆଲୋଚନା କରୁଛନ୍ତି। ଖୋଦ୍ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ, ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ପ୍ରଥମେ ନାବାଳିକାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିଛନ୍ତି। ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିବା ବେଳେ ୫୦ଟି ମୋବାଇଲ ଫୋନକୁ ମଧ୍ୟ ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜକୁ ବି ଖୋଜି ତଦନ୍ତ ପରିସରକୁ ଅଣାଯାଇଛି। ପଚରାଉଚରା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୀଡ଼ିତାଙ୍କ ସାଙ୍ଗ, ଗ୍ରାମବାସୀ, ପରିବାର ସଦସ୍ୟ ଏବଂ ନିକଟ ସମ୍ପର୍କୀୟ ରହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ କିଏ ସେ ନେଇ ଠୋସ୍ ସୁରାକ ପାଇନାହାନ୍ତି ପୁଲିସ, କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ଅଧିକାରୀ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନ ଯେତେ ଗଡୁଛି ଏହି ପ୍ରସଙ୍ଗ ସେତେ ଜଟିଳ ହେବାରେ ଲାଗିଛି। ଘଟଣାସ୍ଥଳରୁ ସେହିଦିନ କିରୋସିନ ବୋତଲ, ଡିଆସିଲି, ରୁପା ମୁଦି, ଚୁଡ଼ି ଆଦି ପୁଲିସ ଜବତ କରିଥିଲା। ହେଲେ ପୀଡ଼ିତାଙ୍କ ପରିବାର ପକ୍ଷରୁ କୁହାଯାଇଛି ସେ ମୁଦି, ଚୁଡ଼ି ତାଙ୍କ ଝିଅର ନୁହେଁ। ତେବେ ପ୍ରଶ୍ନଉଠୁଛି ଏହି ମୁଦି, ଚୁଡ଼ି କାହାର? ସେଠାରୁ ଅନ୍ୟାନ୍ୟ ସାମଗ୍ରୀ ସହିତ ମୁଦି, ଚୁଡି ମିଳିଲା କେମିତି? ଏହାକୁ କିଏ କେଉଁଠୁ ଏବଂ କାହା ପାଇଁ କିଣିଥିଲା? ସେହିପରି ଫରେନ୍ସିକ ଟିମ୍, ସନ୍ଧାନୀ କୁକୁର ଆଦି ତଦନ୍ତ ପ୍ରକ୍ରିୟାର ବିଭିନ୍ନ କୌଶଳ ପ୍ରୟୋଗ ପରେ ବି ପୁଲିସ ହାତ ଖାଲି। ପ୍ରତିଦିନ ପୁଲିସ, କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ ବଲଙ୍ଗା ଧାଁ ଧପଡ଼ କରି ହାଲିଆ ହେଲେଣି। ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଓ ପୁଲିସର ୧୫ ଜଣିଆ ଟିମ୍ ଘଟଣାସ୍ଥଳ (ଭାର୍ଗବୀ ନଦୀବନ୍ଧ କଡ଼)ରେ ଛାନ୍‌ବିନ କରିଛନ୍ତି। ସମ୍ପୂର୍ଣ୍ଣ ସ୍ଥାନରେ ତନ୍ନ ତନ୍ନ କରି ଖୋଜାଖୋଜି କରିଛନ୍ତି।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ଆଧାର କରି ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବଲଙ୍ଗାକୁ ସବୁ ରାଜନୈତିକ ଦଳ ନେତାଙ୍କ ଗସ୍ତ ଜାରି ରହିଥିବା ବେଳେ ସମସ୍ତେ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ଲାଗି ଦାବି କରିଆସୁଛନ୍ତି। ହେଲେ ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

ଅନ୍ୟପଟେ ଏହି ଘଟଣାକୁ ନେଇ ଜାତୀୟସ୍ତର ବେଶ୍ ଚର୍ଚ୍ଚା ଆଲୋଚନା ଚାଲିଛି। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବଲଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଛନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳାର ନଅଙ୍କ ଚିତ୍ର ଏବେ ରାଜ୍ୟକୁ ଜାତୀୟସ୍ତରରେ ବଦ୍‌ନାମ କରିଛି। ବାଲେଶ୍ୱର ପରେ ବଲଙ୍ଗା ଏବଂ ଯାଜପୁର ପରେ ଜଗତ୍‌ସିଂହପୁର ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନାର ତାଲିକା ଲମ୍ବି ଲମ୍ବି ଚାଲିଛି। ଏହା ଉପରେ ଅଙ୍କୁଶ ଲାଗିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ଆଳୁ ପାଇଁ ପୁଣି...

ତେବେ ଏଥିପାଇଁ ଆମକୁ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ଯୋଗାଣ ମନ୍ତ୍ରୀ ଆଜି ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଓଡ଼ିଶାବାସୀଙ୍କର ଉତ୍ତରପ୍ରଦେଶ ଆଳୁ ପସନ୍ଦ ହେଉନି। ତେଣୁ ବାଧ୍ୟହୋଇ ଆମକୁ ପଶ୍ଚିମବଙ୍ଗଠାରୁ ଆଳୁ ଆଣିବାକୁ ପଡ଼ିବ। ଆଳୁର ସମସ୍ୟା ହୋଇଥିଲାବେଳେ ରାଜ୍ୟବାସୀ ଉତ୍ତରପ୍ରଦେଶ ଆଳୁକୁ ପ୍ରତ୍ୟାଖାନ କରିଥିଲେ। କାରଣ ସେଠୁ ଗାଡ଼ିରେ ଆଳୁ ଆସିଲା ବେଳକୁ ୪ ଦିନରୁ ଅଧିକ ସମୟ ଲାଗୁଛି। ତା'ପରେ ଖାଉଟି କିଣି ନେଇ ଦୁଇ ଦିନ ରଖିଲା ବେଳକୁ ଆଳୁ ପଚି ନଷ୍ଟ ହୋଇଯାଉଛି। ଏପରିସ୍ଥଳେ ପଶ୍ଚିମବଙ୍ଗ ଆଳୁ ୧୨ ଘଣ୍ଟାରେ ଆମ ପାଖରେ ପହଞ୍ଚି ଯାଉଛି। ଖାଉଟି ଏହାକୁ ନେଇ ୭ରୁ ୮ ଦିନ ଗଚ୍ଛିତ କରି ରଖିପାରୁଛନ୍ତି। ତା'ପରେ ଉତ୍ତରପ୍ରଦେଶ ଓ ପଞ୍ଜାବ ଆଳୁ ଅପେକ୍ଷା ପଶ୍ଚିମବଙ୍ଗ ଆଳୁ ସ୍ୱାଦିଷ୍ଟ। ଏସବୁ ଦୃଷ୍ଟିରୁ ଲୋକମାନେ ପଶ୍ଚିମବଙ୍ଗ ଆଳୁକୁ ପସନ୍ଦ କରୁଛନ୍ତି। ମାତ୍ର ଲୋକଙ୍କ ଆବଶ୍ୟକତା ଓ ମତ ବିନା ଯୋଗାଣ ମନ୍ତ୍ରୀ ପୂର୍ବରୁ ପଶ୍ଚିମବଙ୍ଗ ଆଳୁକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ୟାନ୍ କରି ଦିଆଯିବ ବୋଲି ମନ୍ତବ୍ୟ ଦେବାକୁ ମଧ୍ୟ ପଛାଇ ନାହାନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତିକୁ ନେଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଲଜ୍ଜାର ବିଷୟ ହେଉଛି ଆଳୁ ପ୍ରସଙ୍ଗକୁ ନେଇ ମନ୍ତ୍ରୀ ବାରମ୍ବାର ବିଭ୍ରାନ୍ତିକର ବୟାନ ଦେଇଛନ୍ତି। ଏବେ ପୁଣି ମମତାଙ୍କ ଗୋଡ଼ ଧରିବେ ବୋଲି ନିଜ ମୁହଁରେ ସ୍ୱୀକାର କରିଛନ୍ତି। ଜଣେ ମନ୍ତ୍ରୀ କୌଣସି ପ୍ରସଙ୍ଗରେ ମନ୍ତବ୍ୟ ଦେବାବେଳକୁ ସଂଯମତା ରକ୍ଷା କରିବା କଥା। ମାତ୍ର ଯୋଗାଣ ମନ୍ତ୍ରୀ ପ୍ରତିଥର ଏହାର ଉଲଂଘନ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ପୂର୍ବରୁ ମନ୍ତ୍ରୀ ଯେଉଁ ଛେପ ପକାଇଥିଲେ, ଆଜି ସେ ନିଜେ ଢୋକୁଛନ୍ତି। ଉତ୍ପାଦନର ସ୍ଥିତାବସ୍ଥା ଯାଞ୍ଚ ନ କରି କେବଳ ମିଛ ବାହାସ୍ଫୋଟ ମାରିବାରେ ବ୍ୟସ୍ତ ଥିଲେ ଯୋଗାଣ ମନ୍ତ୍ରୀ। ଏବେ ପଶ୍ଚିମବଙ୍ଗ ଶରଣ ପଶିବା ନେଇ ନିଜେ ସ୍ୱୀକାର କରିଛନ୍ତି।

### ୨୭ ପର୍ଯ୍ୟନ୍ତ...

୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ବୁଧବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସମେତ କଟକ, ପୁରୀ ଦାରିଙ୍ଗବାଡ଼ି, ଛତ୍ରପୁର, ନାୟଗଡ଼, ଖୋର୍ଦ୍ଧା, ରାୟଗଡ଼ା ଓ ପାରଳା ଖେମୁଣ୍ଡି ଆଦିରେ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ଭୁବନେଶ୍ୱରରେ ସର୍ବାଧିକ ୭୦ ମିମି ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ପ୍ରଭାବରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।


**LOST**

I **Barada Prasan Mohanty,** S/o- Bhimsen Mohanty, resident At- Plot No- 954/2346/2, Bhimtangi Old Town, Bhubaneswar, Dist- Khurda, Odisha declare that my link documents sale deed No- 8635, dtd- 31/07/2007 ROR of Mauza BBSR Unit-24 Sundarpada, Khata No- 796/2666, Plot No- 562/3499 Area Ac 0.039 decs has been misplaced somewhere and could not be traced after so many searches.
**Barada Prasan Mohanty**

**NOTICE FOR MINOR**

By virtue of an affidavit sworn before the Executive Magistrate, Kendrapara, dated 18.07.2025, I, Itishree Nayak, Address (Itishree Nayak, C/o- Abhaya Kumar Samal, At / Po- Karilopatana, Dist-Kendrapara, Odisha, Pin-754223, Mob-6370971396) declare that I have changed the name of my son from A.I TANMAY SAMAL to TANMAY SAMAL. Henceforth, he shall be known as **TANMAY SAMAL** for all purposes.
**Itishree Nayak**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt.**15.07.2025** I, Anish Akhtar, R/o- Kalamandal Pada, Balangir, Odisha- **767001** mentions that in Residence Certificate Vide No. E-RES/**2025/858164**, my name inadvertently recorded as Anish Arya Panda instead of Anish Akhtar. I declare that my correct name is Anish Akhtar for all purposes.

**AFFIDAVIT**

I, ABRAR, aged about 21 years, S/o- Faisal, resident of Masjid Pada, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1436, dtd. 23/07/2025, that now onwards I shall be known as **MOHAMMAD ABRAR** for all future purposes.

**PANCHAYAT SAMITI HIGHER SECONDARY SCHOOL, KOMNA, DIST-NUAPADA**

**WALK IN INTERVIEW**

A walk-in-Interview for the Post of PGT-in-History will be held on Dt. 30.07.2025 (Wednesday) in the Panchayat Samiti Higher Secondary School, Komna (+2 College). Intending candidates having minimum 55% marks in the subject concerned at P.G level with B.Ed. are required to walk in with Bio-data.

**No TA DA will be admissible.**

**Sd/- Principal-cum-Secretary**
**P.S. Higher Secondary School,**
**Komna, Dist.-Nuapada**

**JEYPORE MUNICIPALITY, JEYPORE**

Phone No. - 06854231098, Fax no.-06854230104, email-ulbjeypore@gmail.com & jeyporem.hud@nic.in

**Quotation call notice**

Sealed quotations on the letter pad of the bidder are hereby invited from **individuals, manufacturers, or contractors** for the execution of the work titled

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4–6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works – Complete at Jeypore Municipality".**

| | |
|---|---|
| No of works. | **01** |
| Estimated cost and work details | As per QCN |
| Date & Time of Bidding | From **24.07.2025** at 11:00 Hours to **04.08.2025** Upto 16:00Hours |
| Offline Documents Received through Speed Post/ Registered Post | **25.07.2025** at 11:00 Hours to **06.08.2025** Up to 11:00 Hours (Working Days Only) |
| Offline Documents shall be opened in the presence of the Participating Bidders | **06.08.2025** at 16:00 Hours onwards |
| Paper Cost (INR) | **Rs.600/-** |
| EMD (INR) | **Rs.10000/-** |

OIPR-13079/11/0051/2526 C-725

**Executive Officer,**
**Jeypore Municipality**

**AFFIDAVIT**

I, Amlan Ashish Rautray, S/o. Ajaya Routray, resident of Plot No. 186, Behera Sahi, Rasulgarh, Bhubaneswar, PS- Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 602 , Dt - 23.07.2025 that, now onwards, I shall be known as **AMLAN ASHISH ROUTRAY** for all future purposes.

**AFFIDAVIT**

I MADHUSMITA, W/o SANGRAM CHETA MOHANTY resident of At- Nuapatna, Po-Banguari,Via- Fulnakhara, Dhamilo, Dt- Khurda, odisha -754 001, Odisha declare by this Affidavit No.3288, Dated - 22/07/2025,that now onwards I shall be known as MADHUSMITA MOHANTY for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I, Susil Kumar Das, S/o- Late Surendranath Behera resident of At- Kuansh, Po/Ps/Dist.- Bhadrak, Pin-756100, Odisha have changed my name from **Susil Kumar Behera to Susil Kumar Das.** Henceforth I shall be known as Susil Kumar Das for all purposes.
**Susil Kumar Das**

**AFFIDAVIT**

By virtue of an affidavit sworn before Executive Magistrate Gopalpur, Balasore, dated 27/07/2025 I, Biswajit Muduli, Address At- Matiapala, PO- Radhaballavpur, PS- SORO , Dist-Balasore, Odisha-756045 declare that I have changed my name from M Biswajit to Biswajit Muduli. Henceforth, I shall be known as **Biswajit Muduli** for all purposes.

**AFFIDAVIT**

By virtue of an affidavit before the Executive Magistrate, Soro, Balasore, I Shaik Hasnain Raja, S/o- SK. Faizulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 739, Dated -02.04.24 that now onwards I shall be known as **SK. HASNAIN RAZA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Silipar, dated. 21.07.2025, I CHITTARANJAN SWAIN, S/o- Late Sarat Chandra Swain, At: Chhotinatara, Po: Bhimdaspur, Ps: Salipur, Dist.: Cuttack, Odisha, Pin- 754221 declare that I have changed the name of my daughter from KIRANPRAVA SWAIN to KIRANMAYEE SWAIN. Henceforth she shall be known as **KIRANMAYEE SWAIN** for all purposes.

**AFFIDAVIT**

I, Ajaya Rautray, S/o. Late Banshidhar Routray, resident of Plot No. 186, Behera Sahi, Rasulgarh, Bhubaneswar, PS- Mancheswar, Bhubaneswar- 751010, Dist-Khurda, Odisha declare by this Affidavit No - 603, Dt - 23.07.2025 that, now onwards, I shall be known as **AJAYA ROUTRAY** for all future purposes.

**AFFIDAVIT**

By virtue of an Affidavit No. 3289, sworn before Notary Public, Jeypore, dated -22/07/2025, I MADHUSMITA MOHANTY, Address At-Nuapatna, Po- Banguari, Via-Fulnakhara, Dhamilo, Khurda, Odisha -754 001 declare that I have changed my name from MADHUSMITA CHHOTARAY to MADHUSMITA MOHANTY. Henceforth I shall be known as MADHUSMITA MOHANTY for all purposes.

**AFFIDAVIT**

I, Anjalipravа Parida, aged about 50 years, D/o- Dharanidhar Jena, resident of At- Satyabhamapur, Tandilo, Dist- khordha, PIN- 752100, Odisha declared by this affidavit No- 597, dtd- 21/07/2025 that now onwards I shall be known as **ANJALI PARIDA** for all future purposes.

**AFFIDAVIT**

I GULAB CHAND JAIN, S/o BABULAL JAIN resident of Main Road, Po/ PS - Malkangiri Dt-Koraput, odisha -764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as GULAB JAIN for all future purposes.

**AFFIDAVIT**

I, Sekh Gulam Anwar, aged about 63 years, S/o- Late Shekh Gulam Kadar, resident of Vill- Padampur, PS- Padampur, Dist- Bargarh, Odisha declared by this affidavit No. 01, dtd- 23/07/2025 that now onwards I shall be known as **SHEKH GULAM ANWAR** for all future purposes.

**AFFIDAVIT**

**I, Purnima Mohapatra, W/o Abinash Mishra, resident of Plot No LB-104, Bhimatangi, Phase-II, Kapilprasad, PS- Airfield,Bhubaneswar- 751002, Dist- Khordha, Odisha declare by this affidavit CF No- 08, dtd. 23.07.2025 that now onwards I shall be known as PURNIMA MAHAPATRA for all future purposes.**
**Sd- PURNIMA MAHAPATRA**

**AFFIDAVIT**

I S.C.MOHANTY, S/o Nrusingh Charan MOHANTY resident of At-Nuapatna, Po- Banguari,Via-Fulnakhara, Dhamilo, Dt-Khurda, odisha - 754 001, Odisha declare by this Affidavit No.3287, Dated - 22/07/2025,that now onwards I shall be known as SANGRAM CHETA MOHANTY for all future purposes.

**AFFIDAVIT**

By virtue of an affidavit before the the Notary Public, Cuttack. I, Himanshu Shekhar Mohapatra, S/o- Keshab Chandra Mohapatra of Plot No. 3D/1100, Sector-10, P.S.- CDA Phase-II, Dist.: Cuttack, Odisha - 753014, declare that my correct name is Himanshu Shekhar Mohapatra as per Aadhaar and PAN. But in my Passport bearing no K3842811, my name has been wrongly mentioned as Himansu Shekhar Mohapatra. That both the names belongs to me. Henceforth I shall be known as **Himanshu Shekhar Mohapatra** for all purposes.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I, Rohiteswar Gochhayat, S/o- Late Bhramarbar Gochhayat, resident of At- Naradia, Borikana, Po- Panchapali, Ps- Ersama, Dist.- Jagatsinghpur, Odisha, Pin- 754110 have changed my name from **Rohitaswar Gochhayat to Rohiteswar Gochhayat.** Henceforth I shall be known as Rohiteswar Gochhayat for all purposes.
**Sd/- Rohiteswar Gochhayat**

**AFFIDAVIT**

By virtue of an affidavit before the Executive Magistrate Hindol on dt 19.05.2025,I Akshaya Biswal, aged about 51 years, S/o- Late Biswambar Biswal of Vill- Kathakumpa, Po- Khaliborei, Ps- Rasol, Dist- Dhenkanal, That, in the Aadhaar card bearing no- 8528 3358 2452 and OGB, Gandanali Branch bearing A/c no- 052734006001361 my name reflected as Akshaya Biswal, S/o- Biswambar Biswal and but in the LIC Policy Bond bearing Policy no- 588154567 my name reflected as Dharanidhar Biswal which is my nick name instead of Akshaya Biswal. That, Akshaya Biswal and Dharanidhar Biswal, S/o- Late Biswambar Biswal is same and one person and there is no any other person live in that name in the same locality.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I Smt. Bithika Das, W/o- Susil Kumar Behera, D/o- Nalini Kanta Mohanty resident of At- Kuansh, Po/Ps/Dist.- Bhadrak, pin- 756100 Odisha have changed my name from **Bithika Behera to Bithika Das.** Henceforth, I shall be known as Bithika Das for all purposes.
**Bithika Das**

### ଶିଳ୍ପ ପ୍ରତିଷ୍ଠା ଦିନ ଗଡ଼ିଗଡ଼ି ଚାଲିଛି...

# ୩୨ ବର୍ଷ ହେବ ପଡ଼ିଆ ପଡ଼ିଛି ଇଡ୍‌କୋ ଅଧିକୃତ ଜମି

## ୬ ଶହ ମିଟର ରାସ୍ତା, ପାଚେରି ଓ କ୍ଷୁଦ୍ର ସେତୁ ନିର୍ମାଣରେ ସୀମିତ

ବାରିକପୁର,୨୨।୭(ସମିସ)

ସରକାରଙ୍କୁ ଶାଗମାଛ ଦରରେ ସାତ ପୁରୁଷର ଚାଷ ଜମି ବିକ୍ରି କରି ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁମାନେ ଦିନେ ସ୍ୱପ୍ନ ଦେଖିଥିଲେ ଏବେ ସେମାନଙ୍କ ଆଶା ମଉଳିଯାଇଛି। ଜମିହରା ଆନ୍ଦୋଳନ କାରୀଙ୍କ ବଳିଦାନକୁ ଶିଳ୍ପ ପ୍ରତିଷ୍ଠା ସମୟ ଏବେ ବଳିଗଲାଣି। ଇତିମଧ୍ୟରେ ଜମି ହରାଇଥିବା ଅନେକ ଚାଷୀ ମଧ୍ୟ ଆରପାରିକୁ ଚାଲିଗଲେଣି। ପରିତାପର ବିଷୟ ଏଯାଏଁ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟରେ ଅଧିଗ୍ରହଣ ହୋଇଥିବା ଏକର ଏକର ଚାଷଜମି ଦୀର୍ଘ ବର୍ଷ ଧରି ଇଡିକୋ ଅଧିନରେ ପଡ଼ିଆ ରହିଛି। ଗତ ୧୯୯୩ ମସିହାରେ ଏଠାରେ କୃଷିଭିତ୍ତିକ ଚିନି କାରଖାନା ପ୍ରତିଷ୍ଠା ପାଇଁ ସରକାର ଇଡିକୋ ଜରିଆରେ ଚାଷ ଜମି ଅଧିଗ୍ରହଣ କରିଥିଲେ। ମଜୁରୀଗଡିଆ, ପାହିମୋହୁରା, ବାହାଦଲପୁର,ହେଲପୁର ଗ୍ରାମର ଚାଷୀଙ୍କଠାରୁ ୨୧୭ ଏକର ଜମି ଅଧିଗ୍ରହଣ କରାଯାଇଥିବା ବେଳେ ଏଥିରେ ୨୦ ଏକର ସରକାରୀ ଜମିକୁ ମିଶାଇ ୨୩୭ ଏକର ଜମି ଇଡିକୋ ଅଧୀନରେ ରହିଛି। ଚାକିରି ଲୋଭ ଦେଖାଇ ଧରଣୀ ସୁଗାର ନାଁରେ ଖୁବ କମ ମୂଲ୍ୟରେ ପ୍ରାୟ ୪୦୦ ଚାଷୀଙ୍କଠାରୁ କୌଶଳ କରି ଜମି ଛଡାଇ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଚିନି କାରଖାନା ପ୍ରତିଷ୍ଠା କେଉଁଆଡେ ଉଭେଇ ଗଲା। ତାହା ଆଜି ସୁଦ୍ଧା ଅମୀମାଂସିତ ରହିଛି। କୃଷି ଭିତ୍ତିକ ଶିଳ୍ପ ନହେବାରୁ ଧିରେଧିରେ ଚାଷୀମାନେ ପ୍ରତିକ୍ରିୟା



ପ୍ରକାଶ କରି ଜମି ଫେରିପାଇବା ନଚେତ୍ ଉଚିତ କ୍ଷତିପୂରଣ ଦେବା ପାଇଁ ଅନେକ ସମୟରେ ଦାବି କରିଛନ୍ତି। ଏଥିପାଇଁ ବହୁ ଧାରଣା ଏବଂ ଆନ୍ଦୋଳନ ହୋଇଛି। ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ସେ ଯାହାବି ହେଉ ଇତିମଧ୍ୟରେ କିଛି ବର୍ଷ ପୂର୍ବରୁ ଭିନ୍ନ କିଛି ଶିଳ୍ପ ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ମିଳିଥିବା ବେଳେ ଲୋକଙ୍କ ମଧ୍ୟରେ ଆଶା ସଂଚାର ହୋଇଥିଲା। ତାହା ମଧ୍ୟ କ୍ରମଶଃ ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି। ଇଡ୍‌କୋ ପକ୍ଷରୁ କେବଳ ୬ ଶହ ମିଟର ରାସ୍ତା ସହିତ ପାଚେରୀ ନିର୍ମାଣ ଓ ଗୋଟିଏ କ୍ଷୁଦ୍ର ସେତୁ ନିର୍ମାଣରେ ଶିଳ୍ପ ପ୍ରତିଷ୍ଠା ଚିତ୍ର ଦୀର୍ଘ ଦିନ ହେବ ଅଟକି ରହିଛି। ଏହାଛଡ଼ା ଉକ୍ତ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ସକାଶେ କୌଣସି କାର୍ଯ୍ୟ ଏଯାଏଁ ହୋଇପାରି ନାହିଁ। ଚାଷ ଜମି ହରାଇ ଶିଳ୍ପ ଭିତ୍ତିକ ନିଯୁକ୍ତି ପାଇଁ ଆଶା ବାନ୍ଧିଥିବା ପରିବାର ଆଜି ଯାଏଁ ଏକପ୍ରକାର ଅବଶୋଷର ବହ୍ନି ଜଳୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

### ■ ସେମାନେ ଯାହା କୁହନ୍ତି...



■ ଶିଳ୍ପ ପ୍ରତିଷ୍ଠା ହେଲେ ଆଖପାଖ ଅଞ୍ଚଳର ଯୁବକ ଯୁବତୀ ଦାଦନ ନ ଯାଇ ଏଠାରେ ନିଯୁକ୍ତି ପାଇବେ। ଜମି ଅଧିଗ୍ରହଣ ପରେ ଅନେକ ବର୍ଷ ହେବ ଶିଳ୍ପ ପ୍ରତିଷ୍ଠା ନହେବା ଲୋକଙ୍କ ପାଇଁ ଏହା ବିଶ୍ୱାସ ଘାତକ ହୋଇଛି।

- ସତ୍ୟବ୍ରତ ପାଲ, ସରପଞ୍ଚ, ନିର୍ଗୁଣ୍ଡି ପଞ୍ଚାୟତ



■ ଶିଳ୍ପ ଭିତ୍ତିକ ଚିନି କାରଖାନା ପ୍ରତିଷ୍ଠା ପାଇଁ ଆମେ ସାଗ ମାଛ ଦରରେ ଇଡକୋ ହାତରେ ଜମି ଟେକି ଦେଇଥିଲୁ। ଆଇନ ଅନୁଯାୟୀ କୌଣସି ସ୍ଥାନରେ ଅଧିଗ୍ରହଣର ୨୦ ବର୍ଷ ପରେ ଶିଳ୍ପ ପ୍ରତିଷ୍ଠା ନ ହେଲେ ଜମି ଚାଷୀଙ୍କୁ ଫେରାଇବା କଥା। ପ୍ରଶାସନ ତରଫରୁ ଏବେ ସେତକ କରାଯାଉ। ଆମେ ପୁଣି ଟାଙ୍ଗରା ଭୂଇଁରେ ସବୁଜିମା ଭରି ଦେବୁ।

-ମୁକ୍ତିକାନ୍ତ ଜେନା, ସ୍ଥାନୀୟ ଚାଷୀ



■ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ସମସ୍ତ ପ୍ରସ୍ତୁତି ଚାଲିଛି। ଏହାପୂର୍ବରୁ ଯେଉଁ ଜମିରେ ମାମଲା ରହିଛି ସେଗୁଡିକୁ ତୁରନ୍ତ ସମାଧାନ କରାଯିବା ସହିତ ଚାଷୀ ମାନଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରାଯାଉ। ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଜମି ହରାଇଥିବା ପରିବାରବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଉ।

-କମଳଲୋଚନ ନନ୍ଦ, ପ୍ରାକ୍ତନ ସରପଞ୍ଚ, ନଗୁଁଆ



■ ଇଡକୋ ଅଧିକୃତ ଧାମନଗର ଛକରେ ଆଇଓସିଏଲ କମ୍ପାନୀ ପକ୍ଷରୁ ନିଶ୍ଚିତ ଶିଳ୍ପ ପ୍ରତିଷ୍ଠା ହେବ। ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆମେ ଦାବି ଜଣାଇଛୁ। ସାମାନ୍ୟ ବିଳମ୍ବିତ ହୋଇପାରେ କିନ୍ତୁ ନିଶ୍ଚୟ ଆମ ଅଞ୍ଚଳରେ କମ୍ପାନୀ ପ୍ରତିଷ୍ଠା ହେବ ଏଥିରେ ସନ୍ଦେହ ନାହିଁ।

- ବାବାଜିଚରଣ ଜେନା, ସମାଜସେବୀ

## ‘ଭାରତୀୟ ନାରୀ ଆଦର୍ଶର ପ୍ରତୀକ ମା’ ରମାଦେବୀ’



ଭଦ୍ରକ,୨୩।୭(ସମିସ): ଗାନ୍ଧୀ ବାଳାଶ୍ରମ ସଭାଗୃହରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ମା’ରମାଦେବୀଙ୍କ ୪୦ତମ ଶ୍ରାଦ୍ଧୋତ୍ସବ। ପ୍ରାଧାପିକା ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ.ଅଖିଳ ମୋହନ ପାଢ଼ୀ। ଉତ୍ସବର ମୁଖ୍ୟ ଅତିଥି ତ୍ୟାଗ ଭୂମିର ସଭାପତି ଅଜୟ ନାୟକ ମା’ ରମାଦେବୀଙ୍କ ଜୀବନାଦର୍ଶକୁ ଏକ ‘ସ୍ୱୟଂ ଗଠିତ ଶିକ୍ଷା ମନ୍ଦିର’ ବୋଲି କହିଥିବା ବେଳେ ତାଙ୍କୁ ଭାରତୀୟ ନାରୀ ଆଦର୍ଶର ପ୍ରତୀକ ବୋଲି ଅଭିହିତ କରିଥିଲେ ମୁଖ୍ୟବକ୍ତା ସ୍ତମ୍ଭକାର ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତି, କୈଳାଶ ମହାପାତ୍ର, ଶାନ୍ତନୁ କୁମାର ରାଉତ, ବିଦ୍ୟାଧର ବାରିକ, କାଲାମ ଖାନ, ବିଶାଲ ଲଖାନି, ସୁଧାକର ରାଉତ ମା’ ରମାଦେବୀଙ୍କ ତ୍ୟାଗ, ସଂଗ୍ରାମ ଓ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।ଶାନ୍ତି ପ୍ରତିଷ୍ଠାନ ସମ୍ପାଦକ ଆଇନଜୀବୀ ପବନ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଲକ୍ଷ୍ମୀକାନ୍ତ ବାରିକ୍।

## ଭିନ୍ନକ୍ଷମ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ



ଭଦ୍ରକ,୨୩।୭(ସମିସ): ଭଦ୍ରକ ସହର ଉପକଣ୍ଠ ଗେଲପୁରସ୍ଥିତ ସାଇ ସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଜିଲ୍ଲାର ପ୍ରଥମ ଥର ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅତ୍ୟାଧୁନିକ ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସ୍ମାର୍ଟ କ୍ଲାସକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାଶ ଚନ୍ଦ୍ର ନାୟକ ଏବଂ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଡାକ୍ତର ରେବନ୍ତ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ମାନସିକ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କର ମାନସିକ ସ୍ତରରେ କିପରି ଉନ୍ନତ ହୋଇପାରିବ ସେଥିପାଇଁ ଉକ୍ତ ସ୍ମାର୍ଟ କ୍ଲାସ ମାଧ୍ୟମରେ ଜାଣିପାରିବ। ଏଥିପାଇଁ ସେମାନଙ୍କ ମନର ବିକାଶ ମଧ୍ୟ ଘଟିବ। ସେମାନଙ୍କ ପାଇଁ ସମାଜରେ ଠିକ୍ ରୂପେ ବ୍ୟବହାର କରିପାରିବେ। ଉକ୍ତ ଶୁଭ ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡାକ୍ତର ଶରତ କୁମାର ଆଚାର୍ଯ୍ୟ,ସଭାପତି, ଉପସଭାପତି ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରଜନୀ ରାଣୀ ପତି ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଗବତ ସତ୍‌ସଂଘ ପ୍ରତିଷ୍ଠାତାଙ୍କ ସ୍ମୃତିସଭା



ଭଦ୍ରକ,୨୩।୭(ସମିସ): ଭାଗବତ ସତସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବଳରାମ ପାଣିଗ୍ରାହୀଙ୍କ ଆଜି ସକାଳ ୯ଟାରେ ଆବାହକ ଗଙ୍ଗାଧର ରାଉଳଙ୍କ ଆହ୍ୱାନ କ୍ରମେ ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦର କାଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ୪ର୍ଥ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଶ୍ରୀମତ ଭାଗବତରୁ ଏକ ଅଧ୍ୟାୟ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ରାମ ଚନ୍ଦ୍ର ପଣ୍ଡା ପାଠ କରି ତାଙ୍କ ସହ ଜଗନ୍ନାଥ ସଂସ୍କୃତି ସମ୍ବୋନ୍ଧ ବିଷୟରେ ଆଲୋଚନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ମଞ୍ଚ ସଂଯୋଜନାରେ ମୁଖ୍ୟ ବକ୍ତା ଡ଼.ରାଇମୋହନ ମହାପାତ୍ର ସ୍ମୃତି ଚାରଣ ସହ ଜଗନ୍ନାଥ ସଂସ୍କୃତିର ପରମ୍ପରା ଆଧାରିତ ଅନେକ ସଂସ୍କାର ଭିତକ ତଥ୍ୟ ଉପସ୍ଥାପନା କରିଥିଲେ। ଓଲଙ୍ଗ ପଂଚାୟତ ସରପଂଚ ଅକ୍ଷୟ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ ସାହୁ, ଗୋପାଳ ମୁଖି, ନାରାୟଣ ଚନ୍ଦ୍ର ପାଢ଼ୀ, ଅମୀୟ ମହା ପାତ୍ର, କୃଷ୍ଣ ଚନ୍ଦ୍ର ରାଉଳ, ଦୋଳ ଗୋବିନ୍ଦ ଧଳ, ଲକ୍ଷ୍ମୀଧର ସେଠି, କବୟିତ୍ରୀ ଶର୍ମିଷ୍ଠା ପଣ୍ଡା, ବିନୋଦ ମହାନ୍ତି, କାଠିଆ ମହାକୁଡ଼ ପ୍ରମୁଖ ଉପସ୍ଥିତ ସ୍ମୃତି ଚାରଣ କରିଥିଲେ।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସମ୍ମିଳନୀ



ବାସୁଦେବପୁର,୨୩।୭(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବାସୁଦେବପୁର ଶାଖାର ୩ୟ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲ୍ଲା ସମ୍ପାଦିକା ମମତା ଜେନା ପତାକା ଉତ୍ତୋଳନ କରିବା ପରେ ସଭା ଆରମ୍ଭ ହୋଇଥିଲା। ଡଃ. ଲକ୍ଷ୍ମୀ ସେହଗଲଙ୍କ ପୁଣ୍ୟତିଥିରେ ତାଙ୍କ ଫଟୋରେ ପୁଷ୍ପ ପ୍ରଦାନ କରିଥିଲେ। ମମତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜ୍ୟ ସମ୍ପାଦିକା ସୁରାଜିତା ନାୟକ, ଜିଲ୍ଲା ସଭାପତି ପ୍ରଭାତୀ ଜେନା, ସୀତା ଦାଶ ପ୍ରମୁଖ ଯୋଗଦେଇ ମହିଳାଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଯେଉଁଠି ନାରୀର ସୁରକ୍ଷା ନାହିଁ ସେଠାରେ ମହିଳାଙ୍କ ଅଧିକାର କଥା କିଏ ପଚାରେ । ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ସୁରକ୍ଷାକୁ ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ନିର୍ଯାତନା ଓ ବଳଙ୍ଗା ଘଟଣାକୁ ଅନୁଧ୍ୟାନ କଲେ ଓଡିଶାର ନାରୀ ସୁରକ୍ଷାକୁ ନେଇ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ବିଜୟାଲକ୍ଷ୍ମୀ ବାରିକ, ଉପସଭାପତି ମନୋରମା ଜେନା, କନକଲତା ନାୟକ, ସମ୍ପାଦିକା ବାସନ୍ତୀ ବେହେରା, ସହ ସମ୍ପାଦିକା, ବନ୍ଦିତା ସ୍ୱାଇଁ, ଜୟନ୍ତୀ ବାରିକ, କୋଷାଧ୍ୟକ୍ଷ ମାତାଜୀ ଦାସ ସଭ୍ୟା ଜୟନ୍ତୀ ବିଶ୍ୱାଳ, ପୁଷ୍ପାଞ୍ଜଳି ରାୟ, ଅରୁନ୍ଧତୀ ନାୟକ, ଶଶୀକଳା ସାହୁ, ଗୌରୀ ଜେନା, ନିର୍ବାଚିତ ହୋଇଥିଲେ।


## ଅବ୍ୟବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ



ବିଜୁଳି ଗଲେ କାମ ବନ୍ଦ

ବନ୍ତ/ଆଗରପଡ଼ା,୨୩।୭(ସମିସ): ବିଜୁଳି କଟିଲେ ତାର ବିକଳ୍ପର ବ୍ୟବସ୍ଥା ନଥିବାରୁ ସବୁ କାମ ଠପ୍ ହୋଇପଡୁଛି। ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ବର୍ତ୍ତମାନ ସମୟରେ ସମସ୍ତ କାର୍ଯ୍ୟ ଅନଲାଇନ୍ ମାଧ୍ୟମରେ ହେଉଥିବାରୁ ଏହାକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟାଳୟରେ କମ୍ପ୍ୟୁଟର ସହ ଏକ ପ୍ରିଣ୍ଟର ବ୍ୟବସ୍ଥା କରାଯାଇଛି। କିନ୍ତୁ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ବିଜୁଳି କଟିଲେ ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସମସ୍ତ କାମ ଠପ୍ ହୋଇଯାଉଛି। ଉକ୍ତ କାର୍ଯ୍ୟାଳୟ ଅଧୀନରେ ପୁରୁଷଣ୍ଡ, ଗୋପୀନାଥପୁର, ବିଟିପୁର, ବଡ଼ମହିଷଁଗୋଠ, ମହାନ୍ତିପଡ଼ା ଓ ଆଡ଼ିଆ ପଞ୍ଚାୟତର ପ୍ରାୟ ୪୭ଟି ମୌଜା ରହିଥିବା ହେତୁ ବିଭିନ୍ନ କାର୍ଯ୍ୟରେ ଲୋକେ ଆସିଲେ ବିଜୁଳି କଟିଥିଲେ ଦୀର୍ଘ ସମୟ ଧରି ଅପେକ୍ଷା କରୁବାକୁ ପଡୁଛି। ତେଣୁ ଏହାର ବିକଳ୍ପର ଯଥା ଶୀଘ୍ର ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିପରି ଜଣେ ରାଜସ୍ୱ ନିରୀକ୍ଷକଙ୍କ ଭରସାରେ ଉକ୍ତ କାର୍ଯ୍ୟାଳୟ ନିର୍ଭର କରୁଛି। କାର୍ଯ୍ୟାଳୟ କୌଣସି ଅମିନ ବା ପିଅନ ନ ଥିବାରୁ କାର୍ଯ୍ୟାଳୟଟି କେବଳ ରାଜସ୍ୱ ନିରୀକ୍ଷକଙ୍କ ଭରସାରେ ଚାଲୁଛି। ଅପରପକ୍ଷରେ ଏହାର ସୁଯୋଗ କିଛି ଦଲାଲ ନେଉଥିବା ଦେଖାଯାଉଛି। କାର୍ଯ୍ୟାଳୟରେ ସେମାନଙ୍କ ଭୂମିକା କିଛି ନଥିବା ବେଳେ ଉକ୍ତ କାର୍ଯ୍ୟାଳୟରେ ନିଜର ହୁକୁମାତି ଜାହିର କରୁଥିବା ଅଭିଯୋଗ ମଧ୍ୟ ହେଉଛି। କେହି ଅନ୍ୟ କର୍ମଚାରୀ ନଥିବାରୁ କୌଣସି ସରକାରୀ କାର୍ଯ୍ୟରେ ନିରୀକ୍ଷକ ଜଣଙ୍କ ନିୟୋଜିତ ରହିଲେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ବନ୍ଦ ହୋଇପଡୁଛି। ବିଜୁଳି କଟିଲେ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ଖଜଣା, ସାର୍ଟିଫିକେଟ, ଭଉ୍ଚ ଫର୍ମ, ଲିଗାଲ ହେୟାର ପ୍ରକାଶପତ୍ର ଆଦି ପାଇବାକୁ ଏଠାକୁ ଆସିଲେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ନିରାଶ ହୋଇ ଫେରୁଛନ୍ତି। ସ୍କୁଲ କଲେଜରେ ଛାତ୍ରଛାତ୍ରୀଙ୍କ ବୃତ୍ତି ପାଇଁ ଆବଶ୍ୟକ ହେଉଥିବା ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦି ଠିକ୍ ସମୟରେ ମିଳି ପାରୁନଥିବା ଅଭିଯୋଗ ହେଉଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିପଦ ସୃଷ୍ଟି କରୁଛି ଶୁଖିଲା ଗଛଡାଳ



ବନ୍ତ/ଆଗରପଡ଼ା, ୨୩।୭(ସମିସ): ଆଗରପଡ଼ା ମୁଖ୍ୟ ବଜାର ଅଞ୍ଚଳରେ ଥିବା ପୁରୁଣା ଶୁଖିଲା ଗଛ ଡ଼ାଳ ଝୁଲି ରହିଥିବାରୁ ଲୋକେ ଭୟଭୀତ ହୋଇ ଚଳପ୍ରଚଳ କରୁଛନ୍ତି। ସାମାନ୍ୟ ପବନ ହେଲେ ଏହି ଶୁଖିଲା ଡ଼ାଳ ଖସି ପଡ଼ି ଲୋକେ ଖଣ୍ଡିଆ ଖାବରା ହେଉଥିବା ନଜିର ରହିଛି। ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିଯାଏ ଏହାର କୌଣସି ପ୍ରତିକାର କରାଯାଇପାରିନାହିଁ। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଉକ୍ତ ଛକ ଅଞ୍ଚଳରେ ବହୁ ଲୋକଙ୍କ ସମାଗମ ହୋଇଥାଏ। ତେଣୁ କୌଣସି ବଡ଼ ବିପଦ ଘଟିବା ପୂର୍ବରୁ ଶୁଖିଲା ଗଛ ଡ଼ାଳ ପରିଷ୍କାର କରିବାକୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିପୁଳ ପରିମାଣରେ ପୋଚ ନଷ୍ଟ

ତିହିଡ଼ି,୨୩।୭(ସମିସ): ତିହିଡ଼ି ପୁଲିସ ନିୟମିତ ଚଢ଼ଉ କରୁଛି। ହେଲେ ଚୋରା ମଦ ପ୍ରସ୍ତୁତି କମିବାର ନାଁ ଧରୁନି। ମାତ୍ର କେଇ ଦିନ ମଧ୍ୟରେ ତିହିଡ଼ି ପୁଲିସ ପୁଣି ଆଜି ସାଧା ପୋଷାକରେ ପହଞ୍ଚି ଚଢ଼ଉ କରିଛି। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସୂଚନା ଅନୁଯାୟୀ ତିହିଡ଼ି ଥାନା ଆଜି ଥାନାର ପୁଲିସ କର୍ମଚାରୀମାନେ ମିଳିତ ହୋଇ ସାଧା ପୋଷାକରେ ତାଳପଦାରେ ପହଞ୍ଚିଥିଲେ। ରନ୍ଧା ହେଉଥିବା ପୋଚ, ମଦ ପ୍ରସ୍ତୁତି ସରଞ୍ଜାମ ଆଦି ନଷ୍ଟ କରିଦେଇଛନ୍ତି। କିଛି ଦିନ ତଳେ ପୁଲିସ ସାଧା ପୋଷାକରେ ପହଞ୍ଚି ମଦ ଓ ପୋଚ ନଷ୍ଟ କରିଥିଲା।

## ଧାନକ୍ଷେତରୁ ଜଳ ନିଷ୍କାସନ ହେଉନି



ବନ୍ତ/ଆଗରପଡ଼ା,୨୩।୭(ସମିସ): ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଆପ୍ତିରା ଗ୍ରାମସ୍ଥିତ ଶହଶହ ଏକର ଧାନକ୍ଷେତରୁ ଜଳ ନିଷ୍କାସନ ହେଉ ନ ଥିବାରୁ ଚାଷ କରିବା ପାଇଁ ବ୍ୟାଘାତ ସୃଷ୍ଟି ହୋଇଛି। ଫଳରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି। ଏଠାରେ ଅନେକ କ୍ଷେତରେ ଧାନତଳି ପଡ଼ି ପାରିନାହିଁ ପୁଣି ଯେଉଁ କ୍ଷେତରେ ତଳି ରୁଆ ହୋଇଥିଲା ତାହା ପଚିସଢ଼ି ଗଲାଣି। ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଳୀ ମାଇନରରୁ କାଡ଼ାନାଳ ସାହାଯ୍ୟରେ କ୍ଷେତକୁ ପାଣି ଯୋଗାଣ ହୋଇଥାଏ। ଉପରମୁଣ୍ଡରୁ ଅହରହ ବର୍ଷାପାଣି ନିର୍ଗତ ଏଠାକୁ ହେଉଛି, ମାତ୍ର ଏଠାରେ ପାଣି ନିଷ୍କାସନ ଠିକ୍ ଭାବେ ହେଉ ନ ଥିବାରୁ କ୍ଷେତରେ ଆଣ୍ଠୁଏ ଲେଖାଁଏ ପାଣି ଜମି ରହିଛି। ଯାହାକି ଚାଷୀଙ୍କ ପାଇଁ କାଳ ସାଜିଛି। ପାଣି ନିଷ୍କାସନ ପାଇଁ ସୁବ୍ୟବସ୍ଥା କରିବାକୁ ମାୟାଧର ପାଢ଼ି, ସୁରେଶ ଭାରତୀ, ଶତ୍ରୁଘ୍ନ ପୁରି, ବିନୋଦ ଭାରତୀ, ନୃସିଂହ ପୁରି, ମଣିଭଦ୍ର ଶଙ୍ଖୁଆ, ସନ୍ତୋଷ ପାଢ଼ି ପ୍ରମୁଖ ଦାବି କରିଛନ୍ତି।

### ଭାରତୀୟ ମଜଦୁର ସଂଘର ୭୦ତମ ବର୍ଷ ପୂର୍ତ୍ତି ପାଳନ

# ବିଏମ୍‌ଏସ୍ ସଂଘ ନୁହେଁ; ମଜଦୂରଙ୍କ ହକ୍ ପାଇଁ ଲଢ଼େଇର ମାଧ୍ୟମ





ଭଦ୍ରକ,୨୩।୭(ସମିସ)

ଭାରତୀୟ ମଜଦୁର ସଂଘର ସ୍ଥାପନା ହେବାର ମୂଳ ଲକ୍ଷ୍ୟ ଶ୍ରମିକଙ୍କ ହିତ ସାଧନ। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି। ଆଗାମୀ ଦିନରେ ମଧ୍ୟ କରି ଚାଲିଥିବ। ଏହି ଲଢ଼େଇର ଫଳ ମଜଦୂରଙ୍କ ମୁହଁରେ ହସ ଫୁଟାଇଥାଏ ବୋଲି ଭାରତୀୟ ମଜଦୁର ସଂଘର ୭୦ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍‌ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୂର ସଂଘ ଆନ୍ଦୋଳନରତ। ଦେଶର ସର୍ବବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି। ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲିପ ରାଉତରାଏ, ମଣ୍ଡଳ ଶ୍ରମ ଆୟୁକ୍ତ ଶଚ୍ଚିଦାନନ୍ଦ ଜେନା, ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ତଥା ମୁଖ୍ୟବକ୍ତା ଶାନ୍ତନୁ କୁମାର ମହାପାତ୍ର, ଅଖିଳ ଭାରତ ମଧ୍ୟାହ୍ନ ଭୋଜନ କର୍ମଚାରୀ ସଂଘର ଉପସଭାପତି ମୁକ୍ତିକାନ୍ତ ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବସନ୍ତରାୟ ସଭାରେ ସଭାପତିତ୍ୱ କରିଥିଲେ। ଆଶାକର୍ମୀ ସଂଘ ଜିଲ୍ଲା ସମ୍ପାଦିକା ସଞ୍ଜୁଲତା ରାଉତ, ପ୍ରଭାସିନୀ ଦାସ, କନକ ବିଶ୍ୱାଳ ଶ୍ରମିକ ସଂଗୀତ ଗାନ କରିଥିଲେ। ବିଏମ୍‌ଏସ୍ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି ସଂଘର ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ପହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଂଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

● ପୋଖରୀରେ ବୁଡ଼ି ଜଣେ ମୃତ

## ସାଇକଲରୁ ଖସି ପଡ଼ି ବୃଦ୍ଧ ମୃତ

ତିହିଡ଼ି,୨୩।୭ (ନିପ୍ର) ତିହିଡ଼ି ଥାନା ଅଧୀନ ଦୁଇ ପୃଥକ ପୃଥକ ସ୍ଥାନରେ ଦୁଇଟି ଅପମୃତ୍ୟୁ ଘଟଣା ଘଟିଛି। ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତିହିଡ଼ି ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତିହିଡ଼ି ମିର୍ଜାପୁର ଗ୍ରାମର ଯୁଧିଷ୍ଠିର ଦାସ (୭୦) ଗତକାଲି ବିଲରେ ଘାସ କାଟି ଘରେ ରଖି ସନ୍ଧ୍ୟାରେ ସାଇକଲରେ ତିହିଡ଼ି ବଜାର ଆସିଥିଲେ। ତେବେ ଆସୁଥିବା ସମୟରେ ତିହିଡ଼ି ପ୍ରାଣୀ ଚିକିତ୍ସାଳୟ ନିକଟରେ ସାଇକଲରୁ ଓହ୍ଲାଇ ପଡ଼ିଥିଲେ ଓ ପଡ଼ିଯାଇଥିଲେ। ଲୋକେ ତାଙ୍କୁ ଡାକ୍ତରଖାନା ନେଇଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେହିପରି ତିହିଡ଼ି ପ୍ରଧାନ ସାହିର ସ୍ୱର୍ଗତ ରବୀନ୍ଦ୍ର ସାହୁଙ୍କ ପୁଅ ସଂଜୟ ସାହୁ ଓରଫ ବାୟା (୪୦) ଆଜି ପୋଖରୀରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ନିଶ୍ଚିନ୍ତପୁରରେ କାମ କରି ପୋଖରୀରେ ଧୁଆଧୋଇ ହେଉଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଏ ନେଇ ଆଉ ଏକ ମାମଲା ରୁଜୁ ହୋଇଛି। ସୂଚନା ଯୋଗ୍ୟ, ଗତକାଲି ଅପରାହ୍ନରେ ଜଣେ ୫ ବର୍ଷ ବାଳକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିଲା। ଆଜି ୩ ଗୋଟି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।

## ଜବତ ଟଙ୍କା ଫେରାଇଲେ ତଦନ୍ତକାରୀ ଏସ୍‌ଆଇ

ଭଣ୍ଡାରିପୋଖରୀ,୨୩।୭ (ସମିସ): ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ଓ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ବେଣୀପୁର ସଶସ୍ତ୍ର ଡକାୟତି ମାମଲାରେ ଜବତ ହୋଇଥିବା ଟଙ୍କା ମଧ୍ୟରୁ ଅବଶିଷ୍ଟ ୧୨ ହଜାର ଟଙ୍କା ତଦନ୍ତକାରୀ ଅଧିକାରୀ ତଥା ଥାନାର ତତ୍‌କାଳୀନ ସବ ଇନ୍ସପେକ୍ଟର ମହାପ୍ରସାଦ ନାୟକ ବୁଧବାର ଅଭିଯୋଗକାରୀ ଶରତ ଚନ୍ଦ୍ର ସାହୁଙ୍କୁ ଭଣ୍ଡାରିପୋଖରୀ ଥାନା ପରିସରରେ ଫେରସ୍ତ ଦେଇଛନ୍ତି। ପୂର୍ବରୁ ଫେରସ୍ତ ଦେଇଥିବା ୨୦ ହଜାର ଟଙ୍କା ଅତିରିକ୍ତ ଏହି ଟଙ୍କା ଫେରସ୍ତ ହୋଇଛି। ଲୁଟ ହୋଇଥିବା ୪୫ ହଜାର ଟଙ୍କା ମଧ୍ୟରୁ କୁଆଡେ ୪୩ ହଜାର ଟଙ୍କା ଜବତ ହୋଇଥିଲା। ସେଥିମଧ୍ୟରୁ ୧୧ ହଜାର ଟଙ୍କା ଅନ୍ୟତ୍ର ଫେରସ୍ତ ହୋଇଥିଲା ବୋଲି ସିଡିରେ ଉଲ୍ଲେଖ ଥିବା ସମ୍ପର୍କରେ ପୂର୍ବତନ ତଦନ୍ତକାରୀ ଅଧିକାରୀ ଶ୍ରୀ ନାୟକ ଶରତ ସାହୁଙ୍କୁ ବୁଝାଇଥିଲେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଧାନ ତଳି ଫାଟି ଆଁ



ବାରିକପୁର,୨୩।୭ (ସମିସ): ଖରିଫ ଧାନ ଚାଷ ପାଇଁ ଚାଷୀ ମାନେ ଏବେ ଜମି ବେଉଷଣ କାର୍ଯ୍ୟ ସହ ତଳି ପକାଇବା କାମ ଏକପ୍ରକାର ଶେଷ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପଡ଼ିଥିବା ଧାନ ତଳି ଫାଟି ଏବେ ଆଁ କଲାଣି। ୪/୫ ଦିନ ହେବ ପ୍ରବଳ ଖରା ସାଙ୍ଗକୁ ବର୍ଷା ନଥିବାରୁ ଧାନ ତଳି ଗୁଡିକ ଫାଟି ଯାଇଥିବା ଦେଖାଯାଇଛି। ଯଦିଓ କେନାଲରେ ପାଣି ଆସିଛି କିନ୍ତୁ ଏହା ଶେଷ ମୁଣ୍ଡ ଯାଏଁ ଯାଇପାରୁନାହିଁ। ଫଳରେ ଶେଷ ମୁଣ୍ଡ ଚାଷୀ ମାନଙ୍କୁ ଜଳାଭାବ କଷ୍ଟ ଦେଉଛି। ବ୍ଲକର ରାଢ଼ୋ, ମାଳଦା, କଣ୍ଟି, ପୁରସ୍ତମପୁର, ଜୟପୁର, ବିମ୍ବଳବର, କୋଟସିରା ପ୍ରମୁଖ ସ୍ଥାନରେ କେନାଲ ପାଣି ସଠିକ ଭାବେ ପହଞ୍ଚି ପାରୁନାହିଁ। ଏପରିକି କେତେକ ମାଇନର ଓ ସବ ମାଇନର ଘାସ ଲତାରେ ପରିପୂର୍ଣ୍ଣ ହୋଇଥିବାଯୋଗୁ ପାଣି ଯିବାପାଇଁ ବାଧା ସୃଷ୍ଟି ହେଉଛି। ତେଣୁ ସଦ୍ୟ ପଡ଼ିଥିବା ଧାନ ତଳି ସହିତ ରୁଆ ଉପଯୋଗୀ ହୋଇଥିବା ତଳି ମଧ୍ୟ ଫାଟି ଗଲାଣି। ଏଣୁ ଜଳସମ୍ପଦ ବିଭାଗ କେନାଲର ପାଣି ସଠିକ ଭାବେ ସୁପରିଚାଳନା କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

ଅନ୍ଧାରରେ ଭିନ୍ନକ୍ଷମଙ୍କ ପରିବାର

# ବିଜୁ ସ୍ୱାସ୍ଥ୍ୟକାର୍ଡ ଅକାମୀ ହେବା ପରେ ଅଟକିଲା ଚିକିତ୍ସା

ଭଦ୍ରକ,୨୩।୭ (ସମିସ)

ଗରିବ ଓ ଅସହାୟ ଲୋକ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ପ୍ରଣୟନ କରିଛନ୍ତି ଭିନ୍ନ ଭିନ୍ନ ଯୋଜନା। ବିଭିନ୍ନ ଜନକଲ୍ୟାଣ ଯୋଜନା ମାଧ୍ୟମରେ ବହୁ ଲୋକ ଉପକୃତ ହେଉଥିବା ବେଳେ ଏଥିରୁ ବାଦ ପଡିଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗାଁର ଗୋଟିଏ ପରିବାର। ଉକ୍ତ ଗାଁର ଆନନ୍ଦ ଜେନା ରାଜମିସ୍ତ୍ରି ଭାବେ କାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ଆନନ୍ଦଙ୍କ ସହ ତାଙ୍କର ସ୍ତ୍ରୀ ଓ ୩ ଝିଅ। ରାଜମିସ୍ତ୍ରି ଭାବେ କାର୍ଯ୍ୟ କରି ସୁରୁଖୁରୁରେ ପରିବାର ଚଳାଇ ଆସୁଥିଲେ। ମାତ୍ର ବିଧିର ବିଧାନ କିନ୍ତୁ ଥିଲା ଅଲଗା। ଭୁବନେଶ୍ୱରରେ ଏକ କନଷ୍ଟ୍ରକସନ କମ୍ପାନୀରେ କାମ କରୁଥିବା ବେଳେ ଚଳିତ ବର୍ଷ ଜାନୁଆରୀ ମାସରେ ଏକ ଦୁଇ ମହଲା କୋଠାରୁ ତଳକୁ ଖସି ପଡ଼ିଥିଲେ। ଫଳରେ ମେରୁଦଣ୍ଡ ସହ କଟି ହାଡ଼ ଭାଙ୍ଗି ଯାଇଥିଲା। ଡାକ୍ତରଖାନାରେ ପଡି ରହି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହେଉଥିଲେ; ମାତ୍ର ବିଜୁ ସ୍ୱାସ୍ଥ୍ୟ କାର୍ଡ ଅକାମୀ ହେଲା ପରେ ଆଉ ଚିକିତ୍ସା ହୋଇ ପାରିଲେନି ଆନନ୍ଦ। ଏପଟେ ଇ-କେୱାଇସି କରି ନ ଥିବାରୁ ନିଜ ଭାଇ ପରିବାରର ରାସନ କାର୍ଡ ସହ ସଂଯୋଗ ଥିବା ନାମ ବି କଟିଗଲା। ଫଳରେ ଅଧାରୁ ଅଟକିଲା ଚିକିତ୍ସା। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଘରକୁ ଫେରି ଆସିଲେ। ଆଉ ସେହି ଦିନ ଠାରୁ ବିଛଣାରେ ପଡି ରହି ଛଟପଟ ହେଉଛନ୍ତି ଆନନ୍ଦ। ଶରୀରର ଅଧା ଅଂଶ ଅକାମି ହୋଇ ଯାଇଥିବାରୁ ଆନନ୍ଦଜୀବନ ମରଣ ସହ ସଂଘର୍ଷ କରୁଛନ୍ତି ବୋଲି ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ଜେନା କାନ୍ଦି କାନ୍ଦି କହିଛନ୍ତି। ଆନନ୍ଦ ଶଯ୍ୟାଶାୟୀ ହେବା ଦିନଠାରୁ ପରିବାରରେ ଖେଳିଯାଇଛି ବିଷାଦ। ତିନି ଝିଅ ଓ ରୋଗିଣା ସ୍ୱାମୀଙ୍କ ପାଇଁ ବାର ଦୁଆରେ ହାତ ପାତୁଛନ୍ତି ସ୍ତ୍ରୀ ଲାକ୍ଷ୍ମୀପ୍ରିୟା। ୫ଜଣ ସଦସ୍ୟ ଥିବା ଏହି ଅସହାୟ ପରିବାରର ନାହିଁ ରାସନ କାର୍ଡ। ତା ସହିତ ଆନ୍ଦନ ୮୦ ଭାଗରୁ ଉର୍ଦ୍ଧ୍ୱ ଶାରୀରିକ ଅକ୍ଷମ ପ୍ରମାଣପତ୍ର ଥିବା ସତ୍ତ୍ୱେ ବି ମିଳୁନି ଭିନ୍ନକ୍ଷମ ଭତ୍ତା। ପ୍ରତିଦିନ ଆନନ୍ଦଙ୍କ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ପଡୁଥିବା ବେଳେ ହାତରେ ଗୋଟିଏ ଟଙ୍କା ନାହିଁ। ଅନ୍ୟପଟେ ତିନି ତିନିଟା ଝିଅଙ୍କର ପାଠପଢ଼ା ସାଙ୍ଗକୁ ତୁଣ୍ଡକୁ ଦୁଇମୁଠା ଦାନା ଦେବା ବି କଷ୍ଟକର ହୋଇପଡ଼ିଛି ବୋଲି ଗ୍ରାମବାସୀ-ଧନେଶ୍ୱର ଜେନା, ଦୀନବନ୍ଧୁ ଜେନା ଅଭିଯୋଗ କରିଛନ୍ତି।

ଇ-କେୱାଇସି କରି ନ ଥିବାରୁ କଟିଲା ରାସନ କାର୍ଡ



କାଉଡ଼ିଆଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳ ତତ୍ପର

## ସୋମବାର ସୁଦ୍ଧା ଲାଗିବ ତାର ଜାଲି ବ୍ୟାରିକେଡ୍

ଅସୁରାଳି,୨୩।୭ (ସମିସ): କାଉଡ଼ିଆଙ୍କୁ ସୁରକ୍ଷା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି ଜିଲ୍ଲାପାଳ। ନଦୀ ଘାଟରେ ତାର ଜାଲି ଲଗାଇବା ସହ ଓଡ୍ରାଫ୍ ଟିମ୍ ଜରୁରୀ ହେଲେ ମୁତୟନ ହେଲେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଦୈନିକ "ସକାଳ'ରେ କୁମ୍ଭୀର ପ୍ରବଣ ନଦୀରୁ କାଉଡ଼ିଆଙ୍କ ବିପଦ ସଙ୍କୁଳ ଅବସ୍ଥାରେ ଜଳ ଭାର ଉଠାଇବା ବିଷୟରେ ପ୍ରକାଶିତ ହେବା ପରେ ଜିଲ୍ଲାପାଳ ତତ୍ପର ହୋଇ ଉଠିଛନ୍ତି। ନଦୀର ବିଭିନ୍ନ କୁମ୍ଭୀର ପ୍ରବଣ ଅଞ୍ଚଳରେ ତାର ଜାଲି ବ୍ୟାରିକେଡ ବ୍ୟବସ୍ଥା କରିବା ସହ ସମସ୍ତ ନଦୀରେ ବଢୁଥିବା ଜଳସ୍ତରକୁ ଦେଖି ଓଡ୍ରାଫ ଟିମ୍ ମୁତୟନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଭଦ୍ରକ ଜିଲ୍ଲାରେ ପ୍ରତିବର୍ଷ ଶ୍ରାବଣ ମାସରେ ଅନୁଷ୍ଠିତ କାଉଡ଼ିଆ ଯାତ୍ରା ଓ ଜଳାଭିଷେକ ଉପଲକ୍ଷରେ ଭଦ୍ରକ ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଶ୍ରଦ୍ଧାଳୁମାନେ ବୈତରଣୀ ସମେତ ଅନ୍ୟ ନଦୀ ଘାଟରୁ ଜଳ ଉଠାଇଥାନ୍ତି। ମାତ୍ର ଜଳ ଭାର ଉଠାଇବା ସମୟରେ କୁମ୍ଭୀର ଆକ୍ରମଣର ପ୍ରତିବର୍ଷ କେହି ନା କେହି ଶିକାର ହୋଇଥାନ୍ତି। ଗାନ୍ଧିଘାଟ, ସାହୁ ସାହି, ସୁନ୍ଦରପୁରଦୋହରା ପାଟଣା, ଶାଠୀ ବାଙ୍କୁଡ଼ା ଆଦି ସ୍ଥାନରେ ବିପଦ ସଙ୍କୁଳ ଅବସ୍ଥାରେ କାଉଡ଼ିଆ ମାନେ ଜଳଭାର ଉଠାଉଛନ୍ତି। ପ୍ରଥମତଃ ଏହା କୁମ୍ଭୀର ପ୍ରବଣ ଅଞ୍ଚଳ, ଦ୍ୱିତୀୟରେ ଶ୍ରାବଣ ସମୟରେ ଜଳସ୍ତର ଅଧିକ ଥିବା ଯୋଗୁଁ କାଉଡ଼ିଆମାନଙ୍କୁ ଜଳଭାର ଉଠାଇବାରେ ଅତି କଷ୍ଟ ହୋଇଥାଏ। ଭାରା ଦେବା ପାଇଁ କିଛିର ବ୍ୟବସ୍ଥା ନାହିଁ କି କୁମ୍ଭୀରମାନଙ୍କ ଠାରୁ ସୁରକ୍ଷା ନିମିତ୍ତ ତାରଜାଲି ନାହିଁ। ବହୁ ଥର ଦାବି କରିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ମାତ୍ର ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥାନୀୟ ବାସିନ୍ଦା ଆଶ୍ୱସ୍ତ ହୋଇଛନ୍ତି। ଆଗାମୀ ଦିନ ମାନଙ୍କରେ ଆହୁରି ଶ୍ରଦ୍ଧାଳୁ ଭିଡ ଲାଗିବ। ଏହି ସମସ୍ୟା ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୋମବାର ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପାଦିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



## ଆଲୋକ ଖୋଜୁଛି ଆଲୋକୀକରଣ ଯୋଜନା

ବନ୍ତ/ଆଗରପଡ଼ା,୨୩।୭ (ସମିସ): ବନ୍ତ ବ୍ଲକର ଆଦର୍ଶ ପୋଷ୍ୟଗ୍ରାମ ପୁରୁଷଣ୍ଡ ପଞ୍ଚାୟତରେ ଲାଗିଥିବା ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ଗତ ୨୦୧୬ ମସିହା ଡିସେମ୍ବର ୨୧ ତାରିଖରେ ପୂର୍ବତନ ସାଂସଦଙ୍କ ହାତ ପାଣ୍ଠି ଅର୍ଥରେ ଲୋକାର୍ପିତ ହୋଇଥିଲା ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୩ ଗୋଟି ଆଲୋକ ସ୍ତମ୍ଭ ଲୋକାର୍ପଣ କରାଯାଇଥିଲା। ଆଉ କିଛି ମାସ ପରେ ଉକ୍ତ ଯୋଜନାକୁ ୯ ବର୍ଷ ପୂରିବ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ଏହି ଆଲୋକ ସ୍ତମ୍ଭରୁ ହାତଗଣତି କିଛି ସ୍ତମ୍ଭକୁ ଛାଡ଼ି ଦେଲେ ଆଉ ସବୁ ସ୍ତମ୍ଭ ଅକାମି ହୋଇ ଯାଇଥିଲା। ଫଳରେ ଅନ୍ଧାରରେ ବୁଡ଼ି ରହିଥିବା ସାଂସଦଙ୍କ ପୋଷ୍ୟଗ୍ରାମ ପୁରୁଷଣ୍ଡ ଆଲୋକ ଖୋଜିବାରେ ଲାଗିଥିବା ବେଳେ ତତ୍କାଳୀନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଚେଷ୍ଟାରେ ନିଜସ୍ୱ ପାଣ୍ଠିରୁ ୨୦୨୧-୨୨ ଆର୍ଥିକ ବର୍ଷରେ ମହତାବ ଛକ ଠାରୁ କୁପାରୀ ରାସ୍ତା ପର୍ଯ୍ୟନ୍ତ ୬ଲକ୍ଷ, ସିଟି ସ୍କୁଲ ଠାରୁ କେସିଭିଏମ ହାଇସ୍କୁଲ ପର୍ଯ୍ୟନ୍ତ ସାଢେ ୬ଲକ୍ଷ ଓ କେସିଭିଏମ ହାଇସ୍କୁଲ ଠାରୁ କୁପାରୀ ଛକ ପର୍ଯ୍ୟନ୍ତ ସାଢେ ୬ ଲକ୍ଷଟଙ୍କା ଏହିପରି ୧୯ ଲକ୍ଷ ଟଙ୍କା ଖର୍ଚ୍ଚରେ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିଲା। ଗତ ୨୦୨୩ ଜାନୁଆରୀ ୧୭ ତାରିଖରେ ଏହାର ଶୁଭାରମ୍ଭ ବିଧାୟକଙ୍କ ଉପସ୍ଥିତିରେ ହୋଇଥିଲା। ଉକ୍ତ ବ୍ୟବସ୍ଥାକୁ ଅଢ଼େଇ ବର୍ଷ ବିତି ଯାଇଥିବା ବେଳେ ବହୁ ସ୍ଥାନରେ ଏହାର ବ୍ୟବସ୍ଥା କରାଯାଇନାହିଁ। ଅନେକ ସ୍ଥାନରେ ଲାଗିଥିବା ଆଲୋକ ସ୍ତମ୍ଭ ଅକାମୀ ହେବାକୁ ବସିଲାଣି। ତେଣୁ ସ୍ୱର୍ଗତ ସାଂସଦଙ୍କ ପାଣ୍ଠିରୁ ୯୦ଲକ୍ଷ ବ୍ୟୟ ଅଟକଳରେ ଲୋକାର୍ପିତ ଆଲୋକ ସ୍ତମ୍ଭ ଓ ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା ସଂପୂର୍ଣ୍ଣ ରୂପେ ଫେଲ ମାରିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅଣଦେଖାରୁ ତତ୍କାଳୀନ ବିଧାୟକଙ୍କ ପାଣ୍ଠିରୁ ୧୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ବ୍ୟବସ୍ଥାର ସଫଳ ରୂପାୟନ ହୋଇନପାରିବା ବିଭାଗୀୟ ଅଧିକାରଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ଯୋଜନାକୁ ପ୍ରହସନରେ ପରିଣତ ନକରି ବିଭାଗୀୟ ଅଧିକାରୀ ଏହାର ସଫଳ ରୂପାୟନ ପ୍ରତି ଚେଷ୍ଟିତ ହେବାକୁ ପଞ୍ଚାୟତବାସୀଙ୍କ ସମେତ ବିଭିନ୍ନ ମହଲରୁ ଦାବି ହେଉଛି।




## ୨୫ରୁ ଧାମରା ବନ୍ଦରକୁ ଗାଡ଼ି ଚଳାଚଳ ବନ୍ଦ

ବାସୁଦେବପୁର,୨୩।୭ (ସମିସ): ପ୍ରତିଦିନ ରାସ୍ତାର ଗଡୁଛି ମୁଣ୍ଡ। ଛୋଟରୁ ବଡ ଦୁର୍ଘଟଣାରେ ଗୋଡ ହାତ ହରାଇ ଜୀବନ କାଟୁଛନ୍ତି ଭେଣ୍ଡିଆ ଟୋକା। ଧାମରା-ଜାମୁଝାଡି ରାସ୍ତାର ପ୍ରଶସ୍ତୀକରଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ବାଇପାସ ରୋଡ ପାଇଁ ହୋଇ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ଶୁଣୁ ନାହାନ୍ତି। ଆଦାନୀ ପୋର୍ଟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଠାରେ ଗୁହାରି କଲେ ମଧ୍ୟ କେହି ଶୁଣିଲେ ନାହିଁ। ବାଧ୍ୟ ହୋଇ ଆସନ୍ତା ୨୫ ତାରିଖ ଶୁକ୍ରବାର ସକାଳ ଠାରୁ ଆଦାନୀ ପୋର୍ଟକୁ ଯାଉଥିବା ସମସ୍ତ ଗାଡି ଚଳାଚଳକୁ ବନ୍ଦ କରାଯିବ ବୋଲି ଆଜି ବାସୁଦେବପୁର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ କୁମାର ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଦୀର୍ଘ ଦିନ ଧରି କଂଗ୍ରେସ ପକ୍ଷରୁ ଧାମରା ବନ୍ଦର ବାସୁଦେବପୁର ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଅ। ବାସୁଦେବପୁର ଅଞ୍ଚଳର ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ବନ୍ଦ ଡାକରା ଦିଆ ଯାଇଛି ବୋଲି ପୂର୍ବତନ ସମିତିସଭ୍ୟ ପ୍ରଭାତ କୁମାର ବାରିକ କହିଥିଲେ। ବାଲିମୁଣ୍ଡା ଓ ବାସୁଦେବପୁରଠାରେ ଧାମରା ବନ୍ଦରକୁ ଯାଉଥିବା ଗାଡି ଚଳାଚଳ ବନ୍ଦ ରହିବ। ଯେପର୍ଯ୍ୟନ୍ତ ଦାବୀ ପୂରଣ ନ ହୋଇଛି କିମ୍ବା ବନ୍ଦର ଅଧିକାରୀ, ଜିଲ୍ଲା ପ୍ରଶାସନ ଆଲୋଚନାକୁ ନ ଆସିଛନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି। ଯୁବ କଂଗ୍ରେସ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରିଆ, ବେଣୁଧର ନାୟକ, ରମେଶ ଚନ୍ଦ୍ର ଚଣ୍ଡ ଉପସ୍ଥିତ ଥିଲେ।




## ୩ ଏସ୍‌ଆଇଙ୍କ କାର୍ଯ୍ୟରେ ଯୋଗଦାନ

ବାରିକପୁର,୨୩।୭ (ସମିସ): ଭଣ୍ଡାରିପୋଖରୀ ଥାନାରେ କାର୍ଯ୍ୟରତ ୩ ଏସଆଇଙ୍କର ବଦଳି ହୋଇଥିଲା। ଇତିମଧ୍ୟରେ ସେମାନଙ୍କୁ କାର୍ଯ୍ୟରୁ ଅପସାରଣ କରାଯାଇଛି। ତାଙ୍କ ସ୍ଥାନରେ ତିନିଜଣ ନୂତନ ସହକାରୀ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସଆଇ ସ୍ୱାଧୀନ ସାହୁ, ଦେବିକା ରାଣୀ ରାଉତ ଓ ଚମ୍ପାବତୀ ମାରାଣ୍ଡି କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି।

## ରାସ୍ତା କାମରେ ଚାନ୍ଦା ଅଭିଯୋଗ

ହାଟଡ଼ିହୀ, ୨୩।୭ (ସମିସ): ଓରାଳି ଶାଳଣିଆଁ ରାସ୍ତା କାମ କରୁଥିବା ଠିକାଦାରଙ୍କୁ ଚାନ୍ଦା ମାଗିବା ଅଭିଯୋଗ ହୋଇଛି। ଓରାଳି ଶାଳଣିଆଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଲୋକେ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ବାରମ୍ବାର ଅଭିଯୋଗ ହେବା ପରେ ସରକାରଙ୍କ ପକ୍ଷରୁ ପୂର୍ତ୍ତବିଭାଗ ଅଧୀନରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହାଇଛି। ଟେଣ୍ଡର ପାଇଥିବା ଠିକାଦାର ଏବେ ରାସ୍ତାକାମ କରୁଥିବା ସମୟରେ କିଛି ବ୍ୟକ୍ତି ସେଠାରେ ପହଞ୍ଚି ୫ଲକ୍ଷ ଟଙ୍କା ଚାନ୍ଦା ଦେଲେ କାମ କରିବ ନଚେତ୍ ପଳାଅ ବୋଲି ଧମକ ଦେଇଥିଲେ। ଫଳରେ କାମ କରୁଥିବା ଶ୍ରମିକ, ସୁପରଭାଇଜର ଭୟଭୀତ ହୋଇ ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିଲେ। ଏନେଇ ଠିକାଦାର ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ସଂପୃକ୍ତ ବ୍ୟକ୍ତିଙ୍କୁ ଡକାଇ ଚେତାବନୀ ଦେଇଛି।

ତିନି ବିଦ୍ୟାଳୟରେ ଖୋଲିବ ଯୁକ୍ତ ଦୁଇ

# ସ୍କୁଲରେ ବିଜେପିର ପ୍ରଚାରକୁ ବିଜେଡିର ବିରୋଧ

ଧାମନଗର,୨୩।୭ (ସମିସ)

ଧାମନଗର ବ୍ଲକ ଅଞ୍ଚଳରେ ୩ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଞ୍ଜୁରୀ ଦେଇଛି। ଫଳରେ ଏହି ତିନୋଟି ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠିରୁ ସୂଚନା ମିଳିଛି। ଏହି ଚିଠିରେ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲ, ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ହାଇସ୍କୁଲ ଓ ସୋହଡ଼ା ପଞ୍ଚାୟତର ବାଲିପଡ଼ାସ୍ଥିତ ବୈତରଣୀ ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବ। ଏହାଦ୍ୱାରା ପ୍ରଥମରୁ ଦ୍ୱାଦଶ ଯାଏ ଶ୍ରେଣୀ ରହିଲେ ଏହା ଏକୀକୃତ ପରିଚାଳନାରେ ରହିବ। ଏହି ଘୋଷଣା ପରେ ଧାମନଗର ବିଜେପି ପକ୍ଷରୁ ବିଦ୍ୟାଳୟ କ୍ୟାମ୍ପସ ଭିତରେ ଦଳୀୟ ବ୍ୟାନର ଲଗାଇ ଗ୍ରାମୀଣ ମଣ୍ଡଳ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପାଇଁ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଇନ୍ଦ୍ରଗୋବିନ୍ଦ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଖଗେଶ୍ୱର ଯେନା, ସହକାରୀ ଶିକ୍ଷୟିତ୍ରୀ ମମତା ବେହେରାଙ୍କ ସମେତ ଅନ୍ୟ ସହଯୋଗୀ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। +୨ ଖୋଲିବା କ୍ଷେତ୍ରରେ ଦଳୀୟ ପ୍ରଚାରକୁ ଧାମନଗର ବିଜୁ ଜନତା ଦଳ ସାମ୍ବାଦିକ ସମ୍ମିଳନୀରେ ଘୋର ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ ଧାମନଗର ପୂର୍ତ୍ତ ବଙ୍ଗଳା ପରିସରରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦାପ୍ରସନ୍ନ ସାହୁ, ନଗର ବିଜେଡି ସଭାପତି ବିଜୟ କେତନ ସାହୁ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥାଇ ବିଦ୍ୟାଳୟରେ ବିଜେପିର ଦଳୀୟ ପ୍ରଚାରକୁ ବିରୋଧ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ଦାବି କରିଛନ୍ତି। ପ୍ରକାଶ ଥାଉକି ପୂର୍ବ ସରକାର ସମୟରେ ଧାମନଗର ବ୍ଲକରେ ୫୨ଗୋଟି ହାଇସ୍କୁଲକୁ '୫-ଟି'ରେ ଅନ୍ତର୍ଭୁକ୍ତ କରାଯାଇ +୨ ପାଠ୍ୟକ୍ରମ ଖୋଲାହେବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା। ଏ ନେଇ ଚିଠି ନଂ. ୨୭୨୭/୨୩ ତା.୨୮-୧୧-୨୦୨୩ରେ ଜିଲ୍ଲାପାଳମାନଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ବାହାବା ନେବା ପାଇଁ ତାଙ୍କ ଦଳର କିଛି କର୍ମୀମାନଙ୍କୁ ଲଗାଇ ସେହି ସ୍କୁଲ ପରିସରରେ ଦଳୀୟ ପତାକା ଲଗାଇ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି। ବର୍ତ୍ତମାନ ବିଜେପି ନେତା କହୁଛନ୍ତି ଆମ ସରକାର ସମୟରେ ହୋଇଅଛି। ଏହା ଠାରୁ ଦୁଃଖ ଓ ପରିତାପର ବିଷୟ ବୋଲି ବିଜେଡି କହିଛି।



## ସେତୁ ସଂଯୋଗୀ ରାସ୍ତାରେ ଫାଟ

ବାରିକପୁର,୨୩।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିରୋଳି ଶାସନ ଦେଇଯାଇଥିବା କଟିଂନାଳ ଉପରେ ଏକ ନୂଆ ସେତୁ ନିର୍ମାଣ ହୋଇଛି। ଏଠାରେ ଏକ ପୁରାତନ ସେତୁ ଦୀର୍ଘ ବର୍ଷ ହେବ ରହିଥିବା ବେଳେ ସାମାନ୍ୟ ବନ୍ୟା ଆସିଲେ ଏହା ବୁଡି ଯାଉଥିଲା। ତେଣୁ ଗ୍ରାମବାସୀ ବର୍ଷା ଦିନରେ ପ୍ରାୟତଃ ବାହ୍ୟଜଗତରୁ ବିଚ୍ଛିନ୍ନ ହେଉଥିଲେ। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ପୁରୁଣା ପୋଲକୁ ଲାଗି ଉପର ପାର୍ଶ୍ୱରେ ଏକ ନୂତନ ସେତୁ ନିର୍ମିତ ହୋଇଛି। ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମିତ ହୋଇଥିବାବେଳେ ଏହାର ଦୁଇ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତାର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏବେ ରାସ୍ତାର ଗୋଟିଏ ପାର୍ଶ୍ୱରେ କିଛି ଅଂଶ ଫାଟ ସୃଷ୍ଟି ହୋଇଛି। ସେତୁକୁ ଲାଗି ରାସ୍ତା ଫାଟିଥିବା ବେଳେ ଏହା ଦିନକୁ ଦିନ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ଉପର ନିର୍ମିତ ପିଚ ସମେତ ତଳସ୍ତର ମେଣ୍ଟାଲ, ବଜୁରୀ ଓ ମାଟି ଫାଟ ଯୋଗୁ ପରସ୍ପର ଠାରୁ ଅଲଗା ହୋଇଯାଇଛି। ତେଣୁ ବର୍ଷା ହେଲେ ଏହା ନାଳ ପଟକୁ ଧସିଯାଇ ପାରେ ବୋଲି ଅନୁମାନ କରାଯାଉଛି। ତେଣୁ ଆସୁଥିବା ବର୍ଷାକୁ ଦୃଷ୍ଟିରେ ରଖି ବିଭାଗ ଏହାକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

# ଚାମଚ ଗିଳି ଦେଲେ ଯୁବକ



ଚୀନ୍‌ର ୟାନ୍ ନାମକ ଜଣେ ଯୁବକ ନିଶାରେ ଚାମଚ ଗିଳି ଦେଇଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସେ ୫ ମାସ ପୂର୍ବରୁ ଥାଇଲାଣ୍ଡ ବୁଲିବାକୁ ଯାଇଥିବା ବେଳେ ଭୁଲବଶତଃ ତାଙ୍କ ଅଜାଣତରେ ଏଭଳି ଘଟଣା ଘଟିଛି। ୟାନ୍ ଥାଇଲାଣ୍ଡର ଏକ ହୋଟେଲରେ ରହଣି ସମୟରେ ଅତ୍ୟଧିକ ନିଶା ସେବନ କରିଥିଲେ। ଏହି ସମୟରେ ସେ ବାନ୍ତି କରିବା ପାଇଁ ସେରାମିକ୍‌ର ଏକ କପି ଚାମଚକୁ ପାଟିରେ ଭର୍ତ୍ତି କରିଥିଲେ। ଯାହାକି ଭୁଲବଶତଃ ତାଙ୍କ ପେଟ ଭିତରକୁ ଚାଲିଯାଇଥିଲା। ଏହାପରେ ନିଶା ଯୋଗୁଁ ସେ ନିଜ ଚେତା ହରାଇଥିଲେ। ଯେତେବେଳେ ସକାଳୁ ଉଠିଲେ ଚାମଚ ଗିଳିବା ଘଟଣା ତାଙ୍କୁ ସ୍ୱପ୍ନ ପରି ମନେ ହେଲା। ସେହିପରି ବାନ୍ତି ଯୋଗୁଁ ପେଟରେ ଯନ୍ତ୍ରଣା ହେଉଥିବା ଭାବିଲେ। ଶଙ୍ଘାଇ ଫେରିବା ପରେ ୫ ମାସ ପର୍ଯ୍ୟନ୍ତ ସେ ସ୍ୱାଭାବିକ ଜୀବନ ଜିଉଁଥିଲେ। ଏହି ସମୟ ମଧ୍ୟରେ ତାଙ୍କଠାରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା। ହେଲେ ଜୁନ୍‌ରେ ୟାନ୍‌ଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଶଙ୍ଘାଇରେ ଜଣେ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ସନ୍ଦେହ କରୁଥିଲେ, ୟାନ୍ ଖାଦ୍ୟ ଖାଉଥିବା ସମୟରେ ଭୁଲବଶତଃ ପ୍ଲାଷ୍ଟିକ୍ ଗିଳି ଦେଇଥାଇପାରନ୍ତି। ହେଲେ ପରୀକ୍ଷାରୁ ଜଣା ପଡ଼ିଲା, ତାଙ୍କ ପେଟରେ ପ୍ଲାଷ୍ଟିକ୍ ନୁହେଁ, ୧୫ ସେଣ୍ଟିମିଟର ଲମ୍ବା ଏକ ସେରାମିକ୍ ଚାମଚ ଅଛି। ସେହିପରି ଟିକେ ଅସାବଧାନତା ହୋଇଥିଲେ, ଚାମଚ ଅନ୍ତନଳୀରେ ଛେଦ ବି ସୃଷ୍ଟି କରିପାରିଥାନ୍ତା। ଯଦ୍ଦ୍ୱାରା ରକ୍ତସ୍ରାବ ଭଳି ସମସ୍ୟା ସାମ୍ନା କରିବାକୁ ପଡ଼ିଥାନ୍ତା। ଅନ୍ୟପଟେ ଡାକ୍ତର ୯୦ ମିନିଟ୍ ପର୍ଯ୍ୟନ୍ତ ସର୍ଜରୀ କରି ସଫଳତାର ସହ ୧୫ ସେଣ୍ଟିମିଟର ଚାମଚଟିକୁ ତାଙ୍କ ପେଟରୁ ବାହାର କରିଛନ୍ତି। ୟାନ୍ ଏବେ ସୁସ୍ଥ ଥିବା ଜଣାପଡ଼ିଛି।


# ପୋଷ୍ଟର୍ ମାଧ୍ୟମରେ ଚୋରଙ୍କୁ ନିବେଦନ

ଆଜିକାଲି ଘରୁ ତଥା ଦୋକାନରୁ ଚୋରି ହେବା ଏକ ସାଧାରଣ ଘଟଣା। ସେହିପରି ଚୋର ଦାଉରୁ ଘର ଏବଂ ଦୋକାନକୁ ସୁରକ୍ଷିତ ରଖିବା ଲାଗି କିଏ ସିକ୍ୟୁରିଟି ଗାର୍ଡଙ୍କୁ ନିଯୁକ୍ତ ତ କରୁଛନ୍ତି ତ ଆଉ କିଏ ସିସିଟିଭି ଲଗାଇବା ବ୍ୟବସ୍ଥା କରୁଛନ୍ତି। ଏହି କ୍ରମରେ ଜଣେ ବ୍ୟକ୍ତି ଚୋରି ନ ହେବା ପାଇଁ ଯାହା କରିଛନ୍ତି, ତାହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏପରିକି ଏହା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସମ୍ପୃକ୍ତ ଯୁବକ ଜଣକ ଚୋରଙ୍କ ଉଦ୍ଦେଶ୍ୟରେ ନିଜ ଘର ବାହାରେ ଏକ ପୋଷ୍ଟର୍ ଲଗାଇଛନ୍ତି। ଏହି ପୋଷ୍ଟର୍ ମାଧ୍ୟମରେ ଚୋରଙ୍କୁ ଚୋରି ନ କରିବା ପାଇଁ ନିବେଦନ କରାଯାଇଛି। କାନପୁରରେ ରହନ୍ତି ଅନୁ ଅବସ୍ଥି। ସେ ଜଣେ କଣ୍ଟେଣ୍ଟ କ୍ରିଏଟର। ବିଭିନ୍ନ ସମୟରେ ତାଙ୍କର ମଜାଦାର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ। ହେଲେ ଏଥର ସେ ସହରରୁ କିଛି ଦିନ ପାଇଁ ବାହାରକୁ ଯାଉଥିବାରୁ ଚୋରଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି, ତାହା ସମ୍ପୂର୍ଣ୍ଣ ଅଜବ। ଏ ଲାଗି ସେ ଏକ ପୋଷ୍ଟର୍ ନିଜ ଘର ବାହାର ଗେଟ୍‌ରେ ଲଗାଇଛନ୍ତି। ଏଥିରେ ସେ ଚୋରଙ୍କୁ ଲେଖିଛନ୍ତି, 'ଗାଁରେ ପିଉସାଙ୍କୁ କୁକୁର କାମୁଡ଼ିଛି। ଆମେ ସମସ୍ତେ ଗାଁକୁ ଯାଉଛୁ। ଘରେ କେବଳ ଆମ ଘରୋଇ ସହାୟିକା ଓ ତିନୋଟି କାମୁଡ଼ା କୁକୁର ଅଛନ୍ତି। ଆମ ଘରେ ଗହଣା କହିଲେ ଦୁଇଟି ମୁଦି ଅଛି, ଯାହାକୁ ଆମେ ପିନ୍ଧିକି ଯାଉଛୁ। ଏହି ଘରେ ପରିଶ୍ରମ କରିବା ବୃଥା। ତେଣୁ ପଡ଼ୋଶୀ ଘରେ ଚେଷ୍ଟା କର।' ତାଙ୍କର ଏହି ପୋଷ୍ଟଟି ଖୁବ୍ ଭାଇରାଲ ହେଉଛି। ତା'ସହ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।




## ଆଜି ବାହୁଡ଼ିଥିଲେ

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଥିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ। ସାମାଜିକ ନାଟକ, ନୃତ୍ୟନାଟିକା, ପୌରାଣିକ ନାଟକ, ଐତିହାସିକ ନାଟକ, ଜୀବନୀ ନାଟକ, ଏକାଙ୍କିକା, ଗଳ୍ପ, ଗୀତିକବିତା, ଶିଶୁକବିତା, ପ୍ରବନ୍ଧ ଇତ୍ୟାଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। "ଗାର୍ଲସ୍କୁଲ" ନାଟକ ମାଧ୍ୟମରେ ସେ ତୋଳିଥିବା ସାମାଜିକ ପରିବର୍ତ୍ତନର ସ୍ୱର ତାଙ୍କୁ ଅମର କରି ଦେଇଛି। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା। କାଳୀଚରଣ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁକୁହୁ ତାନକୁ ଉପାଦାନ କରି ଲେଖୁଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ପଢ଼ୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ ରେ ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଭାରତର ବିଭାଜନରେ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ସେ 'ଫଟା ଭୂଇଁ' ନାଟକ ମଞ୍ଚସ୍ଥ କରିଥିଲେ। ଭାରତର ଖାଦ୍ୟାଭାବକୁ ନାଟ୍ୟ ରୂପ ଦେଇ 'ଭାତ' ନାଟକ ଲେଖିଥିଲେ। ଓଡ଼ିଶାର ପ୍ରଥମ ବ୍ୟାବସାୟିକ ରଙ୍ଗମଞ୍ଚ 'ଓଡ଼ିଶା ଥିଏଟର୍ସ' ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ଗଜପତି ରାମଚନ୍ଦ୍ର ଦେବ କାଳୀଚରଣଙ୍କୁ 'କବିଚନ୍ଦ୍ର' ଉପାଧି ପ୍ରଦାନ କରିଥିଲେ। ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୭୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ। ୧୯୭୮ ମସିହା ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହେଲେ

# ବିଗ୍ ବି



## ଏପିସୋଡ୍ ପିଛା ୫ କୋଟି

ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ ଦୀର୍ଘ ୨୫ ବର୍ଷ ହେଲାଣି କେବିସି ଶୋ'କୁ ହୋଷ୍ଟ କରିଛନ୍ତି। ଗୋଟିଏ ସିଜିନ୍‌କୁ ଛାଡ଼ି ଏଯାବତ୍ ସେ ସବୁଯାକ ସିଜନ୍‌କୁ ହୋଷ୍ଟ ସାଜିଛନ୍ତି। 'କେବିସି ୧୭'କୁ ମଧ୍ୟ ସେ ହୋଷ୍ଟ କରିବେ ବୋଲି ନିକଟରେ ସୋନୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଘୋଷଣା କରାଯାଇଛି। ଅଗଷ୍ଟ ୧୧ରେ ଏହାର ପ୍ରିମିୟର ହେବ। ଏହା ପୂର୍ବରୁ ଏଥିରେ ବିଗ୍ ବି' ନେଇଥିବା ପାରିଶ୍ରମିକକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲାଣି। ଏହାର ପ୍ରତି ଏପିସୋଡ୍ ପାଇଁ ବିଗ୍‌ବି ୫ କୋଟି ନେବେ। ଏଥିପାଇଁ ସେ ଏବେ ଟେଲିଭିଜନ ପରଦାର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହୋଇଛନ୍ତି। ବିଗ୍‌ବିଙ୍କ ଭଳି ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ 'ବିଗ୍‌ବସ୍' ଶୋ'କୁ ହୋଷ୍ଟ କରିବା ପାଇଁ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନିଅନ୍ତି। ଯଦି ବିଗ୍ ବି ଏପିସୋଡ୍ ପିଛା ୫ କୋଟି ନେଉଛନ୍ତି ତେବେ ପ୍ରତି ସପ୍ତାହକୁ ସେ ୨୫ କୋଟି ନେବେ। ଏବାବଦରେ ସେ ସଲମାନ୍‌ଙ୍କୁ ପଛରେ ପକାଇ ଦେବେ। କାରଣ ସଲମାନ୍ ସପ୍ତାହରେ ଦୁଇଟି 'ବିଗ୍‌ବସ୍' ଶୋ'ର ଏପିସୋଡ୍ ସୁଟ୍ କରନ୍ତି। ଏଥିପାଇଁ ୧୨ କୋଟି ନିଅନ୍ତି। ଅବଶ୍ୟ ସଲମାନ୍ କି ଅମିତାଭଙ୍କ ପାରିଶ୍ରମିକକୁ ନେଇ ଏଯାବତ୍ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ।

# ସକାଳର ଆରମ୍ଭ ସୂଚାଇବ ସ୍ୱଭାବ

ଅନେକ ଲୋକଙ୍କର ଭୋରରୁ ଉଠିବା ଅଭ୍ୟାସ ଥିବାବେଳେ ଆଉ କେହି କେହି ବିଳମ୍ବରେ ଉଠନ୍ତି। ସେହିପରି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ସକାଳ, ଚା' କିମ୍ବା କଫିରୁ ଆରମ୍ଭ ହେଉଥିବାବେଳେ ଆଉ କାହାର ଯୋଗ, ପ୍ରାଣାୟମରୁ। ତେବେ ଲୋକଙ୍କର ଏହି ସକାଳେ ଉଠିବା ଅଭ୍ୟାସ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ତଥା ସ୍ୱଭାବ ସମ୍ପର୍କରେ ଅନେକ କିଛି ସୂଚାଇଥାଏ। ଭୋରରୁ ଉଠୁଥିବା ଲୋକେ ବେଶ୍ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ହୋଇଥାନ୍ତି। ଏଭଳି ଲୋକେ ମୁଖ୍ୟତଃ ବ୍ୟବସ୍ଥିତ ଦିନଚର୍ଯ୍ୟା ଉପରେ ଗୁରୁତ୍ୱ ଦେଇଥାନ୍ତି। ତା'ସହ ସେମାନେ ଦୀର୍ଘକାଳୀନ ଲକ୍ଷ୍ୟ ପ୍ରାପ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଭଲପାଆନ୍ତି। ସେହିପରି ସକାଳୁ ସକାଳୁ ଆଲାର୍ମ ବନ୍ଦ କରି ଉଠୁଥିବା ବ୍ୟକ୍ତି ସୃଜନଶୀଳ ହେବା ସହ ଅନିୟନ୍ତ୍ରିତ ଜୀବନଶୈଳୀ ଆପଣାଇଥାନ୍ତି। ଏହାବାଦ୍ ସକାଳ ବ୍ୟାୟାମରୁ ଦିନ ଆରମ୍ଭ କରୁଥିବା ଲୋକେ ଅନୁଶାସନରେ ରହିବାକୁ ପସନ୍ଦ କରନ୍ତି। ସବୁବେଳେ ନିଜ ଉପରେ ଅଧିକ ଧ୍ୟାନ ଦିଅନ୍ତି। ଏମାନେ ସ୍ୱାସ୍ଥ୍ୟକୁ ନେଇ ବେଶ୍ ସଚେତନ ଥାଆନ୍ତି। ଅନ୍ୟପଟେ କଫିରୁ ଦିନ ଆରମ୍ଭ କରୁଥିବା ଲୋକେ ବେଶ୍ ଆରାମରେ ଜୀବନ କାଟିବା ପାଇଁ ଚାହାନ୍ତି। ମିଳାମିଶାକୁ ଭଲପାଆନ୍ତି ଏବଂ ନିତିଦିନ କାମରେ ଶାନ୍ତି ଅନୁଭବ କରନ୍ତି। ସେହିଭଳି ସକାଳରୁ ଦିନଯାକର କାର୍ଯ୍ୟକୁ ନେଇ ଯୋଜନା କରୁଥିବା ଲୋକେ ବେଶ୍ ବ୍ୟବସ୍ଥିତ ହୋଇଥାନ୍ତି। ଏମାନେ ବିଶ୍ୱସନୀୟ ହେବା ସହ ଜୀବନକୁ ନିୟନ୍ତ୍ରଣରେ ରଖିବାକୁ ପସନ୍ଦ କରନ୍ତି। ଯେଉଁମାନଙ୍କର ସକାଳ ଧୀରେ ସୁସ୍ଥେ ଏବଂ ଆରାମଦାୟକ ଭାବେ ଆରମ୍ଭ ହୁଏ, ସେମାନେ ତରବରିଆ ଭାବେ ନିଷ୍ପତ୍ତି ନେବାରୁ ଦୂରେଇ ରହନ୍ତି। ଜୀବନରେ ଶାନ୍ତିକୁ ଅଧିକ ଗୁରୁତ୍ୱ ଦିଅନ୍ତି। ସେହିପରି ସକାଳ ସମୟରେ ଏକକାଳୀନ ଅନେକ କାମ କରୁଥିବା ବା ମଲଟିଟାସ୍କର ସ୍ୱଭାବରେ ଦକ୍ଷ ହୋଇଥାନ୍ତି। ସେମାନଙ୍କର ଏହି ଅଭ୍ୟାସ ଅଧିକ ଚାପଗ୍ରସ୍ତ ଏବଂ ଅଧିକ କାମ କରୁଥିବା ପ୍ରବୃତ୍ତିକୁ ଦର୍ଶାଏ। ସେହିପରି ପ୍ରକୃତି ସହିତ ସମୟ ଅତିବାହିତ କରି ଦିନ ଆରମ୍ଭ କରୁଥିବା ଲୋକେ ଜୀବନରେ ଶାନ୍ତି, ସନ୍ତୁଳନ ଓ ପ୍ରକୃତି ସହ ଜଡ଼ିତ ରହିବାକୁ ଗୁରୁତ୍ୱ ଦିଅନ୍ତି। ଅନ୍ୟପଟେ ଯେଉଁମାନଙ୍କ ସକାଳ ସାମାଜିକ ଗଣମାଧ୍ୟମ କିମ୍ବା ଫୋନ୍‌ରୁ ଆରମ୍ଭ ହୁଏ, ସେମାନେ ସାମାଜିକ ମିଳାମିଶା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ତେବେ ତରବରିଆ ଭାବେ ଦିନ ଆରମ୍ଭ କରୁଥିବା ଲୋକଙ୍କ ସ୍ୱଭାବ ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀର ସଙ୍କେତ ଦେଇଥାଏ। ଅବଶ୍ୟ ଏଭଳି ଲୋକେ ସ୍ୱଭାବରେ ଉଚ୍ଚାଭିଳାଷୀ ହୋଇଥାନ୍ତି।



# ମିଛି ମିଛିକା ବାହାଘର

ଆଜିକାଲି ଲୋକେ ବିବାହ ଦିନକୁ ବେଶ୍ ସ୍ମରଣୀୟ କରିବା ପାଇଁ ମାସ ମାସ ଧରି ଯୋଜନା କରୁଛନ୍ତି। କିନ୍ତୁ ଯେଉଁ ପରିବାରଗୁଡ଼ିକରେ ବାହାଘର ହେଉଥାଏ କାମକାର୍ଯ୍ୟ ଓ ଦାୟିତ୍ୱ ଯୋଗୁଁ ପରିବାରର ସଦସ୍ୟମାନେ ମନ ଖୋଲି ଏହାକୁ ଉପଭୋଗ କରିପାରନ୍ତି ନାହିଁ। ଏବେ ଲୋକେ ବିନା କୌଣସି ଦାୟିତ୍ୱରେ ବି ବିବାହକୁ ମନଭରି ଉପଭୋଗ କରିପାରିବେ। ଏଠାରେ ପୁରାପୂରି ବିବାହ ଭଳି ପରିବେଶ ସାଙ୍ଗକୁ ମେହେନ୍ଦି, ସଙ୍ଗୀତ ଭଳି ଅନେକ ଉତ୍ସବ ପାଳନ କରାଯାଏ। ଲାଇଟ୍, ସାଜସଜା, ନାଚଗୀତ, ଖାଇବା ପିଇବା ସବୁର ବନ୍ଦୋବସ୍ତ ଥାଏ। କେବଳ ନ ଥାନ୍ତି ବର କନିଆ। ଏବେ ମିଛି ମିଛିକା ବାହାଘର ବା ଫେକ୍ ୱେଡିଂ ଧାରା ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ମୁଖ୍ୟତଃ ଦିଲ୍ଲୀରେ ଏଭଳି ଏକ ପାର୍ଟି ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହୋଇଛି। ଏହି ପାର୍ଟିକୁ ଲୋକେ ବାହାଘର ଭଳି ପୋଷାକ ପିନ୍ଧି ଆସନ୍ତି, ଢୋଲ ବାଜାର ତାଳେ ତାଳେ ନାଚନ୍ତି ଓ ସ୍ୱାଷ୍ଟିଷ୍ଟ ଖାଦ୍ୟଗୁଡ଼ିକର ମଜା ଉଠାନ୍ତି। ଏଠାରେ ଲୋକେ କୌଣସି ଦାୟିତ୍ୱ ବିନା ବିବାହର ମଜା ନେଇଥାନ୍ତି। ଅନ୍ୟପଟେ ମିଛ ବାହାଘରରେ ସାମିଲ ହେବା ଲାଗି ଲୋକଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ହୁଏ। ଏନେଇ ଏଣ୍ଟ୍ରି ଟିକଟର ବ୍ୟବସ୍ଥା ବି ଅଛି। କିଛି ଇଭେଣ୍ଟ ମ୍ୟାନେଜମେଣ୍ଟ କଂପାନି ଓ ଡ୍ୟାନ୍ସ କୋରିଓଗ୍ରାଫର ବି ଏଭଳି ନକଲି ବିବାହର ଆୟୋଜନ କରୁଛନ୍ତି କେବଳ ସୋସିଆଲ ମିଡିଆ କଣ୍ଟେଣ୍ଟ ପାଇଁ। ସେହିପରି ସାମାଜିକ ଗଣମାଧ୍ୟମରେ ଏଭଳି ମିଛିମିଛିକା ବାହାଘରର ଏକାଧିକ ଭିଡିଓ ଦେଖିବାକୁ ମିଳୁଛି। ଯାହାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି।



## ଆଜିର ଇତିହାସ

- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା।
- ୧୮୭୦- ଆମେରିକାରେ ପ୍ରଥମଥର ରେଳସେବା ଆରମ୍ଭ ହେଲା।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୦-ଏସ୍.ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ଲୋକ ସମ୍ପର୍କ ବଢ଼ିବ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି। ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ମାନ ସମ୍ମାନ ବୃଦ୍ଧି ହେବ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଦାନଧର୍ମ କରନ୍ତୁ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଦାନ ଧର୍ମ କରିବେ।



## ଅଗଷ୍ଟ ୧ରେ 'ଛିରେ ନନି'

ଓଡ଼ିଆ ଚଳଚ୍ଚିତ୍ର ଜଗତର ସଫଳ ଓ ଅନୁଭବୀ ନିର୍ମାତା ସୀତାରାମ୍ ଅଗ୍ରୱାଲ୍ ନୂଆ କାହାଣୀ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ରକୁ ନୂତନ ଦିଗ ଦେଇଛନ୍ତି। ସେ ଏବେ ଆଉ ଏକ ଗଭୀର ତଥା ଭାବନାତ୍ମକ ପ୍ରେମ କାହାଣୀ 'ଛିରେ ନନି' ସହିତ ବଡ଼ ପରଦାକୁ ଫେରୁଛନ୍ତି। ଏହି ଚଳଚ୍ଚିତ୍ର ଅଗଷ୍ଟ ୧ ତାରିଖରେ ମୁକ୍ତିଲାଭ କରିବ। ଏହି ନୂତନ ପିଢ଼ିର ରୋମାଣ୍ଟିକ୍ ଫିଲ୍ମ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟ ବିଦାରକ ନାଟକୀୟତାକୁ ଏକତ୍ର କରି ଦେଖାଉଛି। ଯେଉଁଠି ପ୍ରେମ, ପରିବାର ଓ ଭାଗ୍ୟକୁ ଅସ୍ୱୀକାର କରେ। ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନର୍‌ରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ଓ ଦ୍ୱୀପନ୍ୱିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ତା'ର ବରିଷ୍ଠ କାହାଣୀ ଯୋଗୁଁ ଆରମ୍ଭରୁ ହିଁ ଚର୍ଚ୍ଚାରେ ରହିଛି। ତେବେ ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଭାଇରାଲ ଗୀତ 'ଛିରେ ନନୀ'କୁ ଏଥିରେ ଦର୍ଶକ ନୂଆ ଭାବେ ଦେଖିବେ। ■

## ପ୍ରକୃତି-ଦ୍ୱୀପନ୍ୱିତ ଏକାଠି

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର'। ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ ପ୍ଲାଟୁନ୍ ୱାନ୍ ଫିଲ୍ମସ ଏହି ଫିଲ୍ମ ସହିତ ଓଡ଼ିଶାରେ ଡେବ୍ୟୁ କରିବ। ଏହି ସିନେମାରେ ପ୍ରକୃତି ମିଶ୍ର ଓ ଦ୍ୱୀପନ୍ୱିତ ଦାସମହାପାତ୍ର ଅଭିନୟ କରିଛନ୍ତି। ଏହି ଦୁଇ କଳାକାରଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ତା'ସହ ଏ ଦୁହିଁଙ୍କ ଯୋଡ଼ିକୁ ଲୋକେ କିଭଳି ପସନ୍ଦ କରୁଛନ୍ତି, ତାହାକୁ ଅପେକ୍ଷା ରହିଲା। ତେବେ ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ। ସେହିପରି ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରେ। କେବଳ ସେତିକି ନୁହେଁ, ନିଜ ମାଟି ସହିତ ଗଭୀର ଭାବେ ଜଡ଼ିତ ଏବଂ ଉତ୍କୃଷ୍ଟ ସଙ୍ଗୀତ ସହ ମିଶ୍ରିତ। ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଓଡ଼ିଶା ଓ ଲାଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାରର ଏକ କାହାଣୀ ଉପରେ ପର୍ଯ୍ୟବସିତ। ରବିନ ଦାସ ଓ ସତ୍ୟ ରଞ୍ଜନଙ୍କୁ ମଧ୍ୟରେ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ୍ ରହିବ। ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମୱାର୍କସ ସହଭାଗିତାରେ ବିନୟ ରେଡ୍ଡି, ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ମିଳିତ ଭାବେ ପ୍ରାୟୋଜିତ 'ବିନ୍ଦୁ ସାଗର'ର ନିର୍ଦ୍ଦେଶନା ଦେଇଛନ୍ତି ଅଭିଶେକ ସ୍ୱାଇଁ। ■



## "ଅଭିନେତା ହେବାକୁ କଠିନ ପରିଶ୍ରମ ଜରୁରି"

**ଚନ୍ଦ୍ରଶେଖର, ଅଭିନେତା**



**ବାପାଙ୍କ ମନରେ ଇଚ୍ଛା ଥିଲା ପୁଅ ଆଗଧାଡ଼ିର ଜଣେ ଅଭିନେତା ହେଉ। ବାପାଙ୍କ ସ୍ୱପ୍ନ ପୂରା କରିବାକୁ ପୁଅ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମରେ ୬ ବର୍ଷ ପାଠ ପଢ଼ି ଅନେକ ମଞ୍ଚରେ ଅଭିନୟ କରିଲେ। ଅଭିନୟ ପ୍ରତି ସେ ଗଭୀର ଭାବେ ଆକର୍ଷିତ ହୋଇଥିଲେ। ପ୍ରଥମେ ସେ ଓଡ଼ିଆ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। 'ଗୁଡ୍ଡୁ ଗ୍ୟାଙ୍ଗ ଷ୍ଟାର୍' ତାଙ୍କର ପ୍ରଥମ ସିନେମା। କିଛି ହାତଗଣତି ସିନେମାରେ ସେ ଅଭିନୟ ମଧ୍ୟ କରିଛନ୍ତି। ସିନେମାରୁ ଏତେଟା ଲୋକପ୍ରିୟତା ନ ମିଳୁବାରୁ ଧାରାବାହିକରେ କାମ କରିବାକୁ ଉଚିତ ଭାବିଲେ। ଏହି ଉଦୀୟମାନ କଳାକାର ଜଣକ ହେଉଛନ୍ତି ଖୋର୍ଦ୍ଧା ଗଡ଼ମାଣତୀରର ଚନ୍ଦ୍ରଶେଖର ରଣସିଂହ। ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ରବି ଭୂମିକାରେ ଅଭିନୟ କରୁଛନ୍ତି। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଚନ୍ଦ୍ରଶେଖରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ମଞ୍ଚରୁ ଓଲିଉଡ୍ ଜଗତକୁ ଯାତ୍ରା କିପରି ଥିଲା?**

● ଗାଁ'ର ଡ୍ରାମାରେ ମୋ' ବାପା ଅଭିନୟ କରୁଥିଲେ। ସେତେବେଳେ ଖୋର୍ଦ୍ଧା ପିଏନ୍ କଲେଜରେ ସେ ଡ୍ରାମାଟିକ୍ ସେକ୍ରେଟାରୀ। ହେଲେ ବାପାଙ୍କ ସ୍ୱପ୍ନକୁ ଜେଜେବାପା ସାକାର କରି ନ ଥିଲ। ଫଳରେ ମୋ ଜରିଆରେ ବାପା ସ୍ୱପ୍ନ ପୂରା କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ସଙ୍ଗୀତ ମହାବିଦ୍ୟାଳୟର ଡ୍ରାମା ବିଭାଗରେ ୬ବର୍ଷର ପାଠ ପଢ଼ିଛି। ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିଛି। ଏବେ ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚରରେ 'ନାଟକ' ବିଭାଗରେ ସ୍ନାତକୋତ୍ତର କରୁଛି। ମଞ୍ଚ ନାଟକ ପାଇଁ ବହୁ ସ୍ଥାନରେ ସମ୍ମାନିତ ହୋଇଛି। ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି। 'ଗୁଡ୍ଡୁ ଗ୍ୟାଙ୍ଗଷ୍ଟାର୍' ମୋର ପ୍ରଥମ ଫିଲ୍ମ। ପରେ 'ବୋହୂକୁ ଲାଗିଛି ରିଲ୍ସ ଭୂତ', 'ତୋ ବିନୁ ଅନ୍ୟ ଗତି ନାହିଁ', 'ଡେଲିଭରି ବୟ' ଆଦି ସିନେମାରେ ଅଭିନୟ କରିଛି।

**ଧାରାବାହିକକୁ ଆସିବାକୁ କାହିଁକି ମନ ବଳାଇଲେ?**

● ସିନେମାରେ ଯେଉଁ ଚରିତ୍ରରେ କାମ କରିଲି ତାହା କେବଳ ଚିହ୍ନା ଲୋକ ଜାଣିପାରିଲେ। ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଗୋଟିଏ ସ୍ଥାନ ତିଆରି କରିପାରିଲିନି। ଏପରି ସ୍ଥିତିରେ ମୁଁ 'ଧାରାବାହିକ'ରେ କାମ କରିବାକୁ ମନ ବଳାଇଲି। 'ସାଥି ସାତ ଜନ୍ମର'ରେ ନାୟକର ବନ୍ଧୁ ରବି ଭୂମିକାରେ ଅଭିନୟ କରୁଛି। ଖୁବ୍ କମ୍ ଦିନରେ ଦର୍ଶକଙ୍କ ଢ଼େର ସାରା ଭଲପାଇବା ପାଇଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

● ଅଭିନୟ ସମାନ। ହେଲେ ମଞ୍ଚରେ ଦର୍ଶକଙ୍କ ସାମ୍ନାରେ ଅଭିନୟ କରିବାକୁ ହୁଏ ଆଉ ଧାରାବାହିକରେ କ୍ୟାମେରା ସାମ୍ନାରେ କଟ୍ କଟ୍‌ରେ ଯିବାକୁ ହୁଏ। ପ୍ରଥମେ ଅଶୋକ ପତି ସାର୍‌ଙ୍କ ତତ୍ତ୍ୱାବଧାନରେ 'ଗୁଡ୍ଡୁ ଗ୍ୟାଙ୍ଗ ଷ୍ଟାର୍'ରେ କାମ ଆରମ୍ଭ କରିଥିଲି। ହେଲେ ଧାରାବାହିକ ସୁଟିଂ ପାଇଁ ପ୍ରତିଦିନ କ୍ୟାମେରା ସାମ୍ନାରେ ଅଭିନୟ କରିବାକୁ ହେଉଛି। ପ୍ରତିଦିନ ନୂଆ କଥା ଶିଖି ହୁଏ। ମୋ' ମତରେ ଧାରାବାହିକରେ କାମ କଲେ ପ୍ରତିଦିନ ଅଭିନୟ ମାର୍ଜିତ ହୁଏ।

**ସ୍କ୍ରିପ୍ଟ କେମିତି ମନେ ରଖନ୍ତି?**

● ମଞ୍ଚ ନାଟକ ପାଇଁ ସ୍କ୍ରିପ୍ଟ ପଢୁ। ସଂଳାପ ବେଶ୍ ସହଜରେ ମନେ ରହିଯାଏ। ମଞ୍ଚରେ ସଂଳାପରେ ଛନ୍ଦି ହେଲେ ବି ସହକଳାକାରଙ୍କ ସହିତ ଭଲ ସମ୍ପର୍କ ଥିବାରୁ ତାହା ଆଡ୍‌ଜେଷ୍ଟ ହୋଇଯାଏ। ଧାରାବାହିକ ପାଇଁ ପ୍ରତିଦିନ ଅଭ୍ୟାସ କରିବାକୁ ହୁଏ। ଏହାବାଦ୍ ମୋ ରୁମ୍‌ରେ ଜୁନିୟର୍ ଓ ମୋ ସାଙ୍ଗଙ୍କ ସହ ଅଭ୍ୟାସ କରେ। ଅଭିନୟ ସମ୍ପର୍କିତ ଭିଡିଓ ଦେଖେ।

**ଅଭିନୟ ଆଉ ପଠା ଭିତରେ କେମିତି ସମନ୍ୱୟ ରଖନ୍ତି?**

● ଧାରାବାହିକରେ କାମ କରିବା ପରଠାରୁ ଆଉ ନାଟକ କରିନାହିଁ। ଅଭିନୟରୁ ସମୟ ମିଳିଲେ ମୁଁ ପାଠ ପଢ଼େ।

**ସ୍ମରଣୀୟ ମୁହୂର୍ତ୍ତ?**

● ସଙ୍ଗୀତ ମହାବିଦ୍ୟାଳୟକୁ ଡ୍ରାମ ପାଠ ପଢ଼ିବାକୁ ଆସିଥାଏ। ନାଟକ ଶିଖିବା ମୋର ଲକ୍ଷ୍ୟ ଥିଲା। ହେଲେ ପ୍ରଥମ କ୍ଲାସରେ ସାଧାରଣ ବିଷୟ ବସ୍ତୁ ଯଥା- ଇତିହାସ, ଅର୍ଥନୀତି, ସାଧାରଣ ଜ୍ଞାନ ଆଦି ପଢ଼ିବାକୁ କୁହାଯିବାରୁ ମୁଁ ପୂରା ସ୍ତବ୍ଧ। ଜାଣିଲି ପାଠ ସହିତ ନାଟକ ପଢ଼ିବାକୁ ହୁଏ। ସେ ସମୟର ଅନୁଭୂତି ସବୁବେଳେ ପାଇଁ ସ୍ୱତନ୍ତ୍ର।

**ଆଗାମୀ ଯୋଜନା?**

● ଧାରାବାହିକରେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଯୋଜନା ରହିଛି।

**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

● ମୋ ମତରେ ଯେଉଁମାନେ ଛୋଟରୁ ବଡ଼ ହୋଇଛନ୍ତି, ସେମାନେ ହୁଏତ ବିଳମ୍ବରେ କାମ ପାଆନ୍ତି। ତେବେ ଯେଉଁ କାମ ସେ ପାଇବେ ସେ କାମରେ ଜୀବନସାରା ରହିବେ। ହେଲେ କିଛି ନ କରି ରାତାରାତି ଷ୍ଟାର୍ ହେଲେ ବହୁତ ଶୀଘ୍ର ଉଠି ବହୁତ ଶୀଘ୍ର ପଡ଼ିବାର ଅନେକ ଉଦାହରଣ ରହିଛି। ତେଣୁ ଜୀବନରେ ସବୁବେଳେ ଅଭିନେତା ହେବାକୁ କଠିନ ପରିଶ୍ରମ ଓ ଧୈର୍ଯ୍ୟ ରଖିବା ଜରୁରି। ■

## ଟେଲିଭିଜନ ପ୍ରିମିୟର 'ଫାଷ୍ଟ ଲଭ୍'



ଜୁଲାଇ ୨୭ ତାରିଖ ରବିବାର ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ସିନେମାଟି ନିର୍ମିତ। ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ରଜରେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ଯାହାକୁ ଏବେ ଦର୍ଶକେ ଟେଲିଭିଜନରେ ଦେଖିପାରିବେ। ମୁଖ୍ୟତଃ ବଡ଼ ପରଦାରେ ଦେଖିପାରି ନ ଥିବା ଦର୍ଶକେ ଏବେ ଏହାକୁ ଦେଖିବାର ସୁଯୋଗ ପାଇବେ। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନର ଏବଂ ଜୀ ସାର୍ଥକ ସହଯୋଗିତାରେ ଫାଷ୍ଟ ଲଭ୍ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ ସ୍ୱର ଦେଇଛନ୍ତି ବଲିଉଡ୍ ଓ ଓଲିଉଡ୍‌ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଲଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟାଙ୍କ ସମେତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖି ଏକ ନୂଆ ସ୍ୱାଦର ନିଆରା ପ୍ରେମ କାହାଣୀକୁ ନେଇ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ■

## ସନ୍ ଅଫ୍ ସର୍ଦ୍ଦାର-୨ର ଟ୍ରେଲର ରିଲିଜ୍

ବଲିଉଡ୍‌ର ଆକ୍ସନ ଅଭିନେତା ଅଜୟ ଦେବଗନ 'ସନ୍ ଅଫ୍ ସର୍ଦ୍ଦାର-୨' ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ଟ୍ରେଲର ରିଲିଜ୍ ହୋଇସାରିଥିବା ବେଳେ ଇତିମଧ୍ୟରେ ଏହାର ଦ୍ୱିତୀୟ ଟ୍ରେଲରକୁ ବି ରିଲିଜ୍ କରାଯାଇଛି। ଏହି ଟ୍ରେଲର ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ପ୍ରଦାନ କରିଛି। ବିଶେଷକରି ଦର୍ଶକେ ହସିବା ସହ ଇମୋସନ୍ ଓ ଆକ୍ସନକୁ ମଧ୍ୟ ଏଥିରେ ଦେଖିବାକୁ ପାଇଛନ୍ତି। ସେହିପରି ଟ୍ରେଲରର ଆରମ୍ଭ ଅଜୟଙ୍କ ଚରିତ୍ରରୁ ହୋଇଛି। ଏଥିରେ ସେ ଟ୍ରାକ୍ଟର ଚଳାଉଥିବା ନଜର ଆସିଛନ୍ତି। ଏଥିରେ ସେ ବାହା ହୋଇ ଖୁସି ଥିବା ଦେଖିବାକୁ ମିଳିଛି। ହେଲେ ବାହାଘରର ଦିନ କେଇଟା ପରେ ତାଙ୍କ ପତ୍ନୀ ଛାଡ଼ପତ୍ର ମାଗିଛନ୍ତି। ଏଇଠୁ ଆରମ୍ଭ ହେଇଛି ଅଜୟଙ୍କ ଜୀବନର ଅସଲ କାହାଣୀ। ଏହାସହ କିଭଳି ଗୋଟିଏ ପରେ ଗୋଟିଏ ଅସୁବିଧା ସାମ୍ନାକୁ ଆସୁଛି, ତାହା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଟ୍ରେଲର ଶେଷରେ ଅଜୟଙ୍କ ଆକ୍ସନ ରୂପ ଅଛି। ଲୋକେ ଏହି ଟ୍ରେଲରକୁ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ତେବେ ସିନେମାଟି ଜୁଲାଇ ୨୫ରେ ମୁକ୍ତିଲାଭ କରିଥାନ୍ତା, କିନ୍ତୁ ଏବେ ଏହା ଅଗଷ୍ଟ ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■



**ପରଦା ପଛର କାହାଣୀ**

## ପ୍ରଥମ 'ସୁପରମ୍ୟାନ୍' ହିନ୍ଦୀ ଫିଲ୍ମ




ସାଧାରଣତଃ ସୁପରମ୍ୟାନ୍ ସିନେମା କହିଲେ ହଲିଉଡ୍ ଫିଲ୍ମ 'ସ୍ପାଇଡରମ୍ୟାନ୍', 'ସୁପରମ୍ୟାନ୍' ସାମ୍ନାକୁ ଆସିଥାଏ। ୧୯୭୮ ମସିହାରେ ହଲିଉଡ୍‌ରେ 'ସୁପରମ୍ୟାନ୍' ଫିଲ୍ମ ମୁକ୍ତିଲାଭ କରିଥିଲା। ତାହା ସୁପରହିଟ୍ ହୋଇଥିଲା। ତେବେ ଭାରତରେ ଏହି ଫିଲ୍ମର ୧୮ ବର୍ଷ ପୂର୍ବେ 'ସୁପରମ୍ୟାନ୍' ଫିଲ୍ମ ନିର୍ମାଣ ହୋଇଥିଲା। ଏଥିରେ ମହିଳା ଅଭିନେତ୍ରୀ ନିରୂପା ରାୟ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରିଥିଲେ। ଯାହାଙ୍କୁ ପରବର୍ତ୍ତୀ ସମୟରେ ଦର୍ଶକେ ମାଆ ଚରିତ୍ର ପାଇଁ ଜାଣିଥିଲେ। ୧୯୬୦ରେ ମୁକ୍ତିଲାଭ କରିଥିବା ଶାନ୍ତିନାମ୍ନୀ ଜଣେ ଝିଅକୁ କେନ୍ଦ୍ର କରି ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ। ଯିଏ କି ପିଲାଦିନରୁ ମାଆଠାରୁ ଅଲଗା ହୋଇଯାଇଥିଲା। ଫଳରେ ତାକୁ ଜଣେ ବୈଜ୍ଞାନିକ ନିଜ ପାଖରେ ରଖି ଲାଳନ ପାଳନ କରିଥିଲେ। ବୈଜ୍ଞାନିକ ଏକ ଅମର ସିରମ୍ ଆବିଷ୍କାର କରିଥିଲେ। ଯାହାକୁ ଦେହରେ ଲଗାଇଲେ ଜଣେ ବ୍ୟକ୍ତି ଅମର ହୋଇଯିବେ। ସେହି ସିରମ୍‌କୁ ସେ ଶାନ୍ତିକୁ ଲଗାଇ ଦିଅନ୍ତି। ଏହାଦ୍ୱାରା ଶାନ୍ତି (ନିରୂପା ରାୟ) ସୁପରମ୍ୟାନ୍ ହୋଇଯାଆନ୍ତି। ଅବଶ୍ୟ ଫିଲ୍ମଟି ସେତେ ଲୋକାଦୃତ ହୋଇପାରି ନଥିଲା। ତେବେ ଏଥିରେ ନିରୂପା ରାୟ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଥିଲେ। ନିରୂପା ରାୟଙ୍କୁ ଫିଲ୍ମରେ ଦର୍ଶକେ କାନ୍ଦିବାର ଦେଖିଥିଲେ। ସେହିପରି ସେ ଅଧିକାଂଶ ଫିଲ୍ମରେ ଅମିତାଭ ବଚ୍ଚନଙ୍କ ମାଆ ଭୂମିକାରେ ଅଭିନୟ କରିଛନ୍ତି। ତେଣୁ ତାଙ୍କୁ ଅମିତାଭଙ୍କ ମାଆ ବୋଲି ମଧ୍ୟ କୁହାଯାଉଥିଲା। କିନ୍ତୁ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରି ସେ ସମସ୍ତଙ୍କୁ ଚମତ୍କୃତ କରିଥିଲେ। ନିରୂପା ରାୟ ଜଣେ ଅଭିନେତ୍ରୀ ଭାବରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। କ୍ୟାରିୟର ପ୍ରାରମ୍ଭରେ ସେ ନାୟିକା ଭାବେ ଅଭିନୟ କରିଥିଲେ। ତେବେ ତାଙ୍କୁ ମାଆ ଚରିତ୍ରରୁ ପରିଚୟ ମିଳିଥିଲା। ସେ ୧୯୪୬ ମସିହାରେ ନିର୍ମିତ ଫିଲ୍ମ 'ଅମର ରାଜା'ରେ ମାଧ୍ୟମରେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ଏହାପରେ ସେ 'ଉଦ୍ଧାର', 'ଦି ବିଘା ଜମିନ୍', 'ଚାଲ୍‌ବାଜ୍', 'ଦୁଲ୍‌ହନ୍' ଆଦି ଫିଲ୍ମରେ ନଜର ଆସିଥିଲେ। ■

# ଲୋକସଭାରେ ଆଗତ ହେଲା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଲୋକସଭାରେ ବୁଧବାର ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍ ବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଆଗତ ହୋଇଛି। ଏହାକୁ ଆଇନ୍‌ରେ ପରିଣତ କରିବାକୁ ଆହୁରି କିଛି ସମୟ ଅପେକ୍ଷା କରିବାକୁ ହେବ। ଏହି ବିଲ୍ ଆଗତ ହେବା ସହ ଭାରତର କ୍ରୀଡ଼ା ପ୍ରଶାସନ ଏକ ନୂଆ ରୂପ ଓ ଦିଗ ନେବ। ଏହା ଦ୍ୱାରା କ୍ରୀଡ଼ା ପ୍ରଶାସନରେ ନୂଆ ସଂସ୍କାର ଆସିବା ସହ ଆହୁରି ସ୍ୱଚ୍ଛ ହେବ ଓ ପୁରୁଣା ଦୋଷ ତ୍ରୁଟିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏହାର ପରିସରଭୁକ୍ତ ହେବ ବୋଲି କୁହାଯାଉଛି। କ୍ରୀଡ଼ା ସଂଘଗୁଡିକର ଅଧ୍ୟକ୍ଷ, ମହାସଚିବ ଓ କୋଷାଧ୍ୟକ୍ଷଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ବ୍ୟକ୍ତି କେବଳ କ୍ରମାଗତ ୩ଥର (୧୨ ବର୍ଷ) ପାଇଁ ଦାୟିତ୍ୱରେ ରହିପାରିବେ ଓ ଏହାଠାରୁ ଅଧିକ ସମୟ ଦାୟିତ୍ୱରେ ରହିପାରିବେ ନାହିଁ। ସେହିପରି ସର୍ବୋଚ୍ଚ ବୟସକୁ ୭୦ ବର୍ଷ ରଖାଯିବ। କିନ୍ତୁ ଯଦି ଅନ୍ତର୍ଜାତୀୟ ନିୟମ ଅନୁମତି ଦେବ, ତେବେ ନାମାଙ୍କନ ବେଳେ ବୟସ ୭୫ ବର୍ଷକୁ ବୃଦ୍ଧି କରିହେବ। ସେହିପରି ଯେକୌଣସି କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ କମିଟିର ସଦସ୍ୟ ସଂଖ୍ୟା ଅତିବେଶୀରେ ୧୫ ହେବ। ଏହି ବିଲ୍ ଦ୍ୱାରା ଜାତୀୟ କ୍ରୀଡ଼ା ବୋର୍ଡ, ଜାତୀୟ କ୍ରୀଡ଼ା ନ୍ୟାୟାଧିକରଣ, ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ, ସୂଚନା ଅଧିକାର ନିୟମରେ ମଧ୍ୟ ଏକାଧିକ ସଂସ୍କାର ହେବା ନିଶ୍ଚିତ ମନେ ହେଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ବିସିସିଆଇ ଭଳି ଏକାଧିକ କ୍ରୀଡ଼ା ପ୍ରଶାସନ ସଂସ୍ଥା କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

## ଇଞ୍ଜିନିୟର, ଲୟଡ୍‌ଙ୍କ ନାମରେ ନାମିତ ହେଲା ଷ୍ଟାଣ୍ଡ




ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି): ପୂର୍ବତନ ଭାରତୀୟ ୱିକେଟ୍‌କିପର ଫାରୁକ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର୍ କ୍ଲାଇଭ ଲୟଡ୍‌ଙ୍କୁ ବୁଧବାର ଏଠାରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ୪ର୍ଥ ଟେଷ୍ଟ ପୂର୍ବରୁ ସ୍ଥାନୀୟ ଲଙ୍କାଶାୟର କ୍ରିକେଟ୍ କ୍ଲବ ଉଭୟ ଇଞ୍ଜିନିୟର ଓ ଲୟଡ୍‌ଙ୍କ ନାମରେ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମର ୨ଟି ଷ୍ଟାଣ୍ଡକୁ ନାମିତ କରିଛି। ଉଲ୍ଲେଖଯୋଗ୍ୟ, ୮୭ ବର୍ଷୀୟ ଇଞ୍ଜିନିୟର ୧୯୬୦ରୁ ୭୦ ଦଶକ ମଧ୍ୟରେ ଭାରତ ପାଇଁ ୪୬ ଟେଷ୍ଟ ଓ ୫ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୨୬୧୧ ଓ ୧୧୪ ରନ କରିଥିଲେ। ସେହିଭଳି ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ସେ କାଉଣ୍ଟି କ୍ଲବ ଲଙ୍କାଶାୟର ପାଇଁ ୧୭୫ ମ୍ୟାଚ୍ ଖେଳି ୫୯୪୨ ରନ ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଅବସର ପରଠାରୁ ଫାରୁକ ମାଞ୍ଚେଷ୍ଟରରେ ରହିଆସୁଛନ୍ତି। ଅପରପକ୍ଷରେ ୮୦ ବର୍ଷୀୟ ଲୟଡ୍ ୭୦ ଦଶକ ପ୍ରାରମ୍ଭରେ ଲଙ୍କାଶାୟର ପାଇଁ ମ୍ୟାଚ୍ ଖେଳିଥିଲେ।

## ଚତୁର୍ଥ ଟେଷ୍ଟ: ପ୍ରଥମ ଦିବସ

# ଜୟସ୍ୱାଲ୍‌ଙ୍କ ଅର୍ଦ୍ଧଶତକ; ନିରାଶ କଲେ ଗିଲ୍

ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି):

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ବୁଧବାରଠାରୁ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ଆଗଧାଡ଼ିର ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ବଳରେ ଶେଷ ଖବର ସୁଦ୍ଧା ୬୩

### ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ପନ୍ତ୍‌ଙ୍କ ୧୦୦୦ ରନ୍ ପୂରଣ


ଓଭରରେ ୩ ୱିକେଟ୍ ହରାଇ ୧୯୭ ରନ ସଂଗ୍ରହ କରିଛି। ଏହି ସମୟରେ ଋଷଭ ପନ୍ତ ୨୬ ଓ ସାଇ ସୁଦର୍ଶନ ୪୪ ରନ କରି ବ୍ୟାଟିଂ କରୁଛନ୍ତି। ଘରୋଇ ଦଳର କ୍ରିସ୍ ୱୋକ୍ସ, ଲିଆମ ଡସନ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ଇଂଲଣ୍ଡ ଏହି ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ତେଣୁ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ବରାବର୍ ସ୍ଥିତିକୁ ଆଣିବାକୁ ଲକ୍ଷ୍ୟ ରଖିଛି।

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପିଚ୍‌ରେ ସାମାନ୍ୟ ଘାସ ରହିଥିବାରୁ ଦ୍ରୁତ ବୋଲର୍‌ଙ୍କୁ ସହାୟତା କରିବା ଆଶା ନେଇ ଷ୍ଟୋକ୍ସ ଭାରତକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ତେବେ ଭାରତର ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ବେଶ୍ ସତର୍କତାର ସହ ପାଳି ଆରମ୍ଭ କରିଥିଲେ। ମଧ୍ୟାହ୍ନ ବିରତି ସୁଦ୍ଧା ୨୬ ଓଭରରେ ଏହି ଦୁଇ ଯୋଡ଼ି ଭାରତକୁ କୌଣସି କ୍ଷତି ହେବାକୁ ନ ଦେଇ ୭୮ ରନ ସଂଗ୍ରହ କରିଥିଲେ। ତେବେ ମଧ୍ୟାହ୍ନ ପରେ ପରେ ରାହୁଲଙ୍କ ସ୍ଲିପ୍ ଅଞ୍ଚଳରେ ଆଉଟ୍ କରି ୱୋକ୍ସ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ରାହୁଲ ୯୮ ବଲ୍ ସାମ୍ନା କରି ୪ ଚୌକା ସହ ୪୬ ରନ କରି ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ସେ ଜୟସ୍ୱାଲଙ୍କ ସହ ଓପନିଂ ୱିକେଟ୍ ଭାଗୀଦାରିରେ ୯୨ ରନ ଉଠାଇଥିଲେ। ଏହିକ୍ରମରେ ରାହୁଲ ବିଦେଶ ମାଟିରେ ଓପନର୍ ଭାବେ ଟେଷ୍ଟରେ ୧୦୦୦ ରନ ପୂରଣ କରିଥିଲେ। ଏହି ମାଇଲଖୁଣ୍ଟ ହାସଲ କରିବାରେ ସେ ସୁନିଲ ଗାଭାସ୍କରଙ୍କ ପରେ ଦ୍ୱିତୀୟ ଭାରତୀୟ ଓପନର୍ ହୋଇଛନ୍ତି। ଗାଭାସ୍କର ୩ଟି ଦେଶ ୱେଷ୍ଟଇଣ୍ଡିଜ (୧୪୦୪ ରନ), ଇଂଲଣ୍ଡ (୧୧୫୨) ଓ ପାକିସ୍ତାନ (୧୦୦୧ ରନ) ମାଟିରେ ଓପନର୍ ଭାବେ ହଜାରେରୁ ଊର୍ଦ୍ଧ୍ୱ ରନ କରିଥିଲେ।

ରାହୁଲଙ୍କ ଆଉଟ୍ ପରେ ଲୟରେ ଖେଳୁଥିବା ଜୟସ୍ୱାଲ୍ ମଧ୍ୟ ଅର୍ଦ୍ଧଶତକ ପୂରଣ କରି ପ୍ୟାଭିଲିୟନ ଫେରିଥିଲେ। ୮ ବର୍ଷ ପରେ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଥିବା ବାମହାତୀ ସ୍ପିନର ଲିଆମ ଡସନଙ୍କ ବଲରେ ଜୟସ୍ୱାଲ୍ ସ୍ଲିପରେ କ୍ୟାଚ୍ ହୋଇଥିଲେ। ସେ ୧୦୭ ବଲରେ ୫୮ ରନ କରିଥିଲେ। ତାଙ୍କୁ ଆଉଟ୍ କରିଥିବା ଡସନ ୨୯୨୮ ଦିନର ବ୍ୟବଧାନ ପରେ ଟେଷ୍ଟ ୱିକେଟ୍ ନେଇଛନ୍ତି। ନିଜର ଶେଷ ଟେଷ୍ଟରେ ୨୦୧୭ରେ ସେ ହାସିମ ଆମଲାଙ୍କୁ ଆଉଟ୍ କରିଥିଲେ। ଏହାପରେ କ୍ରିଜ୍‌କୁ ଆସିଥିବା ଅଧିନାୟକ ଶୁବମନ ଗିଲ୍ କିନ୍ତୁ ନିରାଶ କରିଥିଲେ। ସେ ମାତ୍ର ୧୨ ରନ କରିଥିବାବେଳେ ପ୍ରତିପକ୍ଷ ଅଧିନାୟକ ଷ୍ଟୋକ୍ସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ଅସମାପ୍ତ ୪ର୍ଥ ୱିକେଟ୍ ଭାଗୀଦାରିରେ ପନ୍ତ ଓ ସାଇ ସୁଦର୍ଶନ ୫୭ ରନ ଭାଗୀଦାରି କରି ଦଳକୁ ୨୦୦ ରନ ନିକଟତର କରାଇଛନ୍ତି। ପନ୍ତ ତାଙ୍କର ଏହି ପାଳିରେ ଏକ କୀର୍ତ୍ତିମାନ କରିଛନ୍ତି। ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ସେ ଇଂଲଣ୍ଡ ମାଟିରେ ଟେଷ୍ଟରେ ୧୦୦୦ ରନ ସଂଗ୍ରହ କରିଛନ୍ତି। ଏହି ମ୍ୟାଚ୍ ଖେଳି ହରିୟାଣା ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି।



କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଭାଙ୍ଗି ଯାଇଥିବା ବ୍ୟାଟ୍‌କୁ ଦେଖୁଛନ୍ତି ଜୟସ୍ୱାଲ


ଟେଷ୍ଟ କ୍ୟାପ୍ ସହ ପଦାର୍ପଣକାରୀ ଅଂଶୁଲ କାମ୍ବୋଜ୍

**ସଂକ୍ଷିପ୍ତ ସ୍କୋର**

ଭାରତର ପ୍ରଥମ ପାଳି: ୧୯୭/୩, ୬୩ ଓଭର (ପନ୍ତ-ବ୍ୟାଟିଂ-୨୬, ସୁଦର୍ଶନ- ବ୍ୟାଟିଂ- ୪୪, ରାହୁଲ- ୪୬, ଜୟସ୍ୱାଲ- ୫୮, ଗିଲ୍- ୧୨, ଷ୍ଟୋକ୍ସ- ୧/୨୪, ଡସନ୍- ୧/୨୩, ୱୋକ୍ସ- ୧/୪୦)।

# ରସେଲଙ୍କ ବିଦାୟୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପରାସ୍ତ




କିଂସଟନ, ୨୩।୭ (ଏଜେନ୍ସି): ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ସମାପ୍ତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଟି-୨୦ ମ୍ୟାଚ୍ ଖେଳି ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ବୁଧବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଫଳରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିବା ୩୭ ବର୍ଷୀୟ ରସେଲ ନିଜର ଶେଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୩ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟି-୨୦ ଶନିବାର ସକାଳେ ଖେଳାଯିବ।

ଦ୍ୱିତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୮ ୱିକେଟ୍‌ରେ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ବ୍ରାଣ୍ଡନ କିଙ୍ଗ ସର୍ବାଧିକ ୫୧ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ରସେଲ ୪ ଛକା ଓ ୨ ଚୌକା ସହ ୧୫ ବଲରୁ ୩୬ ରନ କରି ଅପରାଜିତ ରହିଥିଲେ। ଲେଗ୍-ସ୍ପିନର ଆଦାମ ଜାମ୍ପା ଅଷ୍ଟ୍ରେଲିଆ ପାଇଁ ସବୁଠୁ ସଫଳ ବୋଲର ରହିଥିଲେ। ସେ ୩ଟି ଏବଂ ଗ୍ଲେନ ମ୍ୟାକ୍ସୱେଲ୍ ଓ ନାଥନ ଏଲିସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଜୋଶ୍ ଇଂଲିଶ (୭୮) ଓ କାମେରନ ଗ୍ରୀନ (୫୬)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୫.୨ ଓଭରରେ ୨ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଇଂଲିଶ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ରସେଲଙ୍କୁ ଏକ ସ୍ୱତନ୍ତ୍ର ଉପହାର ସହ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇ ଦୁଇଥର ଟି-୨୦ ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଥିବାରୁ ଏହାକୁ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ରସେଲ କହିଛନ୍ତି।

**ରସେଲଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ୍ | ୱିକେଟ୍ | ୫୦/୧୦୦ |
|---|---|---|---|---|
| ଟେଷ୍ଟ | ୧ | ୨ | ୧ | ୦/୦ |
| ଦିନିକିଆ | ୫୬ | ୧୦୩୪ | ୭୦ | ୪/୦ |
| ଟି-୨୦ | ୮୬ | ୧୧୨୨ | ୬୧ | ୩/୦ |

### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ସେମିରେ ଅନିମେଶ, ପରନୀତ୍



ଭୁବନେଶ୍ୱର, ୨୩।୭ (ସମିସ): ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭାରତର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଏହି ରେସ୍‌ରେ ଅନିମେଶ ନିଜ ହିଟ୍ସରେ ୨୧.୧୬ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଅପରପକ୍ଷରେ ତୀରନ୍ଦାଜୀରେ ମହିଳା କମ୍ପାଉଣ୍ଡରେ ପରନୀତ୍ କୌର ମଧ୍ୟ ସେମିଫାଇନାଲରେ ପ୍ରବେଶ କରି ପଦକ ଆଶା ଉଜ୍ଜୀବିତ କରିଛନ୍ତି। ଟାଏକ୍ୱୋଣ୍ଡୋରେ ଭାରତୀୟ ମିକ୍ସଡ୍ ଟିମ୍ ଉଭୟ ରୋମାନିଆ ଓ ଇକ୍ୟୁଡର୍ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଏହାବାଦ୍ ସନ୍ତରଣରେ ରୋହିତ୍ ବେନେଡିକ୍ସନ ମାଣିକରାଜ ୫୦ ମିଟର ବଟରଫ୍ଲାଏରେ ୨୪.୦୦ ସେକେଣ୍ଡ ରେସ୍ ଫିନିଶ କରି ସେମିଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ୧୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟୋକରେ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

# ନବୀଙ୍କ ବଲ୍‌କୁ ଛକା ମାରିଲେ ପୁଅ ହାସାନ



କାବୁଲ, ୨୩।୭ (ଏଜେନ୍ସି): କ୍ରିକେଟ୍‌ରେ ଦୁଇ ଭାଇ ଏକାଠି ଖେଳିବାର ଅନେକ ନଜିର ରହିଛି। କିନ୍ତୁ ଗୋଟିଏ ମ୍ୟାଚରେ ବାପ-ପୁଅ ଏକାଠି ଖେଳିବା ବହୁତ କ୍ୱଚିତ ଦେଖିବାକୁ ମିଳିଥାଏ। ସଦ୍ୟ ଏଭଳି ଏକ ବିରଳ ଘଟଣା ଆଫଗାନିସ୍ତାନରେ ଚାଲିଥିବା ଶପାଗିଜା କ୍ରିକେଟ୍ ଲିଗ୍ ଦେଖିବାକୁ ମିଳିଛି। କାବୁଲ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଲିଗ୍‌ର ଏକ ମ୍ୟାଚରେ ଆଫଗାନିସ୍ତାନର ମହାନ ଅଲ୍‌ରାଉଣ୍ଡର ମହମ୍ମଦ ନବୀ ତାଙ୍କ ୧୮ ବର୍ଷୀୟ ପୁଅ ହାସାନ ଇସାଖିଲଙ୍କ ବିପକ୍ଷରେ ଖେଳିଥିଲେ। ଓପନିଂ ଆସିଥିବା ହାସାନ ଏହି ମ୍ୟାଚରେ ୩୬ ବଲ୍‌ରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ପାଳିରେ ସେ ପ୍ରତିପକ୍ଷ ଦଳରେ ଥିବା ତାଙ୍କ ବାପା ତଥା ୪୦ ବର୍ଷୀୟ ନବୀଙ୍କୁ ସୁଇପ୍ ସଟ୍ ଜରିଆରେ ମିଡ୍‌ୱିକେଟ୍ ଅଞ୍ଚଳରେ ଏକ ବିଶାଳ ଛକା ମାରିଥିଲେ। ହାସାନଙ୍କ ଏହି ଛକାରେ ନବୀ ସାମାନ୍ୟ ହସି ଚାଲିଯାଇଥିଲେ। ଏହି ମ୍ୟାଚରେ ନବୀଙ୍କ ଦଳ ପରାସ୍ତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ପରେ ନବୀ ଦିନିକିଆ ଫର୍ମାଟ୍‌ରୁ ଅବସର ନେବାକୁ ଘୋଷଣା କରିଥିଲେ। କିନ୍ତୁ ପରେ କହିଥିଲେ ଯେ, ସେ ତାଙ୍କ ପୁଅ ସହ ଏକାଠି ଖେଳିବାକୁ ସ୍ୱପ୍ନ ରଖିଥିବାରୁ ଏହି ଫର୍ମାଟ୍‌ରେ ଖେଳ ଜାରି ରଖିବେ। ୨୦୧୭ରେ ୱେଷ୍ଟଇଣ୍ଡିଜର ଶିବନାରିନ ଚନ୍ଦ୍ରପଲ୍ ଓ ତାଙ୍କ ପୁଅ ତାଗେନାରିନ ଚନ୍ଦ୍ରପଲ୍ ଏକ ପ୍ରଥମଶ୍ରେଣୀ ମ୍ୟାଚରେ ଏକାଠି ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ।

### ଡୁରାଣ୍ଡ କପ୍ ଉଦ୍‌ଘାଟିତ

## ୫-୦ରେ ଜିତିଲା ଇଷ୍ଟ ବେଙ୍ଗଲ

କୋଲକାତା, ୨୩।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଷ୍ଟ ବେଙ୍ଗଲ ୫-୦ ଗୋଲ୍‌ରେ ସାଉଥ୍ ୟୁନାଇଟେଡ୍ ଏଫ୍‌ସିକୁ ହରାଇ ଅଭିଯାନ ଆରମ୍ଭ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧର ଶେଷ ୧୦ ମିନିଟ୍‌ରେ ୩ଟି ଗୋଲ୍ ହୋଇଥିଲା। ଚଳିତ ସଂସ୍କରଣରେ ମୋଟ୍ ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇ ମ୍ୟାଚ୍ ଖେଳାଯିବ। ଡୁରାଣ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋସାଇଟି ଆନୁକୂଲ୍ୟରେ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍), ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡୋ, ପଶ୍ଚିମବଙ୍ଗ ସରକାରର ମିଳିତ ସହଯୋଗରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

### ରାଜ୍ୟ କ୍ରିକେଟ ଜଗତରେ କଳି

# ଗଠନ ହେବ ଓସିଏର ସମାନ୍ତରାଳ ସଂଘ!

କଟକ,୨୩।୭ (ସମିସ):

ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ବିରୋଧରେ ଏକ ନୂଆ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି। ଓସିଏ ସହ ଅନୁବନ୍ଧିତ ହୋଇ ପାରି ନ ଥିବା କେତେକ କ୍ଲବ ମେଳି ହୋଇ ସମାନ୍ତରାଳ ସଂଘ ଗଠନ କରିବାକୁ ଯୋଜନା କରିଛନ୍ତି। ଭୁବନେଶ୍ୱରରେ ଏନେଇ ବୈଠକ ଅନୁଷ୍ଠିତ ହୋଇସାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଜେପିର ଜଣେ ଆଗଧାଡ଼ିର ନେତାଙ୍କ ସାନଭାଇ ଏହାର ନେତୃତ୍ୱ ନେଉଥିବା କୁହାଯାଉଛି। ତେବେ ଏହି ସବୁ ଘଟଣାରେ ଓସିଏର ଜନୈକ ବରିଷ୍ଠ ପଦାଧିକାରୀ କହିଛନ୍ତି ଯେ, ଓସିଏକୁ ବିରୋଧ କରୁଥିବା ଏହି ଗୋଷ୍ଠୀଙ୍କ ଆଲୋଚନା ମୂଲ୍ୟହୀନ। କ୍ରିକେଟ ପ୍ରତି ଓସିଏର ଅବଦାନକୁ ନେଇ ସମସ୍ତେ ସ୍ପଷ୍ଟ ଭାବେ ଜାଣନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନୂଆ ସଂଘକୁ ଗ୍ରହଣ କରିବ ନାହିଁ। ସେମାନଙ୍କ ଯୋଜନା ଫସର ଫାଟିବ ବୋଲି ଓସିଏର ଏହି ପଦାଧିକାରୀ ଜଣକ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

୬୦ ଦଶକ ଆରମ୍ଭରୁ ଓଡ଼ିଶା କ୍ରିକେଟକୁ ସଂଗଠିତ କରିବା ଦିଗରେ ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟ କରୁଛି। ଦୀର୍ଘ ସାତ ଦଶନ୍ଧି ଭିତରେ ଅନେକ ଉତଥାନ, ପତନ ଦେଇ ଏହି ସଂଘ ଗତି କରିଛି। ତେବେ ଅନେକ ବର୍ଷ ଭିତରେ ଓଡ଼ିଶା କ୍ରିକେଟକୁ ଦୃଷ୍ଟାନ୍ତମୂଳକ ସଫଳତା ନ ମିଳିବା ପ୍ରସଙ୍ଗକୁ ଆକ୍ଷେପ କରି କିଛି କ୍ରୀଡ଼ା ସଂଗଠକ ଏବେ ନୂଆ ସଂଘ ଗଠନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦିତା କରୁ ନ ଥିଲେ ସୁଦ୍ଧା ଚର୍ଚ୍ଚାରେ ରହିଥିବା ଜଣେ ବରିଷ୍ଠ ନେତାଙ୍କ ସାନଭାଇ ଏବେ ବିଭିନ୍ନ କ୍ଲବ, କ୍ରୀଡ଼ା ସଂଗଠନକୁ ଏକଜୁଟ କରୁଛନ୍ତି। ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବାରମ୍ବାର ବୈଠକ ଡକାଯାଉଛି। ଏପରିକି କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଏହି ଗୋଷ୍ଠୀ ଯାଇଥିବା କୁହାଯାଉଛି। ତେବେ ଓସିଏ ସହ ସମାନ୍ତରାଳ ସଂଘ ଗଠନ କରାଯିବା ପ୍ରସଙ୍ଗକୁ ନେଇ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କାର୍ଯ୍ୟାଳୟରେ ମଧ୍ୟ ଆଲୋଚନା ତୀବ୍ର ହୋଇଛି। କର୍ମଚାରୀ ଓ ବରିଷ୍ଠ ପଦାଧିକାରୀଙ୍କ ଭିତରେ ଆଲୋଚନା ଜମୁଛି। ସମ୍ପ୍ରତି ନୂଆ ସଂଘକୁ ବିସିସିଆଇ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଥିଲେ ସୁଦ୍ଧା ଏଭଳି ଏକ ବଡ଼ ପ୍ରସଙ୍ଗକୁ ଅଣଦେଖା କରାଯାଇ ନ ପାରେ। ଅନ୍ୟପକ୍ଷରେ ଆଉ ଦୁଇ ମାସ ପରେ ଓସିଏର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନଜରରେ ରଖି କିଛି ଗୋଷ୍ଠୀ ଓସିଏ ବିରୋଧରେ ଏକଜୁଟ ହେଉଛନ୍ତି ବୋଲି କୁହାଯାଇଛି। ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏଭଳି ଆଲୋଚନା ଆଗକୁ ବଢ଼ିଛି ବୋଲି ଶୁଣିବାକୁ ମିଳିଛି।




**ମେଳି ହୋଇଛନ୍ତି ଅଣ-ଅନୁବନ୍ଧିତ ୟୁନିଟ**

**ଆଲୋଚନା ମୂଲ୍ୟହୀନ, ଯୋଜନା ଫସର ଫାଟିବ: ଓସିଏ**

### ସାହାଣୀ କପ୍-୨୦୨୫

## ସେମିରେ କଟକ, କୋରାପୁଟ, ସୁନ୍ଦରଗଡ଼

କଟକ,୨୩।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯାଇଥିଲା। ଏଥିରେ ବିଜୟ ସହ କଟକ, କୋରାପୁଟ ଓ ସୁନ୍ଦରଗଡ଼ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବୌଦ୍ଧ ଜୋନ୍‌ରେ ଲିଗ୍ ମ୍ୟାଚ୍ ଶେଷ ହୋଇନଥିବାରୁ ସେମିରେ ପ୍ରବେଶ କରିବାକୁ ଥିବା ୪ର୍ଥ ଦଳ ଚୂଡାନ୍ତ ହୋଇନାହିଁ।

ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ଓ କୋରାପୁଟ ଦଳ କ୍ୱାର୍ଟର ମୁକାବିଲାରେ ମୁହାଁମୁହିଁ ହୋଇଥିଲେ। ୧୦ମ ମିନିଟରେ ସୌମେଶ ମହାନ୍ତି ପ୍ରଥମ ଗୋଲ ଦେଇ ଭୁବନେଶ୍ୱରକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଖେଳର ପ୍ରଥମାର୍ଦ୍ଧ ଶେଷ ହେବାକୁ ଯାଉଥିବାବେଳେ କୋରାପୁଟ ଗୋଲ୍ ସୁଝାଇଥିଲା। ଇଞ୍ଜୁରୀ ଟାଇମ୍ ୪୬ତମ ମିନିଟରେ ଅବିନାଶ ମୁଦୁଲି ମ୍ୟାଚ୍ ବରାବର୍ ସୂଚକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୧ ତମ ମିନିଟରେ ଅବିନାଶଙ୍କ ଦ୍ୱିତୀୟ ଗୋଲ କୋରାପୁଟକୁ ବିଜୟୀ କରାଇଥିଲା। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ୫-୦ ଗୋଲରେ ଝାରସୁଗୁଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଦୀନବନ୍ଧୁ ଦାସ ହ୍ୟାଟ୍ରିକ ଗୋଲ୍ ଦେଇଥିବା ବେଳେ ପାରାଓ ଟୁଡୁ ଏବଂ ଅବିନାଶ କିଶାନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଭିତରେ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ତେବେ ଟାଇବ୍ରେକର ପଦ୍ଧତିରେ ମ୍ୟାଚ୍ ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଆଜି ବୌଦ୍ଧ ଜୋନରେ ଖେଳାଯାଇଥିବା ଦୁଇ ଲିଗ୍ ମ୍ୟାଚ୍‌ରେ ବରଗଡ଼ ଓ ଦେବଗଡ଼ ବିଜୟୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS